READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୮ ସଂଖ୍ୟା-୨୨ ୧୦ - ୧୬ ଜୁନ୍, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-22 10th - 16th JUNE, 2024 BHUBANESWAR ₹ 5/- (8 Pages)

## ମାମଲାର ହେବ ତଦନ୍ତ !

**ଭୁବନେଶ୍ୱର :** ଚିଟ୍‌ଫଣ୍ଡ ଟଙ୍କା ଖାଇଛି କିଏ ? ରତ୍ନଭଣ୍ଡାରର ଡ୍ୟୁପ୍ଲିକେଟ୍ ଚାବି କୁଆଡୁ ଆସିଲା ? କ୍ୟାବିନେଟ୍ ମନ୍ତ୍ରୀ ନବ ଦାସ ହତ୍ୟା

### ପୁରୁଣା ପେଡ଼ି ଖୋଲିବ

ଘଟଣାର ଅସଲ ଭିଲେନ୍ କିଏ ? କାହିଁକି ବାଟବଣା ହୋଇଗଲା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ତଦନ୍ତ ? ଦୀର୍ଘ



୨୫ବର୍ଷ ଧରି ଓଡ଼ିଶାରେ କ୍ଷମତାରେ ଥିବାବେଳେ ବିଜେଡି ସରକାର ଅମଳରେ ଘଟିଥିବା ଏମିତି ମାଳ ମାଳ ଲୋମଟାଙ୍କୁରା ଓ ଚର୍ଚ୍ଚିତ ଘଟଣାର ଖୋଲିବ କି ଫାଇଲ୍। ଓଡ଼ିଶାକୁ ନିର୍ବାଚନ ପ୍ରଚାରରେ ଆସି ହଜାର ହଜାର ଲୋକଙ୍କ ଆଗରେ ସିଧା ସଭାମଞ୍ଚରୁ ଖୋଦ୍ ମୋଦିଙ୍କଠୁ ଶାହଙ୍କ ଯାଏଁ ଏସବୁ ମାମଲାର ତଦନ୍ତ ପାଇଁ ଦେଇଥିବା ଗ୍ୟାରେଣ୍ଟି ଉପରେ ଆରମ୍ଭ ହୋଇଗଲାଣି ଆଲୋଚନା। ପୁରୀରେ ସେବାୟତ ବି କହିଲେଣି- ମୋଦି ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପାଳନ କରନ୍ତି। ରତ୍ନଭଣ୍ଡାରର ଡୁପ୍ଲିକେଟ୍ ଚାବି କିଏ ଓ କାହିଁକି ତିଆରି କରିଥିଲେ ? ପରିକ୍ରମା ପ୍ରକଳ୍ପ ନାଁରେ ୪୨ ଶହ କୋଟି ଟଙ୍କା କେଉଁମାନେ ଖାଇଲେ ? ୪ଦ୍ୱାର ନଖୋଲିବାକୁ କିଏ ନିର୍ଦ୍ଦେଶ ଦେଇଥିଲେ ? ଏ ସବୁ ଗୋଟି ଗୋଟି କରି ଲୋକଲୋଚନକୁ ଆସିଯିବ। କେବଳ ନୂଆ ବିଜେପି ସରକାରର ଶପଥ ଗ୍ରହଣକୁ ଅପେକ୍ଷା। ସେମିତି କଳଙ୍କି ଲାଗିଥିବା ଚିଟ୍‌ଫଣ୍ଡ ଘୋଟାଲାର ପେଡ଼ି ପୁନଃ ➤ ପୃ-୬

### ବିଜେଡିର ସର୍ଭେ ରିପୋର୍ଟ

## କିଏ ଲୁଚାଇଥିଲା ସତ ?

**ଭୁବନେଶ୍ୱର :** ଓଡ଼ିଶାରେ ଦୀର୍ଘ ୨୪ବର୍ଷ ଶାସନରେ ରହିବା ପରେ ମଙ୍ଗଳବାର ବିଜୁ ଜନତା ଦଳ (ବିଜେଡି) ସରକାରର ପତନ ଘଟିଛି। ତେବେ ବିଜେଡିର ଶୋଚନୀୟ ପରାଜୟକୁ ନେଇ କାରଣ ଖୋଜା ଚାଲିଛି। କିଏ କହୁଛି ପାଣ୍ଡିଆନ୍ ଏହାର ମୁଖ୍ୟ କାରଣ ତ ଆଉ କିଏ କହୁଛି ଉଭୟ ପାଣ୍ଡିଆନ୍ ଏବଂ ନବୀନ ହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ଏସବୁ ଭିତରେ ଏକ ବଡ଼ କାରଣ ସାମ୍ନାକୁ ଆସିଛି । କୁହାଯାଉଛି, ବର୍ଷକ ତଳୁ ବିଜେଡି ନିର୍ବାଚନ ପରିଚାଳନା ନେଇ ଗ୍ରାଉଣ୍ଡରୁ ଏକ ଇଣ୍ଟରନାଲ ସର୍ଭେ କରିଥିଲା। କିପରି ପ୍ରାର୍ଥୀ ଚୟନ କରାଯିବ, କାହାକୁ ଟିକେଟ୍ ଦିଆଯିବ। ସେନେଇ ସର୍ଭେ କରାଯାଇଥିଲା। ଯେତେବେଳେ ରାଜ୍ୟରେ ଭାଜପା ସମର୍ଥନରେ ଏକ ଅଣ୍ଡର କରେଣ୍ଟ ଥିଲା,ସେତେବେଳେ ବିଜେଡି ସର୍ଭେ ରିପୋର୍ଟ କେମିତି ଓଲଟା ଦର୍ଶାଯାଉଥିଲା, ତାକୁ ନେଇ ଏବେ ଉଠିଛି ପ୍ରଶ୍ନ। ୨୦୨୩ ମେ ଜୁନ୍ ମାସ, ଅର୍ଥାତ ନିର୍ବାଚନର ପ୍ରାୟ ବର୍ଷକ ପୂର୍ବରୁ ବିଜେଡିରେ ଇଣ୍ଟରନାଲ ସର୍ଭେ ଅର୍ଥାତ୍ ଆଭ୍ୟନ୍ତରୀଣ ସର୍ଭେ ଆରମ୍ଭ ହୋଇଯାଇଥିଲା। ପ୍ରାର୍ଥୀ କିପରି ଚୟନ କରାଯିବ, କାହାକୁ ଟିକେଟ ଦେଲେ ଭଲ ହେବ, କାହାକୁ ଟିକେଟ ଦେଲେ ଭୁଲ ହୋଇଯିବ, କାହାକୁ ଟକେଟ ଦେଲେ ଭଲ ସମର୍ଥନ ମିଳିବ ଏ ସବୁକୁ ନେଇ ଆଭ୍ୟନ୍ତରୀୟର ସର୍ଭେ କରାଗଲା। କୁହାଗଲା ଜାତୀୟ ସ୍ତରର ପ୍ରଫେସନାଲ ସର୍ଭେ ଏଜେନ୍ସିକୁ ନେଇ ଏହି ସର୍ଭେ କରାଯାଇଥିଲା। ସର୍ଭେର ରିପୋର୍ଟ ଅନୁସାରେ ଟିକେଟ ଦିଆଯିବା ନେଇ ମଧ୍ୟ ନିଷ୍ପତ୍ତି ନିଆଗଲା। ମିଳିଥିବା ସୂଚନା ଅନୁସାରେ ୨୦୨୩ ମେ' ଜୁନ୍ ପରଠାରୁ ୨୦୨୪ ମେ' ମାସ ପର୍ଯ୍ୟନ୍ତ ➤ ପୃ-୬

## ଦାଗୀ ବିଧାୟକଙ୍କ ସଂଖ୍ୟା ବଢୁଛି

**ଭୁବନେଶ୍ୱର :** ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ବିଜୟୀ ହୋଇ ଆସିଥିବା ପ୍ରାର୍ଥୀଙ୍କ ଭିତରେ କ୍ରମଶଃ ଗୁରୁତର ଅପରାଧିକ ମାମଲା ଥିବା ପ୍ରାର୍ଥୀଙ୍କ ସଂଖ୍ୟା ବଢୁଥିବା ଦେଖିବାକୁ ମିଳିଛି। ୨୦୦୯ ପରଠାରୁ ୨୦୨୪ ପର୍ଯ୍ୟନ୍ତ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ, ଗୁରୁତର ମାମଲା ଥିବା ବିଧାୟକଙ୍କ ପ୍ରତିଶତ ୨୧ରୁ ୪୬ ପ୍ରତିଶତକୁ ବଢ଼ିଯାଇଛି। ୫ ବର୍ଷରୁ ଅଧିକ ଦଣ୍ଡ ପାଇବାର ଆଶଙ୍କା ଥିବା ମାମଲାଗୁଡ଼ିକୁ ଗୁରୁତର ଅପରାଧିକ ମାମଲାରେ ରଖିଛି ଏଡିଆର ବା




ଆସୋସିଏସନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ। ସେହିଭଳି ଦିନକୁ ଦିନ କୋଟିପତି ବିଧାୟକଙ୍କ ସଂଖ୍ୟା ବଢୁଛି। ୨୦୦୯ରୁ ୨୦୨୪ ମଧ୍ୟରେ ହୋଇଥିବା ୪ଟି ସାଧାରଣ ନିର୍ବାଚନକୁ ଦେଖିଲେ କୋଟିପତି ବିଧାୟକଙ୍କ ପ୍ରତିଶତ ୨୨ରୁ ୭୩ରେ ପହଁଚିଛି। ➤ ପୃ-୬

### ବିଜେପି-ଟିଡିପି ମେଣ୍ଟ; ଆନ୍ଧ୍ରକୁ ପୋଲାଭରମ୍ ଲାଭ


## ବଢ଼ିବ ଓଡ଼ିଶାର ଦୁଃଖ

**ଭୁବନେଶ୍ୱର :** ପୋଲାଭରମ ପ୍ରକଳ୍ପ। ଗୋଦାବରୀ ନଦୀରେ ଏହି ପ୍ରକଳ୍ପ ହେବା ପରେ ବୁଡ଼ି ଯିବ ଓଡ଼ିଶାର ହଜାର ହଜାର ହେକ୍ଟର ଜମି। ଜଙ୍ଗଲ ବି ବୁଡ଼ିବ। ବିସ୍ଥାପିତ ହେବେ ହଜାର ହଜାର ଆଦିବାସୀ। ଏବେ କେନ୍ଦ୍ର ସରକାରରେ ଟିଡିପି ସାମିଲ ହୋଇଥିବାରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କ ଡର ଆହୁରି ବଢ଼ିଲାଣି। କାରଣ ଚାପ ପକାଇ ଏହି ପ୍ରକଳ୍ପର କାମକୁ ତ୍ୱରାନ୍ୱିତ କରିବ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି। ପ୍ରଭାବିତ ହେବାକୁ ଥିବା ମାଲକାନଗିରି



ମୋଟୁ ଅଞ୍ଚଳର ଆଦିବାସୀ କ'ଣ କରିବେ, ସେମାନଙ୍କୁ କିଛି ବୁଦ୍ଧି ବାଟ ଦିଶୁ ନାହିଁ। ଏନଡିଏ ସରକାରରେ ଟିଡିପି ସାମିଲ ହେଉଥିବାରୁ ଓଡ଼ିଶାରେ ଛନକା। ବିଶେଷ କରି ମାଲକାନଗିରି ଜିଲ୍ଲା ମୋଟୁ ଅଞ୍ଚଳର ଲୋକଙ୍କ ଚିନ୍ତା ବଢ଼ିଲାଣି। ସେମାନଙ୍କ ଆଶଙ୍କା, ଏବେ ବିବାଦୀୟ ପୋଲାଭରମ ପ୍ରକଳ୍ପକୁ ତୁରନ୍ତ ସଂପୂର୍ଣ୍ଣ କରିବାକୁ କେନ୍ଦ୍ର ଉପରେ ଚାପ ପକାଇ ପାରେ ଟିଡିପି। ଏଥିପାଇଁ କଂଗ୍ରେସର ୱାଇଏସ୍ ଶର୍ମିଳା ମଧ୍ୟ ଟିଡିପିକୁ ଆହ୍ୱାନ ଦେଲେଣି। ଗୋଦାବରୀ ନଦୀରେ ପ୍ରସ୍ତାବିତ ପୋଲାଭରମ ପ୍ରକଳ୍ପ ହେଲେ ଆନ୍ଧ୍ର ସିନା ବହୁତ ଫାଇଦା ପାଇବ, ହେଲେ କ୍ଷତିଗ୍ରସ୍ତ ହେବେ ମାଲକାନଗିରିର ବହୁ ଆଦିବାସୀ। ବୁଡ଼ିଯିବ ପ୍ରାୟ ୭ ହଜାର ହେକ୍ଟର ଜମି। ➤ ପୃ-୬


## ସଶକ୍ତ ବିରୋଧୀ, ଶାଣିତ ହେବ ସ୍ୱର



**ଭୁବନେଶ୍ୱର :** ରାଜ୍ୟ ରାଜନୀତିରେ ନୂଆ ସମୀକରଣ। ୨୪ ବର୍ଷ ପରେ ଓଡ଼ିଶା ପାଇଛି ସଶକ୍ତ ବିରୋଧୀ ଦଳ। ବିରୋଧୀ ଦଳ ଭାବେ ବିଜେଡି ପ୍ରଥମ ଥର ପାଇଁ ଲୋକଙ୍କ ସ୍ୱରକୁ କରିବ ଶାଣିତ। ସମୟ ଅନୁଯାୟୀ ସବୁ ପ୍ରସଙ୍ଗ ଉଠାଇବାକୁ ବିଜେଡି ପ୍ରସ୍ତୁତ। ସେପଟେ ବିଧାନସଭାରେ କଂଗ୍ରେସ ଆସନ ସଂଖ୍ୟା ବୃଦ୍ଧି ପାଇଥିବାରୁ ଦଳରେ ଉତ୍ସାହ। ନୂଆ ସମୀକରଣକୁ ନେଇ ରାଜ୍ୟ ରାଜନୀତି ଉଷ୍ମ। ୨୪ରେ ମିଳିଲା ସଶକ୍ତ ବିରୋଧୀ ଦଳ। ପ୍ରଥମ ଥର ପାଇଁ ବିରୋଧୀ ଦଳ ଭୂମିକାରେ ବିଜେଡି। ଜନସେବା ସହ ସମସ୍ୟା ସମାଧାନକୁ ଦଳର ଫୋକସ। ବିଧାୟକ ସଂଖ୍ୟା ବୃଦ୍ଧି ପାଇଁ କଂଗ୍ରେସ ବି ଉତ୍ସାହିତ। ବିଜେପି କହିଲା- ବିରୋଧୀଙ୍କୁ ସାମ୍ନା କରିବା ପାଇଁ ପ୍ରସ୍ତୁତ। ପ୍ରଥମ ଥର ଲାଗି ଓଡ଼ିଶାବାସୀ ବିଜେପିକୁ ଶାସକ ଦଳର ମାନ୍ୟତା ଦେବା ସହ ବିଜେଡି ଓ କଂଗ୍ରେସକୁ ସଶକ୍ତ ବିରୋଧୀ ଦଳ ଭାବେ ଉଭା କରିଛନ୍ତି। ➤ ପୃ-୬

## ନିର୍ବାଚନ ସରିଲା, ଦରଦାମ ବଢ଼ିଲା

**ଭୁବନେଶ୍ୱର :** ସରିଲା ନିର୍ବାଚନ। ଏବେ ମହଙ୍ଗା ମାଡ। ସବୁ ଖାଦ୍ୟ ସାମଗ୍ରୀ ଦର ଆକାଶଛୁଆଁ। ଚାଉଳ, ଡାଲି, ତେଲ ସବୁର ଦାମ ହୁ ହୁ ବଢୁଛି। ଆଳୁ ପିଆଜ କଥା ନ କହିବା ଭଲ। ପିଆଜ ଉତ୍ପାଦନ ପର୍ଯ୍ୟାପ୍ତ ଥାଇ ବି ଦର ସ୍ଥାନୀୟ ବଜାରରେ ୪୦ ଟଙ୍କା ଛୁଇଁଲାଣି। ପିଆଜକୁ କର୍ପୋରେଟ୍ ସଂସ୍ଥା ହୋର୍ଡିଂ କରି କୃତ୍ରିମ ଅଭାବ ସୃଷ୍ଟି କରୁଥିବାରୁ ପିଆଜ ଦାମ ବଢୁଥିବା କହିଛି ବ୍ୟବସାୟୀ ମହାସଂଘ। ସେପଟେ କେନ୍ଦ୍ର ସରକାରଙ୍କ ଖାଉଟି ମାରଣ ନୀତିକୁ ଦାୟୀ କରିଛନ୍ତି ରାଜନେତା ଓ ବ୍ୟବସାୟୀ। ଖରା ତାତିକୁ ବଳିଗଲାଣି ବଜାର ତାତି। ନିର୍ବାଚନ ପରେ ହୁ ହୁ ହୋଇ ବଢିଚାଲିଛି ଖାଦ୍ୟ ସାମଗ୍ରୀ ଦର। ଲଗାମ ଛଡ଼ା ବଜାର। ବେହାଲ ଖାଉଟି। କିନ୍ତୁ କେହି ଉଁ କି ଚୁଁ ପଦେ କହୁନାହାନ୍ତି। ବାସ୍ ଦୋକାନ ଗଲେ ଖାଉଟି କାନ ମୁଣ୍ଡା ଆଉଁସି



ଗଣୁଛନ୍ତି ଚଢ଼ା ଦର। ଆଳୁ କିଲେ ୩୦କୁ ପିଆଜ କିଲୋ ୪୦। ପ୍ରତ୍ୟେକ ପ୍ରକାର ଡାଲି ଦରରେ ୨୦ ଟଙ୍କା ବୃଦ୍ଧି ହୋଇଥିବାବେଳେ ସୋରିଷ ତେଲ ଓ ପାମୋଲିନ୍ ତେଲ ଦର ମଧ୍ୟ ବଢି ଚାଲିଛି। ଏପରିକି ପାଇକରୀ ବଜାରରେ ଚାଉଳ ଦର ମଧ୍ୟ ୩ ଶହରୁ ୪ ଶହ ଟଙ୍କା ବଢ଼ିଛି। କେତେବେଳେ ଉତ୍ପାଦନ କମ୍ ତ କେତେବେଳେ କର୍ପୋରେଟ୍ ସଂସ୍ଥାଙ୍କ ମନମାନି। ନିର୍ବାଚନ ପ୍ରକ୍ରିୟାର ଘୋ ଘା ଭିତରେ ବଜାର ଉପରେ ଯେପରି କାହାରି ନିଘା ନାହିଁ। ଖୋଦ ବ୍ୟବସାୟୀ ମହାସଂଘ କହିବା କଥା ଧାନର ଏମ୍‌ଏସପି ବୃଦ୍ଧି ନେଇ ଏଥରକ ନିର୍ବାଚନ ପ୍ରସଙ୍ଗ ହୋଇଥିଲା। ଗାଁ ଗହଳିରେ ଲୋକେ ଚାଷ ଉପରେ ଆଉ ସେତେଟା ମନ ଦେଉନାହାନ୍ତି। ଫଳରେ ଚାହିଦା ତୁଳନାରେ ଉତ୍ପାଦନ କମ୍ ହେଉଛି। ସେପଟେ ମନଇଚ୍ଛା କର୍ପୋରେଟ୍ ସଂସ୍ଥା ହୋର୍ଡ଼ିଂ କରି ବଜାରରେ ନାହିଁ ନଥିବା କୃତ୍ରିମ ଅଭାବ ସୃଷ୍ଟି କରିଚାଲିଛନ୍ତି। କେନ୍ଦ୍ର ସରକାର ➤ ପୃ-୬

### ବକ୍ରବାଣୀ



ଜନତା ଏମିତି କିମିଆ କଲା
ଅବୀଜା ଗୋଖର ଢମଣା ହେଲା
ସିଂହାସନ ମଧ୍ୟେ ଗୁଡାଏ କଣ୍ଟା
ବସିଲେ ତହିଁରେ ବିନ୍ଧିବ ଅଣ୍ଟା
ସିଂହାସନ ଲୋଭ ପ୍ରବଳ ଅତି
ବାହାରୁ ତହିଁରୁ ଯେତେ ବା ତାଡି
ଦେଶସେବା ଲୋଭ ଛାଡିବା କଷ୍ଟ
ନହେଲେ ହୋଇବ ଦେଶଟା ନଷ୍ଟ
ମନେ ରଖିଥାଅ ଆରେ ମୋ ଭାଇ
ଜନ୍ମ ଥିଲେ ମୃତ୍ୟୁ ଅବଶ୍ୟ ଥାଇ।

——— ଟୁଟୁ

## ବିଜେଡିର ବିଭୀଷଣ ପାଣ୍ଡିଆନ

**ଲକ୍ଷ୍ମୀପୁର :** ସରକାରୀ କଳର ଅପବ୍ୟବହାର ବିଜେଡ଼ି ଦଳକୁ ମାହାଙ୍ଗା ପଡ଼ିଛି। ଦୀର୍ଘ ୨୫ ବର୍ଷ ଧରି ଓଡ଼ିଶାରେ ରାଜ୍ ଚଳାଇଥିବା ବିଜେଡି ଦଳର ନବୀନ ସରକାରଙ୍କୁ ଶକ୍ତ ଝଟକା ଦେଇ ବିଜେପି ଓଡ଼ିଶା ରାଜ୍ୟକୁ

### ଜନତାଙ୍କ ସ୍ୱର

ପ୍ରଥମ କରି ଅକ୍ତିଆର କରି ନେଇଛି। ଭି.କେ ପାଣ୍ଡିଆନ ଯେଉଁଭଳି ସରକାରୀ ବାବୁଙ୍କୁ ଦଳି ଚକଟି ବ୍ୟବହାର କରୁଥିଲେ ତାର କୁ ପ୍ରଭାବ ଦଳକୁ ଭସ୍ମ କରିଛି ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି। ଏଥି ସହ ରାଜ୍ୟ ସରକାର ନବୀନ ବାବୁଙ୍କ ମାଳମାଳ ସ୍କିମ୍, ବହୁଳ ପରିମାଣର ବିଜ୍ଞାପନ ଏଠି ଫେଲ୍ ମାରିଛି। ପୋଲିସ ପ୍ରଶାସନର ଅପବ୍ୟବହାର କୌଣସି କାମକୁ ଦେଲାନି। ବିଜେଡ଼ି ନେତା ଏଠି ମନ



ମୁଖି କାମ ଚଳାଇଲେ। ତାଙ୍କ ଲୋକ ଏଠି ବଡ ବଡ କାମ ନେଇ ମଲାମାଲ ହେଲେ। ଏପରିକି କିଛି ଟାଉଟର କୁଜି ନେତାଙ୍କ ସମ୍ପତି ବଢ଼ି ଚାଲିଲା। ହେଲେ ଲୋକେ ଜେମିତିକୁ ସେମିତି ରହିଗଲେ। କାମ ଧନ୍ଦା ମିଳିଲାନି, ବାହାର ରାଜ୍ୟକୁ ଦାଦନ ଖଟିବାକୁ ଜିବା ପାଇଁ ବାଧ ହେଲେ। ନବୀନ ସରକାରଙ୍କ ଅମଳରେ କେବଳ ଟଙ୍କିକିଆ ଚାଉଳ ଛାଡ଼ି ଦେଲେ ଆଉ କୌଣସି ଯୋଜନା ଗରିବ ଗୁରୁବାଙ୍କୁ ମିଳିଲାନି, ଖାଦ୍ୟ ଶସ୍ୟ ଦର ଆକାଶ ଛୁଆଁ ହେଲା। ସବୁ ବର୍ଗର ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ଏଥି ସହ ରାଜ୍ୟ ସରକାରଙ୍କୁ ଚଳାଉଥିବା ପାଣ୍ଡିଆନ ଉପରେ ରାଜ୍ୟବାସୀ କ୍ଷୁବ୍ଧ ଥିଲେ। ସମୟକୁ କେବଳ ସଭିଏଁ ଅପେକ୍ଷା କରି ରହି ୨୦୨୪ରେ ପାନେ ଦେଲେ। ନିଜ ସ୍ତ୍ରୀଙ୍କୁ ମିଶନ ଶକ୍ତି ଉଚ୍ଚ ପଦବୀରେ ବସାଇ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ହାତବାରିଶି ସାଜିଥିଲେ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଏ ସଭିଏଁ ଯେତିକି ଭୟଭୀତ ନଥିଲେ ପାଣ୍ଡିଆନର ଗସ୍ତ ସମୟରେ ନିଜ ନିଜ ପଦବୀକୁ ବଞ୍ଚାଇବା ପାଇଁ ତାଠୁ ଅଧିକ ଭୟଭୀତ ରହୁଥିଲେ। ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପରେ ବୋଲି ଭାବୁଥିବା ଭି.କେ ପଣ୍ଡିଆନଙ୍କୁ ନେଇ ପୋଲିସ ବିଭାଗ ଠାରୁ ଆରମ୍ଭ କରି ସବୁ କର୍ମଚାରୀ ମାନେ ମଧ୍ୟ ଭୟଭୀତ ରହୁଥିଲେ। ଏପରିକି କାଳେ ତାଙ୍କ ହତା କର୍ତ୍ତା ଦୈବ ବିଧାତାଙ୍କ କଥା ପଦାରେ ➤ ପୃ-୬

### ନବ ନିର୍ବାଚିତ ୫୦୪ ସାଂସଦ କୋଟିପତି

## ଟିଡିପିର ଚନ୍ଦ୍ରଶେଖର ସବୁଠୁ ଧନୀ

**ନୂଆଦିଲ୍ଲୀ :** ନିର୍ବାଚନ କମିସନ (ଇସି)ଙ୍କ ପକ୍ଷରୁ ଲୋକସଭାର ୫୪୩ ଆସନର ଫଳାଫଳ ଚଳିତମାସ ୪ରେ ଘୋଷିତ ହୋଇସାରିଛି। ତେବେ ନିର୍ବାଚିତ ସାଂସଦଙ୍କ ମଧ୍ୟରେ ୯୩ ପ୍ରତିଶତ କୋଟିପତି ବୋଲି ନିର୍ବାଚନ ଉପରେ ନଜର ରଖୁଥିବା ସଂସ୍ଥା ଏଡିଆର (ଆସୋସିଏସନ ଫର ଡେମୋକ୍ରାଟି ରିଫର୍ମସ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୫୪୩ ମଧ୍ୟରୁ ୫୦୪ ସାଂସଦ କୋଟିପତି ତାଲିକାଭୁକ୍ତ ହୋଇଛନ୍ତି। ନବ ନିର୍ବାଚିତଙ୍କ ମଧ୍ୟରେ ବିଜେପିର ସର୍ବାଧିକ ୨୪୦ ସାଂସଦ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୨୭ ଜଣ (୯୫ ପ୍ରତିଶତ) ହେଉଛନ୍ତି କୋଟିପତି। ସେମାନଙ୍କର ହାରାହାରି ସମ୍ପତ୍ତି ପରିମାଣ ୫୦.୦୪ କୋଟି ଟଙ୍କା ବୋଲି ରିପୋର୍ଟରୁ ଜଣାପଡିଛି। ତେବେ ଟିଡିପି



ସାଂସଦଙ୍କ ହାରାହାରି ସମ୍ପତ୍ତି ୪୪୨. ୨୬ କୋଟି ଟଙ୍କା ବୋଲି ଜଣାପଡିଛି। ଅପରପକ୍ଷରେ ୯୯ ଆସନ ଅକ୍ତିଆର କରିଥିବା କଂଗ୍ରେସ ଦଳର ୯୩ ପ୍ରତିଶତ ସାଂସଦ କୋଟିପତି ବୋଲି ଜଣାପଡିଛି। ୫୭୦୫ କୋଟିର ➤ ପୃ-୬

## କଣ୍ଟାବାଞ୍ଜିରେ ନବୀନଙ୍କ କଣ୍ଟା ସାଜିଲେ ଲକ୍ଷ୍ମଣ

**ଭୁବନେଶ୍ୱର :** ଏଥର ନିର୍ବାଚନର ଅନ୍ୟତମ ଚର୍ଚ୍ଚିତ ଆସନ ଥିଲା କଣ୍ଟାବାଞ୍ଜି। କାରଣ ସେଠାରୁ ପ୍ରାର୍ଥୀ ହୋଇଥିଲେ ନବୀନ ପଟ୍ଟନାୟକ। କିନ୍ତୁ ଫଳାଫଳ ଚକିତ କରିଦେଲା ସମସ୍ତଙ୍କୁ। ନବୀନ ସ୍ୱପ୍ନରେ ବି ଭାବି ନଥିବେ ଯେ ସେଠାରୁ ପରାସ୍ତ ହୋଇଯିବେ। ପୁଣି ପରାସ୍ତ ହେଲେ କାହାଠାରୁ ? ଲକ୍ଷ୍ମଣ ବାଗଙ୍କ ଠାରୁ। ଯାହାଙ୍କୁ ହୁଏତ ତାଙ୍କ ଅଞ୍ଚଳ ବା ଜିଲ୍ଲା ବା ଆଖପାଖ କିଛି ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲାର ଲୋକେ ଜାଣି ନଥିବେ। ଯଦିଓ ସେ ପୂର୍ବରୁ ନିର୍ବାଚନ ଲଢ଼ିଛନ୍ତି, କିନ୍ତୁ କଣ୍ଟାବାଞ୍ଜିର ଅନ୍ୟତମ ବଡ଼ ନେତା ତଥା ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜାଙ୍କ ଭଳି ସାରା ରାଜ୍ୟରେ ସେ ଜଣାଶୁଣା ନଥିଲେ। ହେଲେ ଏବେ ଲକ୍ଷ୍ମଣ ବାଗ ସାରା ରାଜ୍ୟରେ ଏକ ଜଣାଶୁଣା ନାଁ। ସମସ୍ତେ ତାଙ୍କ ବିଷୟରେ ଜାଣିବାକୁ ଚାହୁଁଛନ୍ତି। କାରଣ ସେ ନିରବଚ୍ଛିନ୍ନ ଭାବେ ୨୪ ବର୍ଷରୁ ଅଧିକ ସମୟ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଚୌକିରେ ବସିଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଛନ୍ତି। ଲକ୍ଷ୍ମଣ ବାଗଙ୍କ ଗାଁ ନାଁ ଖୁଟୁଲୁମୁଣ୍ଡା। ବଲାଙ୍ଗିର ଜିଲ୍ଲାର ଦାଦନ ପ୍ରବଣ ତୁରେକେଲା ବ୍ଲକର ହିଆଁଲ ପଞ୍ଚାୟତ ପଞ୍ଚାୟତରେ ଅଛି ଏହି ଗାଁ। ଖୁଟୁଲୁମୁଣ୍ଡା ଗାଁର ସ୍ୱର୍ଗତ ଶଙ୍କର ବାଗଙ୍କର ୬ ପୁଅ ଭିତରେ ଲକ୍ଷ୍ମଣ ହେଉଛନ୍ତି ସବୁଠୁ ସାନ। ଲକ୍ଷ୍ମଣଙ୍କ ଦୁଇ ଜଣ ଭାଇଙ୍କର ଦେହାନ୍ତ ହୋଇସାରିଲାଣି। ଏବେ ସେମାନେ ଚାରି ଭାଇ ଅଛନ୍ତି। ଲକ୍ଷ୍ମଣଙ୍କ ବାପା ଶଙ୍କର ବାଗ ଜଣେ ଚାଷୀ ଥିଲେ। ତାଙ୍କ ପୁଅମାନେ ମଧ୍ୟ ଚାଷ କାମ କରୁଛନ୍ତି। ଚାଷ କରିବା ସହିତ ସେମାନେ



ରାଜନୀତି କରୁଛନ୍ତି। ଲକ୍ଷ୍ମଣଙ୍କ ଭାଇମାନେ ବିଭିନ୍ନ ପଞ୍ଚାୟତରୁ ନିର୍ବାଚନ ଲଢ଼ି କିଏ ସରପଞ୍ଚ ତ ଆଉ କିଏ ସମିତି ସଭ୍ୟ ହୋଇଥିଲେ। ତାଙ୍କର ଜଣେ ଭାଉଜ ବ୍ଲକ ଅଧ୍ୟକ୍ଷ ମଧ୍ୟ ଥିଲେ। କିନ୍ତୁ ରାଜନୀତିରେ ବେଶ୍ ସକ୍ରିୟ ଥିବା ଲକ୍ଷ୍ମଣ ବାଗ ସିଧା ଲଢ଼ିଥିଲେ ବିଧାନସଭା ନିର୍ବାଚନ। ଏ ଯେଉଁ ସଫଳତା ଲକ୍ଷ୍ମଣ ପାଇଛନ୍ତି, ସେ ପର୍ଯ୍ୟନ୍ତ ପହଞ୍ଚିବାକୁ ତାଙ୍କୁ ଅନେକ କଷ୍ଟ କରିବାକୁ ପଡ଼ିଛି। ନିଜ ପେଟ ପୋଷିବାକୁ, ପରିବାରର ପ୍ରତିପୋଷଣ କରିବାକୁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଛି। ଲକ୍ଷ୍ମଣ କହିଛନ୍ତି- ୧୨/୧୩ ବର୍ଷ ହୋଇଥିବା ବେଳେ ୩ ଟଙ୍କାରେ ଶ୍ରମିକ ଭାବେ କାମ କରୁଥିଲି। ସେତେବେଳେ ମୋର ପରିସ୍ଥିତି ସେମିତି ଥିଲା। ମୋ ପରିବାରର ଦାୟିତ୍ୱ ନେବା ପାଇଁ ଚାଷବାସ କରୁଥିଲି। ଟ୍ରକ୍ରେ ହେଲ୍ପର ବି ଥିଲି। ଗେଟି, ପଥର ଉଠାଉଥିଲି। କିନ୍ତୁ ସବୁବେଳେ ନିଜ ଉପରେ ବିଶ୍ୱାସ ଥିଲା। ୨୦୧୪ରେ ଲକ୍ଷ୍ମଣ କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ ବିଜେପି ଟିକେଟରେ। ସେ ୩୦ ହଜାର ୯୬୧ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ। ସେଥର ଏହି ଆସନରୁ ବିଜୟୀ ହୋଇଥିଲେ ବିଜେଡି ନେତା ଆୟୁବ ଖାଁ। ୨୦୧୯ ନିର୍ବାଚନରେ ଲକ୍ଷ୍ମଣ ବାଗ ପୁଣି ଥରେ କଣ୍ଟାବାଞ୍ଜି ଆସନରୁ ପ୍ରାର୍ଥୀ ହୋଇଥିଲେ। କଂଗ୍ରେସର ସନ୍ତୋଷ ସିଂହ ସାଲୁଜାଙ୍କ ସହିତ ତାଙ୍କର ହୋଇଥିଲା କଡ଼ା ଟକ୍କର। ମାତ୍ର ୧୨୮ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ ଲକ୍ଷ୍ମଣ ବାଗ। ସନ୍ତୋଷ ସିଂହ ସାଲୁଜାଙ୍କୁ ୬୪ ହଜାର ୨୪୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଲକ୍ଷ୍ମଣ ବାଗଙ୍କୁ ମିଳିଥିଲା ୬୪ ହଜାର ୧୧୮ ଖଣ୍ଡ ଭୋଟ୍ ମିଳିନଥିଲା। ଦୁଇ ଥର ପରାସ୍ତ ହେବା ପରେ ଲକ୍ଷ୍ମଣ ବାଗ ନିରାଶ ହୋଇ ନଥିଲେ କି ବିଜେପିର ତାଙ୍କ ଉପରୁ ଭରସା ଉଠିଯାଇ ନଥିଲା। ତେଣୁ ଦଳ ତାଙ୍କୁ ଏଥର ମଧ୍ୟ କଣ୍ଟାବାଞ୍ଜିରୁ ପ୍ରାର୍ଥୀ କରିଥିଲା। ➤ ପୃ-୬

# କେନ୍ଦ୍ରୀୟ ଏଜେନ୍ସିର ବିଫଳତା ପାଇଁ ଖସିଗଲେ ମାଲ୍ୟା, ମୋଦି, ଚୋକସି


**ନୂଆଦିଲ୍ଲୀ :** ନିକଟରେ ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ କହିଛନ୍ତି ଯେ ବହୁ କୋଟି ଡଲାର ସ୍କାମରେ ସମ୍ପୃକ୍ତ ଥିବା ନୀରବ ମୋଦୀ, ମେହୁଲ ଚୋକସି ଏବଂ ବିଜୟ ମାଲ୍ୟା ଦେଶ ଛାଡି ପଳାଇବାରେ ସଫଳ ହୋଇଥିଲେ କାରଣ ଅନୁସନ୍ଧାନକାରୀ ସଂସ୍ଥା ସେମାନଙ୍କୁ ଠିକ୍ ସମୟରେ ଗିରଫ କରିବାରେ ବିଫଳ ହୋଇଥିଲା। ମନି ଲଣ୍ଡରିଂ ଆଇନ (ପିଏମଏଲଏ) ଅନୁଯାୟୀ ଅଭିଯୁକ୍ତଙ୍କ ଜାମିନ ସର୍ତ୍ତରେ ପରିବର୍ତ୍ତନ ଆଣିବାକୁ ଏକ ଆବେଦନ ଶୁଣାଣିବେଳେ ସ୍ୱତନ୍ତ୍ର ବିଚାରପତି ଏମଜି ଦେଶପାଣ୍ଡେ ଏହି ମନ୍ତବ୍ୟ ଦେଇଛନ୍ତି। ମେ ୨୯ରେ ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ଭାୟୋମେଶ ଶାହାଙ୍କ ଆବେଦନକୁ କୋର୍ଟ ଗ୍ରହଣ କରିଥିଲେ, ଯେଉଁଥିରେ ସେ ବିଦେଶ ଯାତ୍ରା ପାଇଁ କୋର୍ଟଙ୍କ ଅନୁମତି ନେବାକୁ ଜାମିନ ସର୍ତ୍ତ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଏହି ପ୍ରସଙ୍ଗରେ ଏକ ବିସ୍ତୃତ ଆଦେଶ ନିକଟରେ ଉପଲବ୍ଧ କରାଯାଇଥିଲା। ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଯୁକ୍ତି ଦର୍ଶାଇଥିଲା ଯେ ଶାହାଙ୍କ ଆବେଦନକୁ ଅନୁମତି ଦେବା ଦ୍ୱାରା ନୀରବ ମୋଦୀ, ବିଜୟ ମାଲ୍ୟା ଏବଂ ମେହୁଲ ଚୋକସିଙ୍କ ଭଳି ମାମଲା ସୃଷ୍ଟି ହେବ। ଅନୁସନ୍ଧାନକାରୀ ଏଜେନ୍ସିର ଯୁକ୍ତିକୁ ଖଣ୍ଡନ କରି ବିଚାରପତି କହିଛନ୍ତି ଯେ, ସେ ଏହି ଯୁକ୍ତିକୁ ବିଚାର କରିଛନ୍ତି ଏବଂ ଏହା ମନେ ରଖିବା



ଆବଶ୍ୟକ ଯେ ଏହି ସମସ୍ତ ବ୍ୟକ୍ତି ଆର୍ଥିକ ଅପରାଧ ଘଟାଇ ଦେଶ ଛାଡି ବିଦେଶ ପଳାୟନ କରିଛନ୍ତି। କାରଣ ସମ୍ପୃକ୍ତ ଅନୁସନ୍ଧାନକାରୀ ସଂସ୍ଥାଗୁଡିକ ସେମାନଙ୍କୁ ଠିକ୍ ସମୟରେ ଗିରଫ କରିପାରି ନ ଥିଲେ। କୋର୍ଟ କହିଛନ୍ତି ଯେ ଶାହାଙ୍କ ମାମଲାକୁ ନୀରବ ମୋଦୀ, ବିଜୟ ମାଲ୍ୟା, ମେହୁଲ ଚୋକସି ଆଦି ମାମଲା ସହ ତୁଳନା କରାଯାଇପାରିବ ନାହିଁ। ପିଏନ୍‌ବି ଦୁର୍ନୀତି ମାମଲାରେ ହୀରା ବ୍ୟବସାୟୀ ନିରବ ମୋଦୀ ଏବଂ ତାଙ୍କ ମାମୁଁ ମେହୁଲ ଚୋକସି ମୁଖ୍ୟ ଅଭିଯୁକ୍ତ। ତାଙ୍କ ମାମୁଁ ଆଣ୍ଟିଗୁଆରେ ରହୁଥିବାବେଳେ ନିରାଭ ମୋଦୀ ବର୍ତ୍ତମାନ ବ୍ରିଟେନରେ ଜେଲ ଦଣ୍ଡ ଭୋଗୁଛନ୍ତି। ମାଲ୍ୟା ବର୍ତ୍ତମାନ ବ୍ରିଟେନରେ ଅଛନ୍ତି ଏବଂ ୯୦୦ କୋଟିରୁ ଅଧିକ ଟଙ୍କାର ଋଣ ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ। ଯାହାର ତଦନ୍ତ ଇଡି ଏବଂ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦ୍ୱାରା କରାଯାଉଛି।


# ଇଏମ୍‌ଆଇରେ ଲାଞ୍ଚ ନେଉଛନ୍ତି ଦୁର୍ନୀତିଗ୍ରସ୍ତ ଅଧିକାରୀ

**ନୂଆଦିଲ୍ଲୀ :** ଭାରତରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ଛୋଟ କାମଠାରୁ ଆରମ୍ଭ କରି ବଡ଼ କାମ ପର୍ଯ୍ୟନ୍ତ, ସବୁଥି ପାଇଁ ଲାଞ୍ଚ ଦରକାର ପଡୁଛି। ଯେତେ ସଚେତନତା, ଯେତେ କାର୍ଯ୍ୟାନୁଷ୍ଠାନ ନିଆଗଲେ ବି ତାହା ଦୁର୍ନୀତିଖୋର ଅଧିକାରୀମାନଙ୍କ ପାଇଁ କମ୍ ପଡ଼ିଯାଉଛି। ହେଲେ ଏବେ ଦୁର୍ନୀତିର ଏକ ନୂଆ ଚେହେରା ସାମ୍ନାକୁ ଆସିଛି। ପୀଡ଼ିତ (ଲାଞ୍ଚ ଦେଉଥିବା ବ୍ୟକ୍ତି)ଙ୍କୁ ଯେପରି ଲାଞ୍ଚ ଅର୍ଥ ବୋଝ ଭଳି ନ ଲାଗିବ ସେଥିପାଇଁ ଲାଞ୍ଚୁଆ ଅଧିକାରୀମାନେ ଇଏମଆଇ (ସହଜ ମାସିକିଆ କିସ୍ତି) ସୁବିଧା ବି କରିସାରିଲେଣି। ଏଭଳି ଦୃଶ୍ୟ



ଦେଖିବାକୁ ମିଳିଛି ଗୁଜରାଟରେ। ବ୍ୟାଙ୍କରେ କିସ୍ତି ଶୁଝିଲା ପରି ଲାଞ୍ଚୁଆ ଅଧିକାରୀମାନେ ଲାଞ୍ଚ ଅର୍ଥକୁ ପୀଡ଼ିତଙ୍କଠାରୁ କିସ୍ତି ଆକାରରେ ଆଦାୟ କରୁଛନ୍ତି। ନିକଟରେ ଏକ ଜିଏସଟି ଠକେଇ ମାମଲାରେ ଜଣେ ବ୍ୟକ୍ତିଙ୍କଠାରୁ ୨୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରାଯାଇଥିଲା। ବ୍ୟକ୍ତି ଜଣକ ଏକକାଳୀନ ଏଥେ ଅର୍ଥ ଦେବାକୁ ଅସମର୍ଥ ହେବାରୁ ଲାଞ୍ଚୁଆ ଅଧିକାରୀ ତାହାକୁ ୧୧ଟି କିସ୍ତିରେ ଦେବାକୁ ଧାର୍ଯ୍ୟ କରିଥିଲେ। ୨ ଲକ୍ଷ ଟଙ୍କା ଲେଖାଏ ୧୦ଟି ଏବଂ ୧ ଲକ୍ଷ ଟଙ୍କାର ଗୋଟିଏ କିସ୍ତିରେ ଲାଞ୍ଚ ଦେବାକୁ ସ୍ଥିର ହୋଇଥିଲା। ସେହିପରି ଆଉ ଏକ ଘଟଣାରେ ଜଣେ ଉପସରପଞ୍ଚ ଏବଂ ତାଲୁକା ପଞ୍ଚାୟତ ସଦସ୍ୟ ଗ୍ରାମର ଜଣେ ଚାଷୀଙ୍କ କୌଣସି କାର୍ଯ୍ୟ କରାଇଦେବା ପାଇଁ ୮୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଚାଷୀ ଜଣକ ଏକକାଳୀନ ଅର୍ଥ ଦେବାକୁ ଅସମର୍ଥ ଥିବାରୁ ୩ଟି କିସ୍ତିରେ ତାହା ପଇଠ କରିବାକୁ କୁହାଯାଇଥିଲା। ନିଟକରେ ୨ ଜଣ ପୁଲିସ କର୍ମଚାରୀ ୪ ଲକ୍ଷ ଟଙ୍କା ଲାଞ୍ଚ ଅର୍ଥ ନେଇ ଫେରାର ହୋଇଯାଇଥିବା ଖବର ସାମ୍ନାକୁ ଆସିଥିଲା। ଏହାର ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଏହି ୪ ଲକ୍ଷ ମୋଟ ୧୦ ଲକ୍ଷ ଟଙ୍କା ଲାଞ୍ଚ ଅର୍ଥର ପ୍ରଥମ କିସ୍ତି। ଦୁର୍ନୀତି ନିର୍ବାରଣ ବ୍ୟୁରୋ (ଏସିବି)ର ଜଣେ ବରିଷ୍ଠ ଅଧିକାରୀ ଗୁଜରାଟରେ ଏଭଳି ଘଟଣା ବୃଦ୍ଧି ପାଉଥିବା କହିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ମେ ମାସ ସୁଦ୍ଧା ଏପରି ୧୦ଟି ଘଟଣା ସାମ୍ନାକୁ ଆସିଛି। ଯେପରି ଜଣେ ବ୍ୟକ୍ତି ପାଖରେ ଅର୍ଥ ନ ଥିଲେ ବ୍ୟାଙ୍କରୁ ଋଣ ନେଇ କାର୍ କିଣୁଛି କିମ୍ବା ଘର ତିଆରି କରୁଛି, ଠିକ୍ ସେହିପରି ଅଧିକାରୀମାନେ ସମାନ ପନ୍ଥା ଆପଣାଉଛନ୍ତି।

## ମହଙ୍ଗା ହେବ ଟିଭି ଦେଖିବା
## ୮% ବଢ଼ିପାରେ ସବ୍‌ସ୍କ୍ରିପ୍‌ସନ୍ ମୂଲ୍ୟ



**ନୂଆଦିଲ୍ଲୀ :** ନିର୍ବାଚନ ଶେଷ ହେବା ସହ ଫଳାଫଳ ପ୍ରକାଶ ପାଇବା କ୍ଷଣି ଗ୍ରାହକଙ୍କୁ ଲାଗିଛି ମହଙ୍ଗା ମାଡ଼ର ଝଟ୍କା। ଏବେ ଏହି ମହଙ୍ଗା ମାଡ଼ ଟିଭି ଦର୍ଶକଙ୍କୁ ଲାଗିବାକୁ ଯାଉଛି। କାରଣ ଖୁବ୍ ଶୀଘ୍ର ଟିଭି ଦେଖିବା ପାଇଁ ଆପଣଙ୍କୁ ଅଧିକ ସବ୍‌ସ୍କ୍ରିପସନ୍ (ଟିଭି ଚ୍ୟାନେଲ ସବ୍‌ସ୍କ୍ରିପସନ୍) ବାବଦ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। ଯାହା ଫଳରେ ଟିଭି ଦେଖିବା ମହଙ୍ଗା ହେବ। ଅନେକ ଓଟିଟି ପ୍ଲାଟଫର୍ମ ସେମାନଙ୍କର ହାର ବୃଦ୍ଧି କରିବାକୁ ଯାଉଛନ୍ତି। ଏହାଛଡା ଡିଜ୍ନୀ ଷ୍ଟାର, ଭାୟାକମ୍ ୧୮, ଜି ଏଣ୍ଟରଟେନମେଣ୍ଟ ଏବଂ ସୋନୀ ପିକ୍ଚର୍ସ ନେଟୱାର୍କ ସବ୍‌ସ୍କ୍ରିପସନ୍ ମୂଲ୍ୟ ବଢାଇବାକୁ ଯାଉଛନ୍ତି। ଟିଭି ସବ୍‌ସ୍କ୍ରିପସନ୍ ମୂଲ୍ୟ ବଢ଼ିବା ପରେ ଗ୍ରାହକଙ୍କୁ ଚ୍ୟାନେଲ୍ ରିଚାର୍ଜ କରିବା ପାଇଁ ଅଧିକ ଅର୍ଥ ବ୍ୟୟ କରିବାକୁ ପଡିବ। ରିପୋର୍ଟ ଅନୁଯାୟୀ ଟିଭି ସବ୍ସ୍କ୍ରିପ୍ସନ୍ ମୂଲ୍ୟ ୫ରୁ ୮ ପ୍ରତିଶତ ମହଙ୍ଗା ହେବ। ଯଦି ଆପଣ ବର୍ତ୍ତମାନ ଟିଭି ଦେଖିବା ପାଇଁ ମାସିକ ସବ୍‌ସ୍କ୍ରିପସନ୍ ପାଇଁ ୫୦୦ ଟଙ୍କା ଦେଉଥାନ୍ତି, ତେବେ ଏହି ମୂଲ୍ୟ ଏବେ ପ୍ରାୟ ୪୦ ଟଙ୍କା ବୃଦ୍ଧି ହୋଇପାରେ। ଯଦି ଆପଣ ମାସକୁ ୧୦୦୦ ଟଙ୍କା ରିଚାର୍ଜ କରୁଛନ୍ତି, ତେବେ ଆପଣଙ୍କୁ ଅତିରିକ୍ତ ୮୦ ଟଙ୍କା ଦେବାକୁ ପଡିବ। ଟିଭି ରିଚାର୍ଜ ମୂଲ୍ୟ ବଢାଇବାକୁ ନେଇ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କମ୍ପାନୀଗୁଡିକୁ କହିଥିଲା। ବର୍ତ୍ତମାନ ଲୋକସଭା ନିର୍ବାଚନ ଶେଷ ହୋଇଥିବାରୁ ଟିଭି ଚ୍ୟାନେଲ ଦର ବଢ଼ିବା ସୁନିଶ୍ଚିତ ହୋଇଛି। ସମସ୍ତ ପ୍ରସାରଣକାରୀ କମ୍ପାନୀ ନୂଆ ଚୁକ୍ତିନାମା କରିବାକୁ ଡିପିଓକୁ କହିଥିଲେ। ଏହାପରେ ଟେଲିକମ୍ ରେଗୁଲେଟରୀ ଅଥରିଟି ଅଫ୍ ଇଣ୍ଡିଆ ସମସ୍ତ ପ୍ରସାରଣକାରୀଙ୍କୁ କହିଥିଲେ ଯେ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ସିଗନାଲ୍ ବନ୍ଦ କରନ୍ତୁ ନାହିଁ। ବର୍ତ୍ତମାନ ଟ୍ରାଇ ଏହାକୁ ଯେକୌଣସି ସମୟରେ ମଞ୍ଜୁରୀ ଦେଇପାରେ। ଚଳିତବର୍ଷ ଜାନୁଆରୀରେ ସମସ୍ତ ଚ୍ୟାନେଲ ଦାମ୍ ୧୦ ପ୍ରତିଶତ ବୃଦ୍ଧି କରିଥିଲେ। ଭାୟାକମ୍ ୧୮ ଦାମ୍ ସର୍ବାଧିକ ୨୫ ପ୍ରତିଶତ ବୃଦ୍ଧି କରିଛି। ମ୍ୟାଚ୍ ପ୍ରସାରଣ ଅଧିକାର ଏବଂ ମନୋରଞ୍ଜନ ଚ୍ୟାନେଲଗୁଡିକର ବଜାର ଅଂଶ ବୃଦ୍ଧି ହେତୁ ଏହି ବୃଦ୍ଧି କରାଯାଇଥିଲା। ଫେବୃଆରୀରୁ ଏହି ନୂଆ ରିଚାର୍ଜ ମୂଲ୍ୟ କାର୍ଯ୍ୟକାରୀ ହୋଇଥିଲା।

## ଦିଲ୍ଲୀ ବିଧାନସଭାରେ ଏକା ଲଢ଼ିବ ଆପ୍




**ନୂଆଦିଲ୍ଲୀ :** ଚଳିତ ଲୋକସଭାରେ କଂଗ୍ରେସ ସହ ମେଣ୍ଟ କରି ନିର୍ବାଚନ ଲଢ଼ିଥିବା କ୍ଷମତାସୀନ ଆପ୍ ବଡ଼ ନିଷ୍ପତ୍ତି। ଆସନ୍ତାବର୍ଷ ପ୍ରଥମ ଭାଗରେ ହେବାକୁ ଥିବା ଦିଲ୍ଲୀ ବିଧାନସଭାରେ ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଆପ୍ ଏକାକୀ ଲଢ଼ିବ ବୋଲି ଘୋଷଣା କରିଛି। ଦିଲ୍ଲୀ ମନ୍ତ୍ରୀ ଗୋପାଳ ରାଏ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ କଂଗ୍ରେସ ସହ ଲୋକସଭା ନିର୍ବାଚନ ପାଇଁ ମେଣ୍ଟ ହୋଇଥିଲା। କିନ୍ତୁ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ କୌଣସି ମେଣ୍ଟ ହୋଇନାହିଁ। ଆମେ ଏକାକୀ ନିର୍ବାଚନ ଲଢ଼ିବୁ। ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଧାୟକମାନଙ୍କ ବୈଠକ ବସିଥିଲା। ବୈଠକରେ ସମସ୍ତ ବିଧାୟକଙ୍କୁ ନିଜ ନିଜର ନିର୍ବାଚନ ମଣ୍ଡଳୀରେ ପ୍ରତି ବିକାଶମୂଳକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ କୁହାଯାଇଛି। ଲୋକସଭା ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ବିକାଶମୂଳକ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ଏବେ ପୁଣି ସେସବୁ ଆରମ୍ଭ କରିବାକୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏବେ ଅବାକାରୀ ନୀତି ଦୁର୍ନୀତି ମାମଲାରେ ଜେଲରେ ରହିଛନ୍ତି। ତେଣୁ ଏହି ବୈଠକରେ କେଜ୍ରିୱାଲଙ୍କ ପତ୍ନୀ ସୁନିତା ଉପସ୍ଥିତ ରହିଥିଲେ। ଏଥିସହ ଦଳ ଏକାଧିକ ରାଜ୍ୟସଭା ସାଂସଦମାନେ ବୈଠକରେ ସାମିଲ ହୋଇଥିଲେ। ନିକଟରେ ଶେଷ ହୋଇଥିବା ଲୋକସଭା ନିର୍ବାଚନରେ ଆପ୍ ଦିଲ୍ଲୀ, ହରିଆଣା, ପଞ୍ଜାବ, ଗୁଜରାଟ ଓ ଆସାମର ୨୨ଟି ସ୍ଥାନରେ ପ୍ରାର୍ଥୀ ଦେଇଥିଲା। ହେଲେ ଦଳ କେବଳ ୩ଟି ଲୋକସଭା ଆସନ ଜିତି ପାରିଛି।

# ସାଧାରଣ ନିର୍ବାଚନରେ ୬୫.୭୯% ମତଦାନ ହାର

**ନୂଆଦିଲ୍ଲୀ, (ପିଆଇବି):** ସାଧାରଣ ନିର୍ବାଚନ ୨୦୨୪ର ସପ୍ତମ ପର୍ଯ୍ୟାୟରେ ଦେଶର ୫୭ଟି ସଂସଦୀୟ କ୍ଷେତ୍ରରେ ମତଦାନ କେନ୍ଦ୍ରଗୁଡ଼ିକରେ ୬୩.୮୮% ମତଦାନ ହାର ରେକର୍ଡ କରାଯାଇଛି। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ୧ ଜୁନ୍ ୨୦୨୪ରେ ଜାରି ହୋଇଥିବା ଦୁଇଟି ପ୍ରେସ୍ ବିଜ୍ଞପ୍ତି ଏବଂ ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ମତଦାନ ହାର ତଥ୍ୟ ପ୍ରକାଶ କରିବାର ପରମ୍ପରାକୁ ବଜାୟ ରଖି ଆୟୋଗ ଏହି ସୂଚନା ଦେଇଛନ୍ତି। ମୋଟ



ଉପରେ ୨୦୨୪ ସାଧାରଣ ନିର୍ବାଚନରେ ମତଦାନ କେନ୍ଦ୍ରଗୁଡ଼ିକରେ ୬୫.୭୯% ମତଦାନ ହୋଇଛି। ପୋଷ୍ଟାଲ ଭୋଟ୍ ସଂଖ୍ୟା ଏବଂ ମୋଟ ମତଦାନ ହାର ସମ୍ବନ୍ଧୀୟ ବିସ୍ତୃତ ପରିସଂଖ୍ୟାନ ରିପୋର୍ଟ ନିର୍ବାଚନ ଆୟୋଗଙ୍କ ୱେବସାଇଟରେ ଉପଲବ୍ଧ ହେବ, ଯାହାକି ମାନକ ଅଭ୍ୟାସ ଅନୁଯାୟୀ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରୁ ଠିକ୍ ସମୟରେ ପ୍ରାପ୍ତ ହେବ। ପୋଷ୍ଟାଲ ବାଲଟରେ ସର୍ଭିସ ଭୋଟର, ଅନୁପସ୍ଥିତ ଭୋଟର (୮୫ ବର୍ଷରୁ ଅଧିକ, ଦିବ୍ୟାଙ୍ଗ, ଅତ୍ୟାବଶ୍ୟକ ସେବା ଇତ୍ୟାଦି) ଏବଂ ନିର୍ବାଚନ ଡ୍ୟୁଟିରେ ଥିବା ଭୋଟରଙ୍କୁ ଦିଆଯାଇଥିବା ପୋଷ୍ଟାଲ ବାଲଟ୍ ଅନ୍ତର୍ଭୁକ୍ତ।

# ସଂସଦ ଭବନ ପରିସରରେ ନିର୍ମାଣ ହେଉଛି ପ୍ରେରଣା ସ୍ଥଳ

**ନୂଆଦିଲ୍ଲୀ :** ଲୋକସଭା ସଚିବାଳୟ ସଂସଦ ଭବନ ପରିସରରେ ପ୍ରେରଣା ସ୍ଥଳର ବିକାଶ କରୁଛି ଏବଂ ଏଥିରେ ଦେଶର ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ସମସ୍ତ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି। ପୂର୍ବରୁ ସଂସଦ ଭବନର ବିଭିନ୍ନ ସ୍ଥାନରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ସଂସଦ ପରିସରକୁ ଆସିବାକୁ ଆସୁଥିବା ପର୍ଯ୍ୟଟକମାନେ ଯେଭଳି ସହଜରେ ଏହି ମହାନ ନେତାଙ୍କ ପ୍ରତିମୂର୍ତ୍ତି ଦେଖିପାରିବେ ଏବଂ ସେମାନଙ୍କ ଜୀବନ ଓ ଦର୍ଶନରୁ ପ୍ରେରଣା ନେଇପାରିବେ ବୋଲି ଏହି ପ୍ରେରଣା ସ୍ଥଳକୁ ଏଭଳି ଭାବେ ବିକଶିତ କରାଯାଉଛି। ଲୋକସଭା ସଚିବାଳୟ ପକ୍ଷରୁ କୁହାଯାଇଛି ଯେ ସଂସଦ ପରିସରରେ ବିଭିନ୍ନ ସ୍ଥାନରେ ଅବସ୍ଥିତ ଥିବାରୁ ପର୍ଯ୍ୟଟକମାନେ ଏହି ପ୍ରତିମୂର୍ତ୍ତିଗୁଡ଼ିକୁ ସହଜରେ ଦେଖି ପାରୁନାହାନ୍ତି। ଏହି ପ୍ରେରଣା ସ୍ଥଳରେ ଏହି



ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନ ଓ ଅବଦାନ ସମ୍ପର୍କରେ ଆଧୁନିକ ଜ୍ଞାନକୌଶଳ ଜରିଆରେ ପର୍ଯ୍ୟଟକଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିବାର ବ୍ୟବସ୍ଥା କରାଯାଉଛି।

# ଗ୍ରୀଷ୍ମ ପ୍ରବାହ, ଜଙ୍ଗଲ ନିଆଁର ମୁକାବିଲା ପାଇଁ ପ୍ରସ୍ତୁତି ସମୀକ୍ଷା

**ନୂଆଦିଲ୍ଲୀ :** ଗ୍ରୀଷ୍ମ ପ୍ରବାହ ଏବଂ ଜଙ୍ଗଲ ନିଆଁର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ପାଇଁ କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ଅଧକ୍ଷତାରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗ୍ରୀଷ୍ମ ପ୍ରବାହ ଏବଂ ଜଙ୍ଗଲ ନିଆଁର ସାମ୍ପ୍ରତିକ ସ୍ଥିତି ଉପରେ ବିସ୍ତୃତ ଉପସ୍ଥାପନା କରିଥିଲେ। ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି ଯେ ୨୦୨୪ ଏପ୍ରିଲରୁ ଜୁନ୍ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାଭାବିକ ଠାରୁ ୧୦-୨୨ ଦିନ ଅଧିକ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିଥିଲା। ଜୁନ୍ ମାସର ପୂର୍ବାନୁମାନ ଅନୁଯାୟୀ ଉତ୍ତର-ପଶ୍ଚିମ ଭାରତର ଅଧିକାଂଶ ଅଞ୍ଚଳ ଏବଂ ଉତ୍ତର କେନ୍ଦ୍ରୀୟ ଭାରତର ଆଖପାଖ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଚଳିତ ବର୍ଷ ଦେଶର ଅଧିକାଂଶ ସ୍ଥାନରେ ମୌସୁମୀ ସ୍ୱାଭାବିକ ଠାରୁ ଅଧିକ ରହିବ। ଆଇଏମଡି ତରଫରୁ ଗ୍ରୀଷ୍ମ ପ୍ରବାହ ନେଇ ନିୟମିତ ସତର୍କ ସୂଚନା ପଠାଯାଉଛି। ଏନଡିଏମଏ ଆହୁରି ମଧ୍ୟ ସୂଚନା ଦେଇଛି ଯେ ଅକ୍ଟୋବର ୨୦୨୩ରୁ କେନ୍ଦ୍ର ମନ୍ତ୍ରଣାଳୟ/ ବିଭାଗ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଏକାଧିକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଛି। କଣ୍ଟ୍ରୋଲ ରୁମ୍ ସକ୍ରିୟ କରିବା, ଗ୍ରୀଷ୍ମ ପ୍ରବାହ ପାଇଁ ଏସଓପି ଲାଗୁ କରିବା, ପାନୀୟ ଜଳ ଉପଲବ୍ଧତା ସୁନିଶ୍ଚିତ କରିବା, ଅତ୍ୟାବଶ୍ୟକ ଔଷଧ ଓ ଓଆରଏସ୍ ଉପଲବ୍ଧତା ସମେତ ସ୍ୱାସ୍ଥ୍ୟ ସୁବିଧାର ପ୍ରସ୍ତୁତି ଏବଂ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ଅନୁଷ୍ଠାନର ଅଗ୍ନି ନିରାପତ୍ତା ଅଡିଟ୍ ନିୟମିତ କରିବା ଏବଂ ଅଗ୍ନିକାଣ୍ଡ




ଘଟଣାରେ ପ୍ରତିକ୍ରିୟା ସମୟ ହ୍ରାସ କରିବାକୁ ମଧ୍ୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସହ ସ୍ଥିତିର ସମୀକ୍ଷା ଓ ତୀକ୍ଷ୍ଣ ନଜର ରଖାଯାଉଛି ବୋଲି ରାଜ୍ୟ ସରକାର ସୂଚନା ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତିକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱଳ୍ପକାଳୀନ, ମଧ୍ୟମ କାଳୀନ ଏବଂ ଦୀର୍ଘମିଆଦୀ ପଦକ୍ଷେପଗୁଡ଼ିକର ନିୟମିତ ସମୀକ୍ଷା ଏବଂ ତଦାରଖ କରିବାକୁ କ୍ୟାବିନେଟ୍ ସଚିବ ମୁଖ୍ୟ ଶାସନ ସଚିବମାନଙ୍କୁ ଅନୁରୋଧ କରିଛନ୍ତି। ଜଳ ଯୋଗାଣର ଉତ୍ସଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ବୃଦ୍ଧି ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ଅନୁଷ୍ଠାନର ଅଗ୍ନି ନିରାପତ୍ତା ଅଡିଟ୍ ନିୟମିତ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜଙ୍ଗଲ ନିଆଁ ପରିଚାଳନା ଉପରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ ଉପସ୍ଥାପନା କରି ଦେଶର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁର ମୁକାବିଲା ପାଇଁ କାର୍ଯ୍ୟ ଯୋଜନା ଏବଂ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ମୋବାଇଲ ଏସ୍ ଏମ୍ ଏସ୍ ଏବଂ ଇମେଲ୍ ମାଧ୍ୟମରେ ନିୟମିତ ଜଙ୍ଗଲ ନିଆଁ ସତର୍କସୂଚନା ପ୍ରସାର କରାଯାଉଛି ବୋଲି ସୂଚନା ଦିଆଯାଇଛି। କ୍ୟାବିନେଟ ସଚିବ କହିଛନ୍ତି ଯେ ଜୁନ୍ ୨, ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜଙ୍ଗଲ ନିଆଁ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବନ୍ୟା ପରିସ୍ଥିତି ଭଳି ଜଙ୍ଗଲ ନିଆଁର ମୁକାବିଲା ପାଇଁ ନିୟମିତ ପ୍ରସ୍ତୁତି ବ୍ୟବସ୍ଥା ଓ ବାର୍ଷିକ ଅଭ୍ୟାସ ବ୍ୟବସ୍ଥା କରାଯାଇପାରିବ। ପ୍ରତିଷେଧକ ଏବଂ ତ୍ୱରିତ ଓ ପ୍ରଭାବଶାଳୀ ପ୍ରତିକ୍ରିୟା ଉପରେ ଧ୍ୟାନ ଦେଇ ଏକ ବ୍ୟାପକ ଆଭିମୁଖ୍ୟ ଗ୍ରହଣ କରାଯିବା ଉଚିତ୍। ଗ୍ରୀଷ୍ମ ପ୍ରବାହ ଏବଂ ଜଙ୍ଗଲ ନିଆଁ ଜନିତ ଆହ୍ୱାନର ମୁକାବିଲା କରିବା ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଉତ୍ତମ ଭାବେ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି କ୍ୟାବିନେଟ୍ ସଚିବ କହିଛନ୍ତି। କ୍ୟାବିନେଟ୍ ସଚିବ ରାଜ୍ୟମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ସର୍ବୋତ୍ତମ ପ୍ରସ୍ତୁତି ସୁନିଶ୍ଚିତ କରିବା ଏବଂ ଠିକ୍ ସମୟରେ ପ୍ରଶମନ ଓ ପ୍ରତିକ୍ରିୟା ପଦକ୍ଷେପ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ମନ୍ତ୍ରଣାଳୟ / ବିଭାଗଗୁଡିକ ସେମାନଙ୍କ ସହିତ ଘନିଷ୍ଠ ଭାବରେ ଯୋଗାଯୋଗ କରୁଛନ୍ତି।

## କେମିତି କଟିବ ଏ ସପ୍ତାହ

**ମେଷ** – ସ୍ୱାସ୍ଥ୍ୟ ଉତ୍ତମ ରହିବ। ଭାଗୀଦାରୀ ବ୍ୟବସାୟରୁ ଦୂରେଇ ରହନ୍ତୁ। ମାଆଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ସହଯୋଗ ପାଇବେ। ଛାତ୍ରମାନେ ଅଳସୁଆ ହୋଇପାରନ୍ତି ପ୍ରତିକାର : ଭଗବାନ ଶିବଙ୍କୁ ଜଳାଭିଷେକ କରନ୍ତୁ।

**ବୃଷ** – ମନ ଅସ୍ଥିର ରହିବ। ଆୟ ତୁଳନାରେ ଅଧିକ ବ୍ୟୟ ପାଇଁ ଋଣ କରିପାରନ୍ତି କାର୍ଯ୍ୟକ୍ଷେତ୍ରରେ ବଚସା ହୋଇପାରେ। ଅନୈତିକ କାର୍ଯ୍ୟରୁ ଦୂରେଇ ରହନ୍ତୁ। ବିପରୀତ ଲିଙ୍ଗ ପ୍ରତି ଆକର୍ଷିତ ହୋଇପାରନ୍ତି। ପ୍ରତିକାର : ଛୋଟ ପିଲାଙ୍କୁ ସବୁଜରଙ୍ଗର ଚୁଡି ଦିଅନ୍ତୁ।

**ମିଥୁନ** – ଅଳସୁଆ ଅନୁଭବ କରିବେ। ଆୟରେ ବୃଦ୍ଧି ହେବ। କୌଣସି ଶୁଭ ଖବର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ନୂଆ ଦାୟିତ୍ୱ ନେଇପାରନ୍ତି। ପ୍ରତିକାର :ଭଗବାନ ବିଷ୍ଣୁଙ୍କ ଆଗରେ ଦୀପ ଦାନ କରନ୍ତୁ ଓ ହଳଦିଆ ରଙ୍ଗର ପ୍ରସାଦ ଭୋଗ କରନ୍ତୁ।

**କର୍କଟ** – ଆର୍ଥିକ ସ୍ଥିତି ଦୃଢ଼ ହେବ। ଅହଙ୍କାରି ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଅଯଥା ଦାୟିତ୍ୱ ମିଳିପାରେ। ପାରିବାରିକ ସମ୍ପତ୍ତି ପାଇଁ ବିବାଦ ହୋଇପାରେ। ଦୂରଯାତ୍ରା କରିପାରନ୍ତି। ପ୍ରତିକାର : ଶିବାଳୟରେ ଦୁବଦାନ କରନ୍ତୁ।

**ସିଂହ** – କ୍ରୋଧରେ ନିଜର ମାନସିକ ସନ୍ତୁଳତା ରକ୍ଷାକରନ୍ତୁ। ନିବେଶ ପୂର୍ବରୁ ପରୀକ୍ଷା ନିରୀକ୍ଷା କରନ୍ତୁ। ନ୍ୟାୟାଳୟ ବାହାରେ ବିବାଦର ସମାଧାନ କରନ୍ତୁ। ଗାଡି ଚଳାଇବା ବେଳେ ସତର୍କରହନ୍ତୁ। ପ୍ରତିକାର : ତମ୍ବାପାତ୍ରରେ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** – ଆବଶ୍ୟକତାରୁ ଅଧିକ ଧନ ପ୍ରାପ୍ତି ଯୋଗ ଅଛି କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖା ଦେଇପାରେ। ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିଯାଇପାରେ ପ୍ରେମୀମାନେ ନିଜର ମନକଥା ହିପାରନ୍ତି। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ତୁଳା** – ପୁରୁଣା କାର୍ଯ୍ୟ ପୂର୍ଣ୍ଣ ହେବ। ଆବଶ୍ୟକତାରୁ ଅଧିକ ଆୟ ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ଛନ୍ଦକପଟ କରନ୍ତୁ ନାହିଁ ପ୍ରତିକାର : ଚିନି ମିଶା ଅଟା ପିମ୍ପୁଡିଙ୍କୁ ଖାଇବାକୁ ଦିଅନ୍ତୁ

**ବିଛା** – ବ୍ୟାୟାମ କରନ୍ତୁ ତର୍କରୁ ଦୂରରେ ରହନ୍ତୁ। ଆଖି ରୋଗ ହୋଇପାରେ। ଅଧିକ ଚିନ୍ତା କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ପରିଶ୍ରମ କରିବାକୁ ପଡିପାରେ। ପ୍ରତିକାର : ହନୁମାନଙ୍କୁ ଭୋଗ କରି ଗରିବଙ୍କୁ ବାଣ୍ଟନ୍ତୁ।

**ଧନୁ** – ଆଧୁନିକ ସୁଖ ସୁବିଧା ପାଇଁ ପ୍ରୟାସ କରିପାରନ୍ତି। ଆୟର ଅନେକ ଶ୍ରୋତ ବାହାରିବ। କାର୍ଯ୍ୟକ୍ଷେତ୍ରରେ ଜଟିଳତା ଦେଖାଦେବ କିନ୍ତୁ ସଫଳ ହେବେ। ପ୍ରତିକାର : ଧର୍ମ ସ୍ଥାନରେ ହଳଦିଆ ରଙ୍ଗର ମିଠା ବାଣ୍ଟନ୍ତୁ।

**ମକର** – ତରଳ ଖାଦ୍ୟ ପାଇ ଶରୀର ଅସୁସ୍ଥ ହୋଇପାରେ। ପରିବାର ସହ ସମୟ ଟାଇବେ। ମୂଲ୍ୟବାନ ଜିନିଷ କିଣିପାରନ୍ତି। ଛାତ୍ରମାନେ ଉଚ୍ଚ ଶିକ୍ଷା ପାଇଁ ସୁଯୋଗ ପାଇବେ। ପ୍ରତିକାର : କୁକୁରଙ୍କୁ ରୁଟି ଖାଇବାକୁ ଦିଅନ୍ତୁ।

**କୁମ୍ଭ** – ଅଦରକାରୀ ବସ୍ତୁ କିଣି ପାରନ୍ତି। ପରିବାରରେ ବିବେକର ସହ ବ୍ୟବହାର କରନ୍ତୁ। ବ୍ୟବସାୟରେ ଦେଖି ଚାହିଁ ନିବେଶ କରନ୍ତୁ। ବିପରୀତ ଲିଙ୍ଗଙ୍କ ପ୍ରତି ଆକର୍ଷିତ ହୋଇପାରନ୍ତି। ପ୍ରତିକାର : ହନୁମାନଙ୍କ ଭୋଗ କରି ବାଣ୍ଟନ୍ତୁ।

**ମୀନ** – ବାଣୀରେ ଲଗାମ ଦିଅନ୍ତୁ। କୌଣସି ଶୁଭ ଖବର ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ସମସ୍ତଙ୍କ ସହଯୋଗ ପାଇବେ। ସନ୍ତାନଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ପୈତୃକ ସମ୍ପତ୍ତି ପାଇପାରନ୍ତି। ପ୍ରତିକାର : ମା' ଦୁର୍ଗାଙ୍କ ଆଗରେ ଦୀପଦାନ କରନ୍ତୁ।

ଅନ୍ନପୂର୍ଣ୍ଣା ଖୁଣ୍ଟିଆ
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ବିଜେଡି ସରକାରର ପତନ ପଛରେ କେଳେଙ୍କାରିଆ ନେତା

**ଭୁବନେଶ୍ୱର :** ବିଜେଡି ସରକାରର ପତନ ପଛରେ କେଳେଙ୍କାରିଆ ନେତାଙ୍କ ସଂଖ୍ୟା କିଛି କମ ନୁହେଁ। ପ୍ରାୟ ୯ରୁ ୧୦ ଜଣ କେଳେଙ୍କାରିଆ ନେତାଙ୍କ ନାଁରେ ଆସିଥିଲେ ଦୁର୍ନୀତି ଠାରୁ ଆରମ୍ଭ କରି ଖଣିଲୁଟ ଓ ହତ୍ୟା ଭଳି ସଙ୍ଗୀନ ଅଭିଯୋଗ। ଏହି କେଳେଙ୍କାରିଆ ନେତାମାନଙ୍କୁ ଜନତା ଦନାର୍ଦ୍ଦନ ଦେଇଛନ୍ତି ଉଚିତ ଜବାବ। ଉପାଡି ଫୋପାଡି ଦେଇଛନ୍ତି ଏହି କେଳେଙ୍କାରିଆ ନେତାମାନଙ୍କୁ। ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଆସିଥିଲା ସାଂଘାତିକ ଅଭିଯୋଗ। ଭୁବନେଶ୍ୱର ମହିଳା ଥାନାରେ ଶ୍ରୀକାନ୍ତଙ୍କ ବିରୋଧରେ ଏତଲା ହୋଇଥିଲା। ଏତଲା ଦେଇଥିଲେ ବିଜେଡି ନେତ୍ରୀ ସଂଯୁକ୍ତା ମହଲା। ଏତଲା ପରେ ସଂଯୁକ୍ତା ମହଲାଙ୍କର ହେଲା ଡାକ୍ତରୀ ପରୀକ୍ଷା। ମେଡିକାଲ ଟେଷ୍ଟ ପରେ ମୋତେ ନ୍ୟାୟ ମିଳିବ ବୋଲି କହିଥିଲେ ସଂଯୁକ୍ତା। ଏହି କେଳେଙ୍କାରିଆ ନେତାଙ୍କୁ ପୋଲସରାରୁ ରିଜେକ୍ଟ କରିଛନ୍ତି ଜନତା। ସେହିପରି ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ଜେନା ମାହାଙ୍ଗାରୁ ହାରିଛନ୍ତି। ବାପାଙ୍କ କର୍ମର ଫଳ ଭୋଗିବାକୁ ପଡିଛି ପୁଅକୁ। ମାହାଙ୍ଗା ଡବଲ ମର୍ଡର କେସରେ ପ୍ରତାପଙ୍କ ବିରୋଧରେ ଲାଗିଥିଲା ଦଫା ୩୦୨। ୨୦୨୧ ଜାନୁଆରୀର ହୋଇଥିଲା ମାହାଙ୍ଗା ଡବଲ ମର୍ଡର। ବିଜେପି ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ କରାଯାଇଥିଲା ହତ୍ୟା। ଆବାସ କେଳେଙ୍କାରୀର ପୋଲ୍ ଖୋଲିଥିଲେ ବୋଲି ହୋଇଥିଲା ହତ୍ୟା। ମୁଦାଲା ନମ୍ବର ୧୩ ଥିଲେ ବିଜେଡି ବିଧାୟକ ପ୍ରତାପ ଜେନା। ପୋଲିସ ଚାର୍ଜସିଟରୁ କାଟିଦେଇଥିଲା ପାୱାରଫୁଲ୍ ପ୍ରତାପଙ୍କ ନାଁ ଯାହାକୁ ନେଇ ବିବାଦୀୟ ହୋଇଥିଲେ ପ୍ରତାପ ଜେନା। ଏହାର ଜବାବ ଦେଇଛନ୍ତି ଜନତା। ତାଙ୍କ ପୁଅ ଅଙ୍କିତ ଜେନା ମାହାଙ୍ଗା ଆସନରୁ ହାରିଯାଇଛନ୍ତି। ଅନ୍ୟପଟେ ବିଜେଡିର ବଦନାମ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ଥାନାରେ ପଶି ଆକ୍ରମଣ ମାମଲାରେ ଲାଗିଥିଲା ସଙ୍ଗୀନ ଦଫା। ୨୦୧୩ରେ କାମାକ୍ଷାନଗର ଥାନା ପଶି ଗଣ୍ଡଗୋଳ ଓ ଆଇଆଇସିଙ୍କୁ ଆକ୍ରମଣ ଘଟଣାରେ ବିଜେଡିର ଏହି ବଦନାମ ମନ୍ତ୍ରୀଙ୍କ ବିରୋଧରେ ମାମଲା। ବିବାଦୀୟ ମନ୍ତ୍ରୀଙ୍କୁ ଲୋକେ ବିଦା କରିଛନ୍ତ। କାମାକ୍ଷାନଗର ଆସନରୁ ହାରିଯାଇଛନ୍ତି ପ୍ରଫୁଲ୍ଲ ମଲ୍ଲିକ। ସେହିପରି ୨୦୨୧ ଜୁଲାଇ ୧୨ ତାରିଖରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସହ ବଡ ବଡ ଲୋକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ ଅଡୁଆ ଜାଲରେ ଛନ୍ଦି ହୋଇଯାଇଥିଲେ ବିକ୍ରମ ଆରୁଖ। ଏହି ନିର୍ବାଚନରେ ଜନତା ଦେଇଛନ୍ତି ଜବାବ। ବିକ୍ରମ ଆରୁଖଙ୍କୁ ପରାଜୟର ସମ୍ମୁଖିନ ହେବାକୁ ପଡିଛି। ଭଞ୍ଜ ନଗର ଆସନ ହରାଇବାକୁ ପଡିଛି ବିକ୍ରମ ଆରୁଖଙ୍କୁ।

ଅନ୍ୟପଟେ ବେଆଇନ୍ ଭାବେ ଖଣି ଉତ୍ତୋଳନ ହୋଇ ହଜାର ହଜାର କୋଟି ହେଉଛି ଲୁଟ୍। ମାଫିଆ ଲୁଟ୍ କରୁଥିବା ଏହି ଟଙ୍କା ବନିଥିଲା ବିଜେଡିର ନିର୍ବାଚନ ପାଣ୍ଠି। ଯାଜପୁର ଜିଲ୍ଲାର ୩ ପରିବାରର ଛତ୍ରଛାୟା ଚାଲିଥିଲା ଲୁଟ୍। ଏଠି ଲୋକଙ୍କ ସ୍ୱପ୍ନକୁ କରାଯାଉଛି ଚୋରି। ଆଉ ପ୍ରାଚୁର୍ଯ୍ୟ ଭରା ଅଞ୍ଚଳକୁ ରାତି ରାତି ବନାଯାଉଛି ନଗଡା। ଅଶୋକ ଦାସ ପରେ ତାଙ୍କ ପୁଅ ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଳ୍ପତରୁ ଦାସ ପରେ ତାଙ୍କ ପୁଅ ଧର୍ମଶାଳା ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ, ପ୍ରଫୁଲ ଘଡେଇ ପରେ ତାଙ୍କ ପୁଅ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇଙ୍କ ପରି ନେତାମାନେ ଏହି କଳାହୀରା ଲୁଟର ମାଷ୍ଟର ମାଇଣ୍ଡ ବୋଲି ହୋଇଥିଲା ଅଭିଯୋଗ। ଯାହାକୁ ନେଇ ବିବାଦୀୟ ହୋଇପଡିଥିଲେ ଏହି ୩ ପ୍ରମୁଖ ନେତା। ଯାହାକୁ ଜନତା ଉପାଡି ଫୋପାଡି ଦେଇଛନ୍ତି। ସମ୍ବଲପୁର ଲୋକସଭା ଆସନରୁ ପ୍ରଣବ ପ୍ରକାଶ ଦାସ ହାରିଥିବା ବେଳେ ଧର୍ମଶାଳା ଆସନରୁ ପ୍ରଣବ ବଳବନ୍ତ ରାୟ ଏବଂ ସୁକିନ୍ଦା ଆସନରୁ ପ୍ରତିରଞ୍ଜନ ଘଡାଇ ପରାସ୍ତ ହୋଇଛନ୍ତି। ସେହିପରି ଆରଟିଆଇ ଆକ୍ଟିଭିଷ୍ଟ ରଞ୍ଜନ ଦାସ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ବିବାଦୀୟ ହୋଇପଡିଥିଲେ ଅତନୁ। ଜନତା ଦନାର୍ଦ୍ଦନ ଏହାର ଜବାବ ଦେଇଛନ୍ତି ବାଲଟରେ। ପରାସ୍ତ ହୋଇଛନ୍ତି ଅତନୁ। ଏହିଭଳି ନେତାଙ୍କୁ ବିଜେଡି ଟିକଟ ଦେବାରୁ ଫଳାଫଳ ମହଙ୍ଗା ସାବ୍ୟସ୍ତ ହୋଇଛି।

## ‘ବରିଷ୍ଠ ନେତାଙ୍କୁ ନିର୍ବାଚନ ପରିଚାଳନାରୁ ଦୂରେଇ ରଖିବା ପରାଜୟର କାରଣ’

**ଭୁବନେଶ୍ୱର :** ୨୪ ବର୍ଷ ଧରି ଶାସନ ଗାଦିରେ ବସିଥିଲା ବିଜେଡି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେତେ କ’ଣ ଯୋଜନା କରିଥିଲା। ଏତେ ସବୁ ଯୋଜନା ସତ୍ତ୍ୱେ ଷଷ୍ଠ ପାଳିରେ କାହିଁକି ହାମୁଡେଇ ପଡ଼ିଲା ବିଜେଡି? ଏହାକୁ ନେଇ ଘଣ୍ଟାଚକଟା ଆରମ୍ଭ ହୋଇଥିବା ବେଳେ ପରାଜୟର କାରଣ କହିଛନ୍ତି ପୂର୍ବତନ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା। ନିର୍ବାଚନ ପରିଚାଳନାରେ ବରିଷ୍ଠ ନେତାଙ୍କୁ ଦୂରେଇ ରଖିବା ଯୋଗୁ ବିଜେଡି ହାରିଥିବା ସେ କହିଛନ୍ତି। ଶ୍ରୀ ବେହେରା କହିଛନ୍ତି, ଓଡ଼ିଶାରେ ଲୋକସଭା ଓ ବିଧାନସଭା ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସମସ୍ତ ଏକ୍ଜିଟ୍ ପୋଲ୍ ଓ ଆକଳନକୁ ପଛରେ ପକାଇ ଯେଉଁ ଫଳାଫଳ ଆସିଲା, ତାହା ନିଶ୍ଚିତ ଭାବେ ଅଭୁତପୂର୍ବ। କିନ୍ତୁ ଓଡ଼ିଶାରେ ଏବେ ମଧ୍ୟ ନବୀନ ପଟ୍ଟନାୟକ ଗରିବ ଜନସାଧାରଣ ଜନତା ଓ ମହିଳାଙ୍କ ମନରେ ଅଛନ୍ତି ବୋଲି ସେ କହିଛନ୍ତି। ବିଜେଡି ହାରିବା ନେଇ ଶ୍ରୀ ବେହେରା କହିଛନ୍ତି, ନିର୍ବାଚନ ପରିଚାଳନାରେ ତ୍ରୁଟି ବିଚ୍ୟୁତି ହୋଇଛି। ତେବେ ପରାଜୟର ମୁଖ୍ୟ କାରଣ ହେଉଛି, ନିର୍ବାଚନ ପରିଚାଳନାରେ ଦଳର ବରିଷ୍ଠ ନେତାଙ୍କୁ ଦୂରେଇ ରଖିବା। ଯହା ସାଧାରଣରେ ଗ୍ରହଣୀୟ ହୋଇପାରିଲାନି। ଏହାର ସମୀକ୍ଷା କରାଯିବ। କିନ୍ତୁ ଆଜିର ସ୍ଥିତିରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁମାନେ ଜିତିଛନ୍ତି, ସେମାନେ ନିଶ୍ଚିତ ଭାବେ ଦଳର କାର୍ଯ୍ୟକ୍ରମକୁ ଆଗକୁ ନେବେ। ସେମାନେ ବିରୋଧୀ ଦଳର ଭୂମିକା ନିର୍ବାହ କରିବେ ବୋଲି ଶଶିଭୂଷଣ ବେହେରା କହିଛନ୍ତି। ସୂଚନାରୁ ପ୍ରକାଶ, ଚଳିତ ନିର୍ବାଚନରେ ବିଜେଡି ୫୧ ଆସନ ପାଇଥିବା ବେଳେ ବିଜେପି ୭୮, କଂଗ୍ରେସ ୧୪ ଓ ସ୍ୱାଧୀନ ୪ଟି ଆସନ ଜିତିଛନ୍ତି।

# ପରାଜୟରେ ଗଣତନ୍ତ୍ରର ଜୟ

**ଭୁବନେଶ୍ୱର :** ସେତେବେଳେ ମଣିଷ ନେତାକୁ କାଳିଆ ଠାକୁର ସାଙ୍ଗରେ ବି ତୁଳନା କରିବାକୁ ଧରାକୁ ସରା ମଣିବାର ପ୍ରତିଶବ୍ଦ ବି କୁହାଯାଇପାରିବ। ସେହି ନବୀନ ପଟ୍ଟନାୟକ ନିର୍ବାଚନ ହାରିପାରନ୍ତି ଇଏ ଆଶ୍ଚର୍ଯ୍ୟ। କଣ୍ଟାବାଞ୍ଜିରେ ୧୬,୩୪୪ ଭୋଟ୍‌ରେ ହାରିଲେ। ପାରମ୍ପାରିକ ହିଞ୍ଜିଳିରୁ ବିଜେପିର ସାଧାରଣ ନାଗରିକ ପ୍ରାର୍ଥୀଠୁ କେତେ ରାଉଣ୍ଡରେ ପଛରେ ଚାଲିବା ପରେ ୪୬୩୬ ଭୋଟ୍‌ରେ ହାରୁ ହାରୁ ଜିତିଲେ। ନବୀନଙ୍କ ପରାଜୟ ଭିତରେ ଓଡ଼ିଆ ଜନତା ଦେଖିଛନ୍ତି ଗଣତନ୍ତ୍ରର ଜୟ। ସୂଚନାଥାଉ କି, ହିଞ୍ଜିଳିରୁ ୨୦୧୯ରେ ୬୦ ହଜାର ୧୬୦ ଓ ବିଜେପୁରରୁ ୫୭ ହଜାର ୧୨୨ ଖଣ୍ଡ ଭୋଟ୍‌ରେ ଜିତିଥିଲେ। ୨୦୧୪ରେ ହିଞ୍ଜିଳିରୁ ୭୬,୫୮୬ ଖଣ୍ଡ ଭୋଟ୍‌ରେ ଜିତିଥିଲେ। ୨୦୦୯ରେ ୬୧ ହଜାର ୨୭୩ ଭୋଟ୍‌ରେ ବିଜୟୀ ହୋଇଥିଲେ ନବୀନ। ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ନବୀନ ଭୁଲିଗଲେ କେମିତି। କେମିତି ଭାବିନେଲେ ଯେହେତୁ ଓଡ଼ିଆ ଲୋକ ତାଙ୍କୁ ଭଲ ପାଉଛନ୍ତି, ସେ ଯାହାଙ୍କୁ ବି ତାଙ୍କ ପ୍ରତିନିଧି କରିବେ ଓଡ଼ିଶା ବାସୀ ଆଖି ବୁଜି ଅନ୍ଧ ହୋଇ ତାଙ୍କୁ ସମର୍ଥନ କରିବେ। ଲୋକ ଦେଖାଇଲେ ଲୋକ ଶକ୍ତି। କେବଳ ଦଳର ସୁପ୍ରିମୋ ନୁହନ୍ତି, ବିଜେଡିର ୧୧ ମନ୍ତ୍ରୀ ଓ ୫୮ ବିଧାୟକ ପରାସ୍ତ ହୋଇଛନ୍ତି। ମୋଦି ସୁନାମିରେ ବିଜୁ ଜନତା ଦଳର ବହୁ ହେଭିୱେଟ ପରାଜୟର ସ୍ୱାଦ ଚାଖିଛନ୍ତି। ଭୁବନେଶ୍ୱର ଏକାମ୍ରରେ ଅଶୋକ ପଣ୍ଡା, ମହାକାଳପଡ଼ାରେ ଅତନୁ ସବ୍ୟସାଚୀ, ଟିଟିଲାଗଡ଼ରେ ଟୁକୁନି ସାହୁ, ବିଜେପୁରରେ ରୀତା ସାହୁ, ଭଟଲିରୁ ସୁଶାନ୍ତ ସିଂହ, ଭଞ୍ଜନଗରରେ ବିକ୍ରମ ଆରୁଖ, ବୌଦ୍ଧରେ ପ୍ରଦୀପ ଅମାତ ହାରିଛନ୍ତି। ସେହିପରି ସୁକିନ୍ଦାରେ ପ୍ରୀତିରଞ୍ଜନ ଘଡ଼େଇ, କାମାକ୍ଷନଗରରେ ପ୍ରଫୁଲ୍ଲ ମଲ୍ଲିକ୍, କରଞ୍ଜିଆରେ ବାସନ୍ତୀ ହେମ୍ବ୍ରମ, ବିଷମକଟକରେ ଜଗନ୍ନାଥ ସାରକା ଓ ମୟୂରଭଞ୍ଜ ଲୋକସଭାରୁ ସୁଦାମ ମାର୍ଣ୍ଡି ପରାଜିତ ହୋଇଛନ୍ତି। ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ଆସନରୁ ପରାଜିତ ହୋଇଥିବା ବେଳେ ତାଙ୍କ ମା’ ସନ୍ଧ୍ୟାରାଣୀ ଦାସ କୋରେଇ ବିଧାନସଭା ଆସନରୁ ହାରି ଯାଇଛନ୍ତି।

# ଓଡ଼ିଶାରେ ବିଜେପିର ଭଲ ପ୍ରଦର୍ଶନ

**ଭୁବନେଶ୍ୱର :** ଚଳିତ ନିର୍ବାଚନରେ ଓଡିଶାରେ ବିଜେପି ୨୧ରୁ ୨୦ ଲୋକସଭା ସିଟ ହାତେଇଛି। ଯାହା ଓଡିଶାକୁ ଦିଲ୍ଲୀ , ଗୁଜୁରାଟ ମଧ୍ୟ ପ୍ରଦେଶ ସହିତ ସମକକ୍ଷ କରାଇଛି। ଓଡିଶାରେ ବିଜେପିର ପ୍ରଦର୍ଶନ ଅତ୍ୟନ୍ତ ସାନଦାର ରହିଛି। ଦିଲ୍ଲୀରେ ୭ରୁ ୭ ଲୋକସଭା ଆସନ ବିଜେପି ଜିତିଥିବା ବେଳେ ଗୁଜରାଟରେ ୨୬ରୁ ୨୫ ଆସନ ଜିତିଛି ବିଜେପି। ସେହିପରି ମଧ୍ୟପ୍ରଦେଶରେ ୨୯ ରୁ ୨୯ ଆସନରେ ବିଜେପିର ଲୋକସଭା ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଏହା ସହିତ ତାଳ ମିଳାଇଛି ଓଡିଶା। ୨୧ରୁ ୨୦ ଲୋକସଭା ଆସନ ଦଖଲ କରିଛି। ଓଡିଶାର ପରିବେଶ ବିଜେପି ପାଇଁ ଅନୁକୂଳ ରହିଥିବା କଥା କହିଥିଲେ ବିଜେପିର ବରିଷ୍ଠ ନେତା କୁଶାଭାଉ ଠାକରେ, ସୁନ୍ଦର ସିଂ ଭଣ୍ଡାରୀ। ୧୯୯୩, ୧୯୯୪ ଏବଂ ୧୯୯୫ ମସିହାରେ ଏହି ଆକଳନ କରିଥିଲେ ବିଜେପିର ଏହି ତୁଙ୍ଗ ନେତା। ସେମାନଙ୍କ ଦୁରଦୃଷ୍ଟି ଏବେ ସତ ହୋଇଛି। ସେପଟେ କାଲି ଓଡିଶାର ନବ ନିର୍ବାଚିତ ବିଜେପି ସାଂସଦ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ।

# କାଳବୈଶାଖୀ ଭାଙ୍ଗି ଦେଲା କାଜୁ ଚାଷୀଙ୍କ ମେରୁଦଣ୍ଡ




**ଧର୍ମଗଡ଼ :** ଚାଷୀଙ୍କ ଉପରେ କାଳବୈଶାଖୀର ତାଣ୍ଡବ। ଉଜୁଡ଼ି ଗଲା ଫସଲ। ଏବେ ଅଭାବୀ ବିକ୍ରି ଚିନ୍ତାରେ ଚାଷୀ। ଏମିତି ସ୍ଥିତି ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ। କାଳବୈଶାଖୀ ପ୍ରଭାବରେ ଉଜୁଡି ଯାଇଛି କାଜୁ ଚାଷ। ଯାହା କିଛି ଅମଳ ହୋଇଥିଲା ତାହା ଅଭାବୀ ବିକ୍ରି ହେଉଥିବାରୁ ଚିନ୍ତାରେ ପଡିଛନ୍ତି ଚାଷୀ। କାଳବୈଶାଖୀ ପରେ ଅଭାବୀ ବିକ୍ରି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଅଞ୍ଚଳରେ କାଳବୈଶାଖୀର କରାଳ ଗ୍ରାସରେ ଝଡ଼ି ଯାଇଥିଲା କାଜୁ ବଉଳ। ପ୍ରଭାବିତ ହୋଇଥିଲା ହେକ୍ଟର ହେକ୍ଟର ଜମିର କାଜୁଚାଷ। ଧର୍ମଗଡ଼ ବ୍ଲକର ତାରାପୁର, ପର୍ଲା, କଦଳିମୁଣ୍ଡା, ଧଅଁରପୁର, ଜୟନ୍ତପୁର, କୋକସରା ବ୍ଲକର ଅନେକ ଲୋକ କାଜୁ ଚାଷ କରି ରୋଜଗାର କରିଥାନ୍ତି। ଚଳିତବର୍ଷ ପ୍ରାୟ ୩ ହଜାର ହେକ୍ଟର ଜମିରେ କାଜୁଚାଷ ହୋଇଥିଲା। କିନ୍ତୁ କାଳବୈଶାଖୀରେ ନଷ୍ଟ ହୋଇଥିଲା କାଜୁ ବଉଳ। ତଥାପି କିଛି କାଜୁ ଅମଳ ନେଇ ଚାଷୀ ଆଶା ରଖିଥିଲେ ଚାଷୀର। ଏବେ ଅମଳ ପରେ କାଜୁର ଅଭାବୀ ବିକ୍ରି ଯୋଗୁଁ ହତାଶ ହୋଇଯାଇଛନ୍ତି ଚାଷୀ। ଗତବର୍ଷ ଧର୍ମଗଡ଼ ଅଞ୍ଚଳରେ କିଲୋ ପ୍ରତି ୧୦୦ରୁ ୧୨୦ ଟଙ୍କାରେ କାଜୁ ବିକ୍ରି ହୋଇଥିଲା। ହେଲେ ଚଳିତ ବର୍ଷ ପଡ଼ୋଶୀ ଜିଲ୍ଲା ଓ ପଡୋଶୀର କିଛି ବ୍ୟବସାୟୀ ଆସି କାଜୁ କେଜି ପ୍ରତି ୭୦ରୁ ୮୦ ଟଙ୍କାରେ କିଣୁଛନ୍ତି। ଉଚିତ ଦରରେ କାଜୁ ବିକ୍ରି ପାଇଁ ଅଞ୍ଚଳରେ ଏକ ମଣ୍ଡି ସ୍ଥାପନ ସହ ବିକ୍ରି ବ୍ୟବସ୍ଥା କରାଗଲେ ଚାଷୀ ଭଲ ଦୁଇ ପଇସା ପାଇ ପାରିବେ ବୋଲି ଚାଷୀ କହିଛନ୍ତି।

# ଜୀବନ ରକ୍ଷା କରିବ ଓଡ଼ିଶା ଟିକା

**ଭୁବନେଶ୍ୱର :** ଭ୍ୟାକ୍ସିନ୍ ଅବା ଟିକା କେତେ ଉପାଦେୟ, ତାହା କୋଭିଡ୍ ମହାମାରୀ ଆସିବା ପରେ ଜଣାପଡ଼ିଲା। ଆଉ ସେହି କୋଭିଡ୍ ଟିକା


## ଭାରତ ସମେତ ବିଶ୍ୱକୁ ରପ୍ତାନୀ ହେବ ଓଡ଼ିଶାରୁ ଉତ୍ପାଦିତ ୧୫ରୁ ଅଧିକ ପ୍ରକାର ଟିକା

ଏବେ ଓଡ଼ିଶାର ରାଜଧାନୀରେ ଉତ୍ପାଦନ ହେବ। କେବଳ ଏହି ଟିକା ନୁହେଁ, ଖୁବ୍ କମ୍ ଦିନ ଭିତରେ ଏଠାରେ ମ୍ୟାଲେରିଆ, କୋଲେରା ଭଳି ୧୫ ପ୍ରକାର ଘାତକ ରୋଗର ମୁକାବିଲା ପାଇଁ ଟିକା ପ୍ରସ୍ତୁତ ହେବ। ଏଠାରେ ପ୍ରସ୍ତୁତ ଟିକା କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶକୁ ପଠାଯିବ। ଓଡ଼ିଶାରେ ପ୍ରସ୍ତୁତ ଟିକା ବିଶ୍ୱର କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରିବ। ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆସ୍ଥିତ ଭାରତ ବାୟୋଟେକ୍ ପାର୍କରେ ପ୍ରତିଷ୍ଠିତ ସାପିଜେନ୍ ବାୟୋଲୋଜିକ୍ସ କେନ୍ଦ୍ରରେ ଚଳିତ ମାସରୁ ଟିକା ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଓଡ଼ିଶାର ‘ପ୍ରତିଟି ଜୀବନ ମୂଲ୍ୟବାନ’ ଆହ୍ୱାନକୁ ଏହି ସାପିଜେନ୍ ବାୟୋଲୋଜିକ୍ସ ଭ୍ୟାକ୍ସିନ୍ ପ୍ଲାଣ୍ଟ ପ୍ରତିପାଦିତ କରୁଛି। ସୂଚନାନୁସାରେ, ପ୍ରାୟ ୧୫୦୦ କୋଟି ଟଙ୍କା



ବିନିଯୋଗରେ ପ୍ରତିଷ୍ଠିତ ଏହି ଟିକା ଉତ୍ପାଦନ କେନ୍ଦ୍ର ୧୫୦୦ ଲୋକଙ୍କୁ ସିଧାସଳଖ ନିଯୁକ୍ତି ପାଇଁ ବ୍ୟବସ୍ଥା ହୋଇଛି। ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କମ୍ପାନୀ ରାଜ୍ୟ ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ନିକଟରେ ରାଜ୍ୟ କ୍ୟାବିନେଟ୍ ପାରିତ କରିଥିବା ବାୟୋଟେକ୍ନୋଲୋଜି ନୀତି ଏପରି ଶିଳ୍ପ ପ୍ରତିଷ୍ଠା ଦିଗରେ ବେଶ୍ ଉପାଦେୟ ସାବ୍ୟସ୍ତ ହେବ। ଓଡ଼ିଶାରେ ଭାରତ ବାୟୋଟେକ୍ ଭଳି କମ୍ପାନୀ ଟିକା ଉତ୍ପାଦନ କଲେ ତାହା ନିଶ୍ଚିତ ଭାବେ ଅନ୍ୟ ନିବେଶକମାନଙ୍କୁ ଓଡ଼ିଶା ଆସିବା ପାଇଁ ପ୍ରେରଣା ଦେବ। ବିଶେଷକରି ବାୟୋଟେକ୍ନୋଲୋଜି ସମ୍ପର୍କିତ ଶିଳ୍ପ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ। ଆଗକୁ ଏହି କ୍ଷେତ୍ରରେ ଓଡ଼ିଶା ବଡ଼ ପୁଞ୍ଜିନିବେଶ ହାସଲ କରିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି। ଭାରତ ସମେତ ସମଗ୍ର ବିଶ୍ୱକୁ ୧୫ରୁ ଅଧିକ ବର୍ଗର ଟିକା ରପ୍ତାନୀ କରି ଓଡ଼ିଶା ବାୟୋଟେକ୍ନୋଲୋଜି କ୍ଷେତ୍ରରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିବ। ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଆସନ୍ତା ଚଳିତ ମାସ ସୁଦ୍ଧା ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ପ୍ରତିଦିନ ଏଠାରେ ବିଭିନ୍ନ ପ୍ରକାର ଟିକାର ୨.୪ କୋଟି ଡୋଜ୍ ପ୍ରସ୍ତୁତ ହୋଇପାରିବ। ଏହି ପ୍ଲାଣ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଦେଶର ସର୍ବ ବୃହତ୍ ଟିକା ଉତ୍ପାଦନ କେନ୍ଦ୍ରରେ ପରିଣତ ହେବ। ବିଶ୍ୱ ଜନସଂଖ୍ୟାର ୧୦ ଗୁଣା ଅଧିକ ଟିକା ଉତ୍ପାଦନ ପାଇଁ ମଧ୍ୟ ଓଡ଼ିଶା ସାମର୍ଥ୍ୟ ବହନ କରିବ।

# ୩୮ ବନଖଣ୍ଡରେ ୨,୦୯୮ ହାତୀ




**ଭୁବନେଶ୍ୱର :** ଆସିଲା ରାଜ୍ୟର ନିଜସ୍ୱ ହାତୀ ଗଣନା ରିପୋର୍ଟ। ୭ ବର୍ଷରେ ରାଜ୍ୟରେ ହାତୀ ସଂଖ୍ୟା ବଢ଼ିଛି ମାତ୍ର ୧୨୨। ଏବେ ରାଜ୍ୟର ୩୮ ବନଖଣ୍ଡରେ ଅଛନ୍ତି ୨ ହଜାର ୯୮ ହାତୀ। ୨୦୧୭ରେ ଏ ସଂଖ୍ୟା ଥିଲା ୧ ହଜାର ୯୭୬। ରାଜ୍ୟରେ ଥିବା ହାତୀଙ୍କ ମଧ୍ୟରୁ ୪୭୪ଟି ପୁରୁଷ ହାତୀ ଥିବା ବେଳେ ୧ ହଜାର ୩୯ଟି ମାଇ ହାତୀ ଓ ୫୯୪ଟି ଛୁଆ ହାତୀ ଅଛନ୍ତି। ଏନେଇ ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ରାଜ୍ୟରେ ଏବେ ହାତୀଙ୍କ ସଂଖ୍ୟା ବଢ଼ିଛି। ରାଜ୍ୟର ହାତୀ ଧାରଣ କ୍ଷମତା ଅନୁସାରେ ରାଜ୍ୟରେ ହାତୀଙ୍କ ସଂଖ୍ୟା ଠିକ୍ ରହିଛି। ତେବେ ଶୀତ ଋତୁରେ ପଡ଼ୋଶୀ ରାଜ୍ୟରୁ ହାତୀ ଆସିଥିବାରୁ ସେ ସମୟରେ ରାଜ୍ୟର ହାତୀଙ୍କ ସଂଖ୍ୟା ଜାଣିବା ପାଇଁ ନଭେମ୍ବର ୧୫ରୁ ୧୭ ଯାଏଁ ପୁଣି ଥରେ ହାତୀ ଗଣନା କରାଯିବ। ତେବେ ଗତ ୫ ବର୍ଷରେ ବିଭିନ୍ନ କାରଣରୁ ରାଜ୍ୟରେ ୪୦୩ ହାତୀ ମରିଛନ୍ତି। ଅର୍ଥାତ୍ ବର୍ଷକୁ ମାତ୍ର ୩-୪ % ହାତୀ ମରୁଛନ୍ତି ଯାହାକି ସ୍ୱାଭାବିକ। ଏମିତିକି ଗତ ବର୍ଷ ମାତ୍ର ୬୬ ହାତୀଙ୍କ ମୃତ୍ୟୁ ହୋଇଛି। ତେବେ ହାତୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଅନୁଗୁଳ ଓ ଢେଙ୍କାନାଳ ଅଞ୍ଚଳରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର ପାଇଁ ଯୋଜନା ହୋଇଛି। ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ବନ୍ୟପ୍ରାଣୀ ପିସିସିଏ ସୁଶାନ୍ତ ନନ୍ଦ କହିଛନ୍ତି।

## ‘ଓଡ଼ିଶାବାସୀଙ୍କ ହୃଦୟରେ ନବୀନ’


**ଭୁବନେଶ୍ୱର :** ଅପରାଜେୟ ନବୀନ ପଟ୍ଟନାୟକ। ନବୀନ ପଟ୍ଟନାୟକ କେବଳ ମୁଖ୍ୟମନ୍ତ୍ରୀ ପଦରୁ ଅବ୍ୟାହତି ପାଇଛନ୍ତି ହେଲେ ବାସ୍ତବରେ ତାଙ୍କ ନିର୍ମଳ ଭାବମୂର୍ତ୍ତି ପାଇଁ ସେ ଆଜି ବି ଅପରାଜେୟ। ଓଡ଼ିଶାବାସୀଙ୍କ ହୃଦୟରେ ଅଛନ୍ତି ଓ ସବୁବେଳେ ରହିଥିବେ। ସୋସିଆଲ ମିଡିଆ ଏକ୍ସରେ ବିଜେଡି ସାଂସଦ ମାନସ ମଙ୍ଗରାଜ କହିଛନ୍ତି, ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କୁ ପରିବାର ଭାବି ନିଜ ଜୀବନର ୨୪ ବର୍ଷ ସମଗ୍ର ରାଜ୍ୟ ପାଇଁ ଉତ୍ସର୍ଗ କରିଦେଇଛନ୍ତି ନବୀନ। ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ କରିଛନ୍ତି। ଏପରିକି ଓଡ଼ିଆ ଭାଷାକୁ ଉଜ୍ଜୀବିତ କରି ରଖିବା ପାଇଁ ସେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରିଥିଲେ। ତାଙ୍କ ପାଇଁ ହିଁ ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ସୁରକ୍ଷା ପାଇଁ ମନ୍ଦିର ପୁନଃନରୁଦ୍ଧାର କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ଆଜି ବିଶ୍ୱ ଦେଖିଲା ବିଶ୍ୱନିୟନ୍ତାଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ତାରାତାରିଣୀ, ସମଲେଶ୍ୱରୀ ଓ ଅନେକ ମନ୍ଦିରକୁ ମିଳିଛି ଭବ୍ୟ ରୂପ। ସର୍ବୋପରି ଜନସେବା ହିଁ ତାଙ୍କ ଜୀବନର ଲକ୍ଷ୍ୟ। ସେ ଚାଷୀଙ୍କ ମୁହଁରେ ହସ ଫୁଟାଇବାଠୁ ନେଇ ଜନଜାତିଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛନ୍ତି। ବିଶ୍ୱର ସବୁଠୁ ଭଲ ସ୍ୱାସ୍ଥ୍ୟ କଲ୍ୟାଣ ‘ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା’ରେ ଅନେକ ଲୋକ ଉପକୃତ ହୋଇଛନ୍ତି। ଲକ୍ଷ ଲକ୍ଷ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିଛନ୍ତି। ତାଙ୍କ ପାଇଁ ଆଜି ନାରୀଶକ୍ତି ସାରା ଦେଶରେ ଉଦାହରଣ ସାଜିଛି। ସେ ରାଜନୀତି ନୁହେଁ ରାଜ୍ୟନୀତି କରନ୍ତି। ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ ଓ ଦକ୍ଷ ନେତୃତ୍ୱ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଉତ୍ତମ ବିପର୍ଯ୍ୟୟ ପରିଚାଳନା ପାଇଁ ସେ ସାରା ବିଶ୍ୱରେ ପ୍ରଶଂସିତ ହୋଇଛନ୍ତି। ଜନମାନସରେ ପରିଚିତ ଜନନାୟକଙ୍କ ଅନୁପସ୍ଥିତିକୁ ସହଜେ ଗ୍ରହଣ କରିପାରୁନାହାନ୍ତି ଓଡ଼ିଶାବାସୀ। ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି। ହେଲେ ତାଙ୍କର ସେବା ମନୋଭାବ ଏବଂ ଓଡ଼ିଶାର ଉନ୍ନତି ପାଇଁ ଅନବରତ କାମ କରି ସେ ଇତିହାସ ସୃଷ୍ଟି କରିଛନ୍ତି। ଓଡ଼ିଶା ଏବଂ ଓଡ଼ିଆଙ୍କ ପାଇଁ ତାଙ୍କର କର୍ତ୍ତବ୍ୟକୁ ଲୋକେ ଚିରଦିନ ପାଇଁ ମନେ ରଖିବେ ବୋଲି ମାନସ ମଙ୍ଗରାଜ କହିଛନ୍ତି।

# ନିର୍ବାଚନର ଫଳାଫଳ ଓଡ଼ିଶାବାସୀଙ୍କ ପାଇଁ ଏକ ସତର୍କ ଘଣ୍ଟି : କଂଗ୍ରେସ

**ଭୁବନେଶ୍ୱର :** ଚଳିତ ସାଧାରଣ ନିର୍ବାଚନରେ ଓଡ଼ିଶାର ଜନସାଧାରଣଙ୍କ ବିଶ୍ୱାସ ଓ ଭଲପାଇବା କଂଗ୍ରେସ ପ୍ରତି ବୃଦ୍ଧି ପାଇଛି। ସାରା ଦେଶରେ ମଧ୍ୟ ଜନସାଧାରଣ ଯେଭଳି ଭାବେ କଂଗ୍ରେସକୁ ସମର୍ଥନ ଜଣାଇଲେ ଓ ନରେନ୍ଦ୍ର ମୋଦିଙ୍କ ସରକାରକୁ ଜବାବ ଦେଲେ ସେଥିପାଇଁ ସମସ୍ତଙ୍କୁ ହୃଦୟରୁ ଧନ୍ୟବାଦ। ତେବେ ଏହି ନିର୍ବାଚନର ଫଳାଫଳ ଓଡ଼ିଶାବାସୀଙ୍କ ପାଇଁ ଏକ ସତର୍କ ଘଣ୍ଟି। ଏହା ସମସ୍ତଙ୍କ ପାଇଁ ଏକ ବିରାଟ ଚେତାବନୀ ମଧ୍ୟ। କାରଣ ଓଡ଼ିଶାକୁ ଜଙ୍ଗଲ, ଜମି, ଖଣି ଓ ପାଣି ଲୁଟେରା ସରକାର ଆସୁଛି। ପୂର୍ବରୁ ଭାରତୀୟ ଜନତା ପାର୍ଟିର ସରକାର ଛତିଶଗଡ଼, ଗୁଜରାଟ ଓ ମଧ୍ୟପ୍ରଦେଶରେ ଜଙ୍ଗଲ, ଜମି ଲୁଟି ସଫା କରିଦେଇଛି। ଏବେ ଓଡ଼ିଶାର କଳାହାଣ୍ଡି, ନବରଙ୍ଗପୁର ଓ ସୁନ୍ଦରଗଡ଼ ଭଳି ଜିଲ୍ଲାର ଆଦିବାସୀ, ଅନୁସୂଚୀତ ଜାତି ଓ ଜନଜାତିଙ୍କ ଜମି, ଘରଦ୍ୱାର ଉପରେ ଏହି ସରକାରର ଲୋଲୁପ ଦୃଷ୍ଟି ପଡ଼ିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ମୋଦି ଲୁଟିନେବାକୁ ଯୋଜନା କରିଛନ୍ତି। ତେବେ କଂଗ୍ରେସ ଏହା କରାଇ ଦେବନି। କଂଗ୍ରେସର ୧୪ ବିଧାୟକ ୧୪୦ ବିଧାୟକଙ୍କ ସହ ସମାନ। ସେମାନେ ବିଧାନସଭାରେ ଓ ବିଧାନସଭା ବାହାରେ ଓଡ଼ିଶାବାସୀଙ୍କ ସ୍ୱାର୍ଥ, ସେମାନଙ୍କ ଜଙ୍ଗଲ ଜମିର ସୁରକ୍ଷା ପାଇଁ କାର୍ଯ୍ୟ କରିବେ। ତେଣୁ ଆମେ ଓଡ଼ିଶାବାସୀଙ୍କ ହାତ ଛାଡ଼ିବୁ ନାହିଁ। ଓଡ଼ିଶାବାସୀ ମଧ୍ୟ ଆମ ହାତ ଛାଡନ୍ତୁ ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର କହିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ



ସମ୍ମିଳନୀରେ ଡ. ଅଜୟ କୁମାର କହିଲେ ଯେ ମିଛ, ଘୃଣା ଓ ଅହଙ୍କାରର ରାଜନୀତି କରୁଥିବା ମୋଦି ସରକାରଙ୍କୁ ଦେଶବାସୀ ଚଳିତ ନିର୍ବାଚନରେ ଉପଯୁକ୍ତ ଜବାବ ଦେଇଛନ୍ତି। ଦେଶରେ ଏନ୍‌ଡିଏ ସରକାର ଗଢ଼ିବାକୁ ଯାଉଥିଲେ ମଧ୍ୟ ସହଯୋଗୀ ଦଳମାନେ କେତେଦୂର ମୋଦିଙ୍କ ସହ ରହିବେ ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ଟିଡିପି ଓ ଜେଡିୟୁ ଭଳି ଦଳମାନେ ସେମାନଙ୍କର ବିଭିନ୍ନ ପ୍ରକାର ଦାବି ରଖୁଥିବା ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଓଡ଼ିଶାବାସୀଙ୍କୁ ସତର୍କ ରହିବାକୁ ପଡ଼ିବ। କାରଣ ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ପାଇବା ସହ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିବ। ଏବେଠାରୁ ହଠାତ୍ ଓଡ଼ିଶାକୁ ସୁଟ୍ ବୁଟ୍ ପିନ୍ଧୁଥିବା ଲୋକଙ୍କ ସୁଅ ଛୁଟିଲାଣି। ସେମାନେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଲୁଟିନେବାକୁ ଉଦ୍ୟମ କରିବେ। ତେବେ କଂଗ୍ରେସ ସେମାନଙ୍କୁ ମୁକାବିଲା କରିବ। ଆସନ୍ତା ୫ବର୍ଷ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସର ଲଢ଼େଇ ଆହୁରି ଜୋରଦାର ହେବ। ଚଳିତ ନିର୍ବାଚନରେ ଭଲ ପ୍ରଦର୍ଶନ କରିଥିବା ନେତାମାନଙ୍କୁ ଦଳ ଉପଯୁକ୍ତ ସମ୍ମାନ ଦେବ। ତେବେ ଯେଉଁମାନେ ଦଳ ପାଇଁ କିଛି କାର୍ଯ୍ୟ କରିନାହାନ୍ତି କିମ୍ବା ଦଳ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ. ଅଜୟ କୁମାର ଚେତାବନୀ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ତେଲେଙ୍ଗାନାର ଉପ ମୁଖ୍ୟମନ୍ତ୍ରୀ ମାଲୁଭାଟି ବିକ୍ରମାର୍କା ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଦେଶବାସୀ ଯେଭଳି କଂଗ୍ରେସକୁ ସମର୍ଥନ ଜଣାଇଲେ ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ ଯେ ଦେଶର ଦଳିତ, ଆଦିବାସୀ, ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି ଓ ପଛୁଆ ବର୍ଗଙ୍କ ପାଇଁ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ତା’ର ଲଢ଼େଇ ଜାରି ରଖିବ। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ ଚଳିତ ନିର୍ବାଚନରେ ଜନସାଧାରଣଙ୍କ ମତାମତକୁ ସମ୍ମାନ ଜଣାଇବା ସହ କଂଗ୍ରେସ ପ୍ରତି ସେମାନଙ୍କ ଭଲପାଇବା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଦଳର ନବନିର୍ବାଚିତ ବିଧାୟକ ଓ ସାଂସଦଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଉପସ୍ଥିତ ଥିଲେ।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKANAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଜୁନ୍, ୨୦୨୪

# ଅଧା ରହିଗଲା ସ୍ୱପ୍ନ

ସମ୍ପାଦକୀୟ



ତାରକ ମହାନ୍ତି

ରାଜଧାନୀ ସତରେ ଏକ କ୍ରୀତଦାସ ବା ସ୍ୱାର୍ଥପର ଲୋକଙ୍କ ସହର. ଏହା ଆଜି ନୁହେଁ ଦୀର୍ଘ ୩୦ ବର୍ଷ ତଳୁ ଜାଣିଛି। ଯିଏ ଗାଁରୁ ଆସି ରାଜଧାନୀରେ ପ୍ରଥମ ପାଦ ଥାପିଲା ସେ ବିଦେଶୀ। କାରଣ ତିରିଶ ବର୍ଷ ଆଗରୁ ଯିଏ ଏଠି ଘରଦ୍ୱାର କଲେ, ସମ୍ପତ୍ତି ଆହରଣ କରିନେଲେ ସେମାନେ ଜମିଦାର ବୋଲି ନିଜକୁ ଭାବୁଛନ୍ତି। ଆକଳନ, ଅନୁଶୀଳନ ବା ଅନ୍ୟ ଜରିଆରେ ଏମାନଙ୍କ ବିଷୟରେ ତଥ୍ୟ ଆହରଣ ଖୁବ ରୋଚକ। ଏଠାରେ ଜଣେ ଅତୀତର ଚତୁର୍ଥ ଶ୍ରେଣୀ କର୍ମଚାରୀର ପୁଅ ନିଜକୁ ଜମିଦାର ଭାବିପାରେ। ଚୋର କିରାଣୀର ପୁଅ ଝିଅ ଯେଉଁ ଅନ୍ଦାଜରେ ବୁଲିପାରନ୍ତି ତାହା ବଲିଉଡ ତାରକାଙ୍କ ସମକକ୍ଷ। କାରଣ ଏମାନେ ନିଜର ଅତୀତ ଭୁଲିସାରିଛନ୍ତି, ଭୁଲିଛନ୍ତି ଏମାନଙ୍କ ପିତା ପ୍ରପିତାମହ କିଭଳି ଜୀବନ ଜିଉଁଥିଲେ। କି ପରିବର୍ତ୍ତନ ସତରେ! ଅବସ୍ଥା ଅତି ଭୟଙ୍କର। ସେବା ଯୋଗାଉଥିବା ଲୋକ ବା ସେବାକାରୀ ଏବେ ହୁକୁମ ଦେବା ଆରମ୍ଭ କଲେଣି। ସରକାରୀ ସମ୍ପତ୍ତିରେ ଘର କରି ବସ୍ତି ଲୋକ ନିଜକୁ ରାଜା ଠାରୁ କିଛି କମ ଭାବୁନାହାନ୍ତି। ବିଚିତ୍ର ଅବସ୍ଥା, ଏଥିପାଇଁ କିଏ ଦାୟୀ? ସେହିମାନେ ଦାୟୀ ଯେଉଁମାନେ ଏମାନଙ୍କୁ ନିଜର ଭୋଟ ବ୍ୟାଙ୍କ କରିଛନ୍ତି, ସେମାନେ ନୀତି ନିୟମର ଉଲଂଘନ କରି ଏମାନଙ୍କ ଥଇଥାନ କରିଚାଲୁଛନ୍ତି। ଫଳସ୍ୱରୂପ ଟଙ୍କା ଦେଇ ଘର ଖଣ୍ଡେ କରିବାକୁ ଜମି ପାଉନଥିବା ନିମ୍ନ ମଧ୍ୟବିତ୍ତ ଘୋର ଅସନ୍ତୋଷରେ କାଳାତିପାତ କରୁଥିଲାବେଳେ ସରକାରୀ ଜମିରେ ପ୍ରାସାଦ ଗଢି ନିଜକୁ ଗରିବ ଖାତାରେ ନାଁ ଲେଖେଇ ଚାଲିଛନ୍ତି। ଏସବୁ ପଛରେ କେଉଁ କାରଣ ଥାଇପାରେ ବୁଝନ୍ତୁ, ଏକମାତ୍ର ଭୋଟ ହିଁ ଅସଲ କାରଣ। ଗଣତନ୍ତ୍ରରେ ଭୋଟ ରାଜନୀତି ହିଁ ବଡ଼ ପ୍ରସଙ୍ଗ। ତାର ଅର୍ଥ ନୁହେଁ ଯେ କେବଳ ମାଗଣା ଦେଇ ମିଛ ପ୍ରଚାର ବଳରେ ଭୋଟ ହାତେଇବା କେତେଦୂର ଠିକ ତାହା ବିଚାର କରନ୍ତୁ। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ଶାସନ କାଳରେ ଏଭଳି ଦୁର୍ନୀତି ସର୍ବାଧିକ ବୋଲି ସ୍ପଷ୍ଟ ଥିଲେ ସୁଦ୍ଧା ଏହା ବିରୋଧରେ ଜନଅସନ୍ତୋଷ ଦାନା ବାନ୍ଧିବାରେ ବହୁ ବିଳମ୍ବ ଘଟିଲା। ଯାହାର ପ୍ରତିଫଳନ ଘଟିଲା ୨୦୨୪ ମସିହା ସାଧାରଣ ନିର୍ବାଚନରେ। ନବୀନ ବାବୁ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ନିଜେ ଇତିହାସ ହୋଇଗଲେ। ଓଡିଶା ନିର୍ବାଚନ ଫଳାଫଳ ପରେ ସମସ୍ତେ ଏହି ବିପର୍ଯ୍ୟୟ ପାଇଁ ଭିେରବ କାର୍ତ୍ତିକ ପାଣ୍ଡିଆନଙ୍କୁ ଦୋଷ ଦେଉଛନ୍ତି। ଏହି ଦୋଷ ଦେବାର କାରଣ ଏଇଆ ଯେ ପାଣ୍ଡିଆନ ଦଳୀୟ ନେତାଙ୍କୁ ଉପେକ୍ଷା କରି ନିଜେ ଶାସନ କଳର ଦୁଇ ନମ୍ବର ଭାବେ ନିଜକୁ ଯେଭଳି ପ୍ରଦର୍ଶିତ କରିଚାଲିଲେ ତାହା ସବୁ କ୍ଷେତ୍ରରେ ଗ୍ରହଣୀୟ ହେଉନଥିଲା। ଏହାକୁ ନେଇ ଦଳ ଭିତରେ ଅସନ୍ତୋଷ ଥିଲେ ବି ନବୀନଙ୍କ ଭୟରେ କେହି ମୁହଁ ଖୋଲିପାରୁନଥିଲେ। ନବୀନ ଯେତେବେଳେ ସ୍ୱଅର୍ଜିତ କର୍ମଫଳ ଭୋଗିଲେ ସେଥିରେ ପାଣ୍ଡିଆନ କାହିଁକି ଏକମାତ୍ର ଦୋଷୀ ହେବେ। ଦଳର ମୁଖିଆ ଓ ଶାସନ କଳର ମୁଖିଆ କଣ ଜାଣୁନଥିଲେ ତାଙ୍କ କ୍ଷମତାକୁ କିଏ କେଉଁ ବାଟରେ ବ୍ୟବହାର କରୁଛି। ଏତେ ଏତେ ଦୁର୍ନୀତି ହେଉଥିଲେ ବି ଜଣେ ମୁଖ୍ୟମନ୍ତ୍ରୀ କିପରି ଏହାର ଗନ୍ଧ ପାଉନଥିଲେ। ତେବେ ଏଠାରେ ଦୁଇଟି ପ୍ରଶ୍ନ ସାମ୍ନାକୁ ଆସୁଛି ନବୀନ ଯଦି କିଛି ଜାଣିପାରୁନଥିଲେ ତେବେ ସେ ପଦବୀ ପାଇଁ ଯୋଗ୍ୟ ନୁହଁନ୍ତି ଏବଂ ଯଦି ସିଏ ସମସ୍ତ ଘଟଣା ଜାଣିବା ପରେ ନିରବ ରହୁଥିଲେ ସେ ହିଁ ଅସଲ ଦୋଷୀ। କାରଣ କ୍ଷମତାର ମୋହ ତାଙ୍କୁ ଏଭଳି ଅନ୍ଧ କରିଥିଲା ଯେ ସେ ଓଡିଶା ଲୋକଙ୍କୁ ଯୋଗ୍ୟ କରିବା ବଦଳରେ କିଛି ମାଗଣା ଦେଇ ଅଯୋଗ୍ୟ କରି କେବଳ ଭୋଟ କିଭଳି ଆସିବ ସେଇଆ ଚିନ୍ତା କରୁଥିଲେ। ବିକାଶ ନାଁରେ ଦୁର୍ନୀତିର ଗଡ଼ କରି ସେଠାରେ ଏକଛତ୍ରବାଦ କ୍ଷମତା ଜାହିର କରୁଥିଲେ। ପାଣ୍ଡିଆନ ଚର୍ଚ୍ଚାରେ ରହୁଥିଲେ ସୁଦ୍ଧା କ୍ଷମତା ତ ନବୀନ ଉପଭୋଗ କରୁଥିଲେ। ସେ କାହିଁକି ଚିନ୍ତା କଲେନାହିଁ ଯେ ଏକ ଗଣତାନ୍ତ୍ରିକ ଶାସନରେ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ରହିଛି। ସେମାନଙ୍କୁ ଗୌଣ କରି କିଛି ଅଫିସରଙ୍କ ଜରିଆରେ ଶାସନ କରିବା କେଉଁ ଗଣତନ୍ତ୍ରର ଲକ୍ଷଣ!

୨୫ ବର୍ଷରେ ଜଣେ ଓଡ଼ିଆଙ୍କୁ ଉପଯୁକ୍ତ ନେତା ତିଆରି କରିନଥିବା ନବୀନ କେବଳ ଛଳନା କରି ଏଯାଏ ଶାସନ କରିଆସିଲେ। କାରଣ ବିଜେଡି ଲୋଗୋ ନବୀନ ପସନ୍ଦ କରିନଥିଲେ, ଯିଏ ପସନ୍ଦ କରି ଦଳ ତିଆରି କରିଥିଲେ ସେ ହେଲେ ରାଜ୍ୟର ଟାଣୁଆ ନେତା ବିଜୟ ମହାପାତ୍ର। ତାଙ୍କ ଅବସ୍ଥା କଣ କରିଥିଲେ ନବୀନ? ଏଭଳି ଜଣେ ନୁହଁନ୍ତି ବିଜୁ ପଟ୍ଟନାୟକଙ୍କ ଯିଏ ଘନିଷ୍ଠ ତାଙ୍କୁ ସେ ହତାଦର କରୁଥିଲେ। କୌଣସି ଓଡ଼ିଆଙ୍କୁ ବିଶ୍ୱାସ କରୁନଥିବା ନବୀନ ସବୁବେଳେ, ସବୁ ଘଟଣାରେ ଅନ୍ୟ ମୁଣ୍ଡରେ ଦୋଷ ଲଦି ତାଙ୍କୁ ଛେଦନ କରି ନିଜ ଭାବମୂର୍ତ୍ତି ବଢ଼ାଇ ଏଯାଏ ମୁଖ୍ୟମନ୍ତ୍ରୀ ରହିଆସୁଥିଲେ। ଏଥର ପାଣ୍ଡିଆନଙ୍କୁ ବଳି ପକେଇ ନିଜେ ମହାନ ହେବାର ଅପଚେଷ୍ଟାରୁ ସେ ନିବୃତ ରହିନାହାନ୍ତି। ପାଞ୍ଚ ବର୍ଷ କାଳ ଦଳୀୟ ନେତାଙ୍କୁ ଦର୍ଶନ ଦେଉ ନ ଥିବା ନବୀନ ହଠାତ ପରାଜୟ ପରେ ଜିତିଥିବା ବିଜେଡି ବିଧାୟକଙ୍କୁ ଘଣ୍ଟାଏ ସମୟ ଦେଲେ କିପରି? ପ୍ରକୃତ ଖଳନାୟକ ହେଉଛନ୍ତି ନବୀନ, କିନ୍ତୁ ସେ ଏତେ ଚତୁର ଯେ ସୁନାମ ନିଜ ନାଁରେ ଓ ଦୁର୍ନାମ ଅନ୍ୟ ନାଁରେ ଦେବାକୁ ଭୁଲନ୍ତି ନାହିଁ। ଯଦି ପାଞ୍ଚବର୍ଷ ହେଲା ନିଜ ଦଳର ନେତା, ମନ୍ତ୍ରୀ ତାଙ୍କୁ ସାକ୍ଷାତ କରିବାର ସୁଯୋଗ ପାଉନଥିଲେ ବୋଲି ଅଭିଯୋଗ ହୋଇଆସୁଥିଲା ତେବେ ଶାସନ କ୍ଷମତାରୁ ହଟିବା କ୍ଷଣି ସେ ବିଜେତା ଓ ପରାଜିତ ପ୍ରାର୍ଥୀଙ୍କୁ ନବୀନ ନିବାସ ଡାକି ପୁଣି ଆଲୋଚନା କିପରି କରିପାରିଲେ! ନିଜକୁ ସେ ଯଦି ସୁସ୍ଥ ରଖିଛନ୍ତି ତେବେ ପ୍ରତ୍ୟେକ ଘଟଣାରେ ନିଜେ ସାମ୍ନାକୁ ନଆସି ଭିକେ ପାଣ୍ଡିଆନଙ୍କୁ ଆଗକୁ ପଠାଉଥିଲେ କାହିଁକି? ପାଣ୍ଡିଆନ ତ ଦଳର କିଛି ପଦ ପଦବୀରେ ନଥିଲେ ବରଂ ସେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ନବୀନଙ୍କ ବ୍ୟକ୍ତିଗତ ସଚିବ ଥିଲେ। କଣ ପାଇଁ ଶାସନ କଳରେ ତାଙ୍କ ହସ୍ତକ୍ଷେପ ଲୋଡ଼ା ପଡିଲା। କାହିଁକି ପାଣ୍ଡିଆନଙ୍କ ନିୟନ୍ତ୍ରଣକୁ ଚାଲିଗଲା ବିଜେଡି। କଣ ପାଇଁ ବିଜେଡି ନେତାଙ୍କ ଉପରେ ପାଣ୍ଡିଆନ ହୁକୁମ ଚଳାଇଲେ? ଯଦିଓ ପରେ ପାଣ୍ଡିଆନ ଚାକିରିରୁ ଇସ୍ତଫା ଦେଇ ବିଜେଡିର ନୂଆ ନେତା ହେଲେ, କିନ୍ତୁ ଦଳର ବରିଷ୍ଠ ନେତା ପାଣ୍ଡିଆନଙ୍କ ଦ୍ୱାରା କାହିଁକି ଗୁରୁତ୍ୱ ହରାଇଲେ ଏହା କଣ ନବୀନ ବାବୁ ଜାଣୁନଥିଲେ! ନା' ସେ ସବୁ ଜାଣି ନଜାଣିବାର ଅଭିନୟ କରିଚାଲିଥିଲେ। ଯାହାର ଫଳ ୨୦୨୪ ନିର୍ବାଚନ ଫଳାଫଳ। ବିଜେଡିର ପରାଜୟ ପରେ ଦଳ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି। ହେଲେ ବରିଷ୍ଠ ନେତାମାନେ ଏଯାଏ ପାଟି ଖୋଲି ନାହାନ୍ତି। କିନ୍ତୁ ଯୁବ-ଛାତ୍ର ନେତାମାନେ ଭୀଷଣ କ୍ଷୁବ୍ଧ ହୋଇପଡିଛନ୍ତି। ନବୀନ ପଟ୍ଟନାୟକଙ୍କୁ କ୍ଷମତା ବାହାରେ ସେମାନେ ଦେଖିପାରୁନାହାନ୍ତି। ଭାରତ ବର୍ଷରେ ସବୁଠାରୁ ଦୀର୍ଘବର୍ଷ ମୁଖ୍ୟମନ୍ତ୍ରୀ ହେବାର ରେକର୍ଡ କରିଥାନ୍ତେ ନବୀନ। ହେଲେ ସ୍ୱପ୍ନ ଅଧୁରା ରହିଲା। ବିଜେଡିର ପରାଜୟ ପାଇଁ ଏହି ଯୁବ-ଛାତ୍ର ନେତାମାନେ ଭିକେ ପାଣ୍ଡିଆନଙ୍କୁ ଦାୟୀ କରୁଛନ୍ତି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବିଶ୍ୱ ପରିବେଶ ଦିବସ ଏବଂ ଆମର କର୍ତ୍ତବ୍ୟ



ଅସିତ ମହାନ୍ତି

ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ ଦ୍ୱାରା ୧୯୭୩ରେ ବିଶ୍ୱ ପରିବେଶ ଦିବସ ପାଳନ ଆରମ୍ଭ ହୋଇଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହୋଇଛି ଯାହା ଲକ୍ଷ୍ୟ ରଖିଛି ଯେ ସମଗ୍ର ବିଶ୍ୱରେ ଲୋକଙ୍କୁ ସଚେତନ କରାଇବା ଏବଂ ଆମ ଗ୍ରହର ସୁରକ୍ଷା ପାଇଁ ସେମାନଙ୍କୁ ପ୍ରେରଣା ଦେବା। ପ୍ରତିବର୍ଷ ଏହି ପରିବେଶ ସମସ୍ୟାର ସମାଧାନ ପାଇଁ ଏହା ଏକ ପ୍ରଭାବଶାଳୀ ପ୍ଲାଟଫର୍ମ ହୋଇଯାଏ। ସେହି କାରଣରୁ ପ୍ରତ୍ୟକ ବର୍ଷ ଜୁନ ୫କୁ ସାରା ବିଶ୍ୱରେ ପରିବେଶ ଦିବସ ପାଳନ କରାଯାଏ। ଏହି ବର୍ଷ ବିଶ୍ୱ ପରିବେଶ ଦିବସ ୨୦୨୪ର ବିଷୟବସ୍ତୁ ହେଉଛି "ଜମି ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ି ସ୍ଥିରତା"। ପରିବେଶ କ'ଣ? 'ପରିବେଶ' ପୃଥିବୀ, ଜଳ, ବାୟୁ, ମୃତ୍ତିକା, ଜଙ୍ଗଲ, ସୂର୍ଯ୍ୟ କିରଣ, ଖଣିଜ ପଦାର୍ଥ ଏବଂ ଜୀବଜନ୍ତୁ ପରି ପ୍ରାକୃତିକ ଭାବରେ ପୃଥିବୀରେ ଘଟୁଥିବା ସମସ୍ତ ପରିବେଶ ଉପାଦାନକୁ ବୁଝାଏ। ଏହି ଗ୍ରହରେ ବିଭିନ୍ନ ପ୍ରକାରର ଜୈବିକ ଏବଂ ଅଜୈବିକ ପ୍ରାକୃତିକ ପରିବେଶ ଅଛି। ଜୀବମଣ୍ଡଳ, ସ୍ଥଳମଣ୍ଡଳ, ବାୟୁମଣ୍ଡଳ ଏବଂ ଜଳମଣ୍ଡଳ। ପରିବେଶରେ ଉପଲବ୍ଧ ବିଭିନ୍ନ ପ୍ରକାରର ଉତ୍ସ ମଧ୍ୟରେ ବିଭିନ୍ନ କାର୍ଯ୍ୟକଳାପ ଏବଂ ପ୍ରତିକ୍ରିୟା ହେତୁ ପୃଥିବୀରେ ଜୀବନ ସମ୍ଭବ। ସବୁଠୁ ବଡ ପରିବେଶ ସମସ୍ୟା କ'ଣ? 'ଗ୍ରହର ପ୍ରଣାଳୀ (ବାୟୁ, ଜଳ, ମୃତ୍ତିକା ଇତ୍ୟାଦି) ସହିତ ଜଡିତ ସମସ୍ୟା ଯାହା ମାନବ ହସ୍ତକ୍ଷେପ କିମ୍ବା ପୃଥିବୀର ଅସଦାଚରଣ ହେତୁ ସୃଷ୍ଟି ହୋଇଛି' ଏହାକୁ ପରିବେଶ ସମସ୍ୟା କୁହାଯାଏ। ଯେତେବେଳେ କୌଣସି ପରିବେଶ କାରକର ପରିମାଣ କିମ୍ବା ଗୁଣରେ ପରିବର୍ତ୍ତନ ଆସେ, ପରିବେଶ ସମସ୍ୟା ଉପୁଜେ ଯାହା ପୃଥିବୀରେ ସବୁକିଛି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବ ପକାଇଥାଏ। ଆମର ସମଗ୍ର ବିଶ୍ୱ ବର୍ତ୍ତମାନ ଅନେକ ପରିବେଶ ସମସ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଏସିଡ୍ ବର୍ଷା, ବାୟୁ ପ୍ରଦୂଷଣ, ଗ୍ଲୋବାଲ୍ ୱାର୍ମିଂ, ବିପଜ୍ଜନକ ବର୍ଜ୍ୟବସ୍ତୁ, ଓଜୋନ୍ ହ୍ରାସ, ଧୂଆଁ, ଜଳ ପ୍ରଦୂଷଣ, ଅତ୍ୟଧିକ ଗହଳି ଏବଂ ଜଙ୍ଗଲ କ୍ଷୟ ବର୍ତ୍ତମାନ ଦୁନିଆର ସବୁଠୁ ବଡ ପରିବେଶ ସମସ୍ୟା ଅଟେ। ଏହା କେବଳ ପରିବେଶ ପାଇଁ ନୁହେଁ, ପୃଥିବୀର ସମସ୍ତ ଲୋକଙ୍କ ପାଇଁ ମଧ୍ୟ ପ୍ରାସଙ୍ଗିକ ଅଟେ। ଏହା ପୃଥିବୀରେ ଉପସ୍ଥିତ ଥିବା ପ୍ରତ୍ୟେକ ଦେଶ, ପଶୁ ଏବଂ ବ୍ୟକ୍ତିଙ୍କୁ ପ୍ରଭାବିତ କରିଥାଏ। ଏଠାରେ କେତେକ ବୃହତ ପରିବେଶ ସମସ୍ୟା ବିଷୟରେ ଆଲୋଚନା କରାଯାଇଛି। ପ୍ରଦୂଷଣ - ପ୍ରଦୂଷଣ ହେଉଛି ଜଳ, ସ୍ଥଳ କିମ୍ବା ବାୟୁରେ ପଦାର୍ଥର ଅବାଞ୍ଛିତ ଯୋଗ ଯାହା ମାନବଙ୍କ ଅସ୍ତିତ୍ୱ, ଅନ୍ୟ ପ୍ରାଣୀ, ଜୀବନ ଅବସ୍ଥା ଏବଂ ଆମର ପ୍ରାକୃତିକ ସମ୍ପଦ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହା ସ୍ଥାନୀୟ ତଥା ବିଶ୍ୱ ସ୍ତରରେ ମଧ୍ୟ ଘଟେ। ବାୟୁ ପ୍ରଦୂଷଣରୁ ଉତ୍ପନ୍ନ ମୁଖ୍ୟ ସମସ୍ୟା ହେଉଛି ଅଙ୍ଗାରକାମ୍ଳର ନିର୍ଗମନ, ଯାହା ବାୟୁମଣ୍ଡଳରେ ତାଜା ଅମ୍ଳଜାନର ପରିମାଣକୁ ହ୍ରାସ କରିଥାଏ ଏବଂ ଶ୍ୱାସକ୍ରିୟାରେ ରୋଗ ସୃଷ୍ଟି କରିଥାଏ। ଶିଳ୍ପ ଏବଂ ଜାଳେଣିରୁ ମୁକ୍ତ ହୋଇଥିବା ଲିଡ୍ ଲୋକମାନଙ୍କ ମଧ୍ୟରେ ସ୍ନାୟୁଗତ ଏବଂ ହୃଦ୍‌ରୋଗକୁ ବ୍ୟାହତ କରିଥାଏ। ସେହିଭଳି ଜଳ ପ୍ରଦୂଷଣ ଜଳଜାତୀୟ ପ୍ରଜାତିମାନଙ୍କୁ ମାରିଦିଏ ଏବଂ ଅନେକ ଜଳ ଦ୍ୱାରା ରୋଗ ମଧ୍ୟ ସୃଷ୍ଟି କରେ। ବର୍ଜ୍ୟବସ୍ତୁ ନିଷ୍କାସନ - ମାନବ ସମାଜର ବର୍ଜ୍ୟବସ୍ତୁ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ଉତ୍ପନ୍ନକୁ ବର୍ଜ୍ୟବସ୍ତୁ ନିଷ୍କାସନ କୁହାଯାଏ। ବର୍ଜ୍ୟବସ୍ତୁର ଉତ୍ସ ଏବଂ ରଚନାକୁ ଶ୍ରେଣୀଭୁକ୍ତ କରାଯାଇଛି। ବର୍ଜ୍ୟବସ୍ତୁଗୁଡ଼ିକର ଉପାଦାନଗୁଡ଼ିକ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ଏହାର ପ୍ରଭାବ ଦୃଷ୍ଟିରୁ କ୍ଷତିକାରକ କିମ୍ବା ନିଷ୍କ୍ରିୟ ହୋଇପାରେ ଏବଂ ସେଗୁଡ଼ିକ ତରଳ କିମ୍ବା କଠିନ ରୂପରେ ହୋଇପାରେ। ଭଙ୍ଗା କାଚ, ବ୍ୟବହୃତ ସେଲ୍ ଫୋନ୍, ବ୍ୟବହୃତ ବ୍ୟାଟେରୀ କୋଷ ଏବଂ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟାଗ୍ ହେଉଛି ଉତ୍ପାଦର ଉଦାହରଣ ଯାହାକି ପରିବେଶର କ୍ଷତି ହ୍ରାସ କରିବା ପାଇଁ ସଠିକ୍ ଭାବରେ ବିସର୍ଜନ କରାଯିବା ଆବଶ୍ୟକ। କଠିନ ବର୍ଜ୍ୟବସ୍ତୁ, ସ୍ୱେରେଜ୍, ବିପଜ୍ଜନକ ବର୍ଜ୍ୟବସ୍ତୁ ଏବଂ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁକୁ ସାଧାରଣତଃ ଆବର୍ଜନା କୁହାଯାଏ। ବର୍ଜ୍ୟବସ୍ତୁର ମୁଖ୍ୟ ଉତ୍ସ ହେଉଛି ମ୍ୟୁନିସିପାଲିଟି ବର୍ଜ୍ୟବସ୍ତୁ, କୃଷି ବର୍ଜ୍ୟବସ୍ତୁ, ଶିଳ୍ପ ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଏବଂ ଭାଙ୍ଗିବା ବର୍ଜ୍ୟବସ୍ତୁ। ଗ୍ଲୋବାଲ୍ ୱାର୍ମିଂ - ବିଗତ ଶତାବ୍ଦୀରେ ଗ୍ରହର ହାରାହାରି ତାପମାତ୍ରାର ଅତି ଦ୍ରୁତ ବୃଦ୍ଧିକୁ ଗ୍ଲୋବାଲ୍ ୱାର୍ମିଂ କୁହାଯାଏ ଏବଂ ଏହା ପ୍ରାୟତଃ ଗ୍ରୀନ୍ ହାଉସ୍ ଗ୍ୟାସ୍ ଦ୍ୱାରା ହୋଇଥାଏ ଯେତେବେଳେ ଲୋକମାନେ ଜୀବାଶ୍ମ ଇନ୍ଧନକୁ ଅତ୍ୟଧିକ ବ୍ୟବହାର କରିଥାନ୍ତି। ଯେତେବେଳେ ଗ୍ରୀନ୍ ହାଉସ୍ ଗ୍ୟାସ୍ ଯେପରିକି କାର୍ବନ ଡାଇଅକ୍ସାଇଡ୍ (ସିଓ୨) ଏବଂ ଅନ୍ୟାନ୍ୟ ବାୟୁ ପ୍ରଦୂଷକ ବାୟୁମଣ୍ଡଳକୁ ଉଠିଥାଏ, ସେମାନେ ସୂର୍ଯ୍ୟ କିରଣ ଏବଂ ସୌର ବିକିରଣ ଗ୍ରହଣ କରନ୍ତି ଯାହା ପୃଥିବୀ ପୃଷ୍ଠରୁ ପ୍ରତିଫଳିତ ହୋଇସାରିଛି। ସାଧାରଣତ, ଏହି ବିକିରଣ ମହାକାଶକୁ ଯିବ, କିନ୍ତୁ ଏହି ପ୍ରଦୂଷକଗୁଡିକ ଯେହେତୁ ବାୟୁମଣ୍ଡଳରେ



ଦୀର୍ଘ ବର୍ଷ ଧରି ରହିପାରନ୍ତି, ତେଣୁ ସେମାନେ ଉତ୍ତାପକୁ ଫାନ୍ଦରେ ପକାଇ ଗ୍ରହକୁ ଉଷ୍ମ କରିଥାନ୍ତି, ଯାହା ଗ୍ରୀନହାଉସ୍ ପ୍ରଭାବ କୁହାଯାଏ। ଗ୍ଲୋବାଲ୍ ୱାର୍ମିଂ ଉଭୟ ପ୍ରାକୃତିକ ଏବଂ ମନୁଷ୍ୟକୃତ କାରଣରୁ ହୋଇଥାଏ। ଆଗ୍ନେୟଗିରି ଉଦ୍‌ଗୀରଣ ସ୍ୱାଭାବିକ, ଏବଂ ଶିଳ୍ପ, ଖଣି ଏବଂ ଜଙ୍ଗଲ ନଷ୍ଟ ପାଇଁ ଜୀବାଶ୍ମ ଇନ୍ଧନ ଜାଳିବା ମନୁଷ୍ୟ ଦ୍ୱାରା ନିର୍ମିତ। ଗ୍ଲୋବାଲ୍ ୱାର୍ମିଂର ସବୁଠାରୁ ପ୍ରମୁଖ ପ୍ରଭାବ ହେଉଛି ପୋଲର ବରଫର ତରଳିବା, ଯାହା ସମୁଦ୍ରର ଜଳସ୍ତରକୁ ବୃଦ୍ଧି କରୁଛି। ପରିବେଶର ପରିବର୍ତ୍ତନ ହେତୁ ପୋଲାର ପ୍ରଜାତିଗୁଡିକ ସେମାନଙ୍କର ବାସସ୍ଥାନ ହରାଇବେ। ମହାସାଗର ଏସିଡିଫିକେସନ୍ - ବାୟୁମଣ୍ଡଳରୁ କାର୍ବନ ଡାଇଅକ୍ସାଇଡ୍ (ସିଓ୨) ଅବଶୋଷଣ ହେତୁ ମହାସାଗରର ପିଏଚ୍ କ୍ରମାଗତ ଭାବରେ ହ୍ରାସ ପାଉଛି। ଯେତେବେଳେ ସମୁଦ୍ର ଜଳର ପିଏଚ୍ ୭ ରୁ ଅଧିକ, ମହାସାଗର ଅମ୍ଳକରଣ ଏସିଡ୍ ଅବସ୍ଥା (ପିଏଚ୍୭) ପରିବର୍ତ୍ତେ ପିଏଚ୍ - ନିରପେକ୍ଷ ଅବସ୍ଥାକୁ ବଦଳିଯାଏ। ଜୀବାଶ୍ମ ଇନ୍ଧନ ଜାଳେଣିରୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନରୁ ମହାସାଗର ଏସିଡିଫିକେସନ୍ ଫଳାଫଳ, ଯାହା ସମୁଦ୍ର ଜଳରେ ଦ୍ରବୀଭୂତ ହୋଇ କାର୍ବନିକ୍ ଏସିଡ୍ ଉତ୍ପାଦନ କରେ, ଯାହା ସମୁଦ୍ର ଜଳର ପିଏଚ୍ ହ୍ରାସ କରେ। ମହାସାଗରରେ ଅମ୍ଳକରଣ କୋ ରାଲ୍ ରିଫ୍ ନଷ୍ଟ ହୋଇଯାଏ, ଖାଦ୍ୟ ଶୃଙ୍ଖଳା ବ୍ୟାହତ ହୁଏ, ମାଛ ଏବଂ ସାମୁଦ୍ରିକ ଦ୍ରବ୍ୟର ଅଭାବ ହେତୁ ସ୍ଥାନୀୟ ଅର୍ଥନୀତି ହ୍ରାସ ହୁଏ ଏବଂ ମାନବ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଏସିଡ୍ ବର୍ଷା - ଯେକୌଣସି ବୃଷ୍ଟିପାତ ଯେଉଁଥିରେ ଅମ୍ଳୀୟ ଉପାଦାନ ଧାରଣ କରିଥାଏ, ଯେପରିକି ସଲଫୁରିକ୍ କିମ୍ବା ନାଇଟ୍ରିକ୍ ଏସିଡ୍, ଯାହା ବାୟୁମଣ୍ଡଳରୁ ଆର୍ଦ୍ର କିମ୍ବା ଶୁଷ୍କ ରୂପରେ ପଡ଼େ, ଏହାକୁ ଏସିଡ୍ ବର୍ଷା କୁହାଯାଏ, ଯାହାକୁ ଏସିଡ୍ ଜମା ମଧ୍ୟ କୁହାଯାଏ। ବର୍ଷା, ତୁଷାର, କୁହୁଡି, କୁଆପଥର ଏବଂ ଅମ୍ଳୀୟ ଧୂଳି ମଧ୍ୟ ଏହି ଶ୍ରେଣୀରେ ପ୍ରବେଶ କରିପାରେ। ଭିତ୍ତିଭୂମି, ଜଳଜୀବ ଏବଂ ଉଦ୍ଭିଦ ସବୁ ନକାରାତ୍ମକ ପରିଣାମ ଭୋଗିପାରେ। ସଲଫର୍ ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ନିର୍ଗମନ ବାୟୁମଣ୍ଡଳର ଜଳ ଅଣୁଗୁଡ଼ିକ ସହିତ ପ୍ରତିକ୍ରିୟା କରି ଏସିଡ୍ ସୃଷ୍ଟି କରେ। ଓଜୋନ ସ୍ତରର ଅବନତି - ଓଜୋନ ସ୍ତରର ଅବନତି ହେତୁ ଉପର ବାୟୁମଣ୍ଡଳର ଓଜୋନ ସ୍ତର ପତଳା ହୋଇଯାଏ। ଯେତେବେଳେ ଓଜୋନ୍ ଅଣୁଗୁଡ଼ିକ ବାୟୁମଣ୍ଡଳରେ କ୍ଲୋରାଇନ୍ ଏବଂ ବ୍ରୋମାଇନ୍ ପରମାଣୁ ସହିତ ଇଣ୍ଟରଫେସକୁ ଆସନ୍ତି ଏବଂ ଭାଙ୍ଗିଯାଏ। ଓଜୋନ ଅଣୁଗୁଡ଼ିକ ଗୋଟିଏ କ୍ଲୋରାଇନ୍ ଅଣୁ ଦ୍ୱାରା ନଷ୍ଟ ହୋଇପାରେ। ଏହା ନଷ୍ଟ ହେବା ମାତ୍ରେ ଏହା ସୃଷ୍ଟି ହୁଏ ନାହିଁ। ତୀବ୍ର ଅଲ୍‌ଟ୍ରାଟୋଇଲେଟ୍ ବିକିରଣର ସମ୍ମୁଖୀନ ହେଲେ, କେତେକ ପଦାର୍ଥ କ୍ଲୋରାଇନ ଏବଂ ବ୍ରୋମିନ ନିର୍ଗତ କରେ, ଯାହା ପରେ ଓଜୋନ ସ୍ତରର ପତଳା ହେବାରେ ସହାୟକ ହୋଇଥାଏ। କ୍ଲୋରୋଫ୍ଲୋରୋକାର୍ବନ୍, କାର୍ବନ ଟେଟ୍ରାକ୍ଲୋରାଇଡ୍, ହାଇଡ୍ରୋକ୍ଲୋରୋଫ୍ଲୋରୋକାର୍ବନ୍ ଏବଂ ମିଥାଇଲ୍ କ୍ଲୋରୋଫର୍ମ ହେଉଛି ରାସାୟନିକ ପଦାର୍ଥର ଉଦାହରଣ ଯାହା ଓଜୋନ୍ ସ୍ତରକୁ ନଷ୍ଟ କରିଥାଏ। ତଥାପି ହାଇଡ୍ରୋବ୍ରୋମୋଫ୍ଲୋରୋକାର୍ବନ୍, ମିଥାଇଲ୍ ବ୍ରୋମାଇଡ୍ ଏବଂ ହାଲନ୍ ସବୁ ଓଜୋନ୍-ହ୍ରାସକାରୀ ଯୌଗିକ ଯାହା ବ୍ରୋମାଇନ୍ ମଧ୍ୟ ଧାରଣ କରିଥାଏ। ଓଜୋନ୍ ସ୍ତରକୁ ନଷ୍ଟ କରୁଥିବା ସବୁଠାରୁ ସାଧାରଣ ରାସାୟନିକ ହେଉଛି କ୍ଲୋରୋଫ୍ଲୋରୋକାର୍ବନ୍। କ୍ଲୋରାଇନ୍ ପରମାଣୁ ଓଜୋନ୍ ସହିତ ପ୍ରତିକ୍ରିୟା କରେ ନାହିଁ ଯେତେବେଳେ ଏହା ଅନ୍ୟ ଅଣୁ ସହିତ ଯୋଗାଯୋଗ କରେ। ପରିବେଶ ସମସ୍ୟାର ସମାଧାନ କିପରି ହେବ? ଜଣେ ବ୍ୟକ୍ତି ଭାବରେ ଆମ ପରିବେଶର ସୁରକ୍ଷା ପାଇଁ ଆମକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡିବ। ଆମର ଛୋଟ ପଦକ୍ଷେପ ଏବଂ ସଚେତନତା ସ୍ଥାୟୀ ବିକାଶକୁ ନେଇପାରେ। ୧. ବ୍ୟବହାର ଯୋଗ୍ୟ ଆଇଟମ୍ ବଦଳରେ ପୁନଃ ବ୍ୟବହାର ଯୋଗ୍ୟ ଆଇଟମ୍ ବ୍ୟବହାର କରନ୍ତୁ। ୨. ଯେତେବେଳେ ସମ୍ଭବ କାଗଜ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। ୩. ବିଦ୍ୟୁତ୍ ଏବଂ ଜଳ ସଂରକ୍ଷଣ କରନ୍ତୁ। ୪. ପରିବେଶ ଅନୁକୂଳ ଆଚରଣକୁ ଉତ୍ସାହିତ କରନ୍ତୁ। ୫. ପ୍ରାକୃତିକ ସମ୍ପଦ ସଂରକ୍ଷଣ ପାଇଁ ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର କରନ୍ତୁ। ପରିବେଶ ସମସ୍ୟା ଆସୁଥିବା ବିନାଶର ସଙ୍କେତ ଅଟେ। ଯଦି ଏହି ସମସ୍ୟାର ସମାଧାନ ନହୁଏ ତେବେ ନିକଟ ଭବିଷ୍ୟତରେ ପୃଥିବୀରେ କୌଣସି ଜୀବନ ରହିବ ନାହିଁ। ବର୍ତ୍ତମାନ ପରିବେଶ ପ୍ରକୃତରେ ବହୁତ ଖରାପ ଅବସ୍ଥାରେ ଅଛି, ଯାହା ଆମର ପୂର୍ବପୁରୁଷମାନେ କଳ୍ପନା କରିପାରିନଥିଲେ। ଏହାର ଉତ୍ସଗୁଡିକର ଅପବ୍ୟବହାର କରି ଆମେ କ୍ରମାଗତ ଭାବରେ ଆମର ପରିବେଶକୁ ନଷ୍ଟ କରିଛୁ। ଆମେ ଦେଖିପାରୁଛୁ ଯେ ପ୍ରଦୂଷଣ ଦିନକୁ ଦିନ ସାରା ବିଶ୍ୱରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି, ଜଙ୍ଗଲ ନଷ୍ଟ ହେବା, ଏସିଡ୍ ବର୍ଷା ହେଉ କିମ୍ବା ମାନବ-ବୈଷୟିକ ଜ୍ଞାନ କୌଶଳ ଦ୍ୱାରା ଆଣିଥିବା ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହେଉ। ଆମର ଭବିଷ୍ୟତ ପିଢ଼ିକୁ ଏକ ଉତ୍ତମ, ସୁସ୍ଥ ଅସ୍ତିତ୍ୱ ଦେବା ପାଇଁ ବୁଦ୍ଧିମାନ ଭାବରେ ପ୍ରାକୃତିକ ସମ୍ପଦର ବ୍ୟବହାରକୁ କାର୍ଯ୍ୟକାରୀ କରିବା ଗୁରୁତ୍ୱପୂର୍ଣ୍ଣ। ଏଠାରେ ଉଲ୍ଲେଖ କରିବା ଉପଯୋଗୀ ଯେ ପରିବେଶର ସମସ୍ତ ଅବକ୍ଷୟ ପାଇଁ ମଣିଷ ଦାୟୀ, ଯାହାର ଅର୍ଥ ହେଉଛି ଏହା ମନୁଷ୍ୟ ଦ୍ୱାରା ନିର୍ମିତ। ଆମେ ପ୍ରକୃତରେ ରହୁଥିବା ସାମାଜିକ ବ୍ୟବସ୍ଥାକୁ ପୁଞ୍ଜିବାଦ କୁହାଯାଏ। ଏହି ପ୍ରଣାଳୀ ନିଜର ଲାଭ ପାଇଁ ପ୍ରକୃତିର ଶୋଷଣ ଜାରି ରଖିଛି। ଲଦାଖ ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ବିଜ୍ଞାନର ବିକାଶ ସତ୍ତ୍ୱେ ସମାଜ ଏହାର ବ୍ୟବହାର ନକରି ପ୍ରକୃତିର ଶୋଷଣ ଜାରି ରଖିଛି। ଯେହେତୁ ଏହି ବ୍ୟବସ୍ଥା ଜାଣିଛି ଯେ, ଯଦି ବିଜ୍ଞାନର ବ୍ୟବହାର କରାଯାଏ ତେବେ ପ୍ରତ୍ୟକ ଜିନିଷ ସୁଲଭ ମୂଲ୍ୟରେ ପ୍ରାପ୍ତ ହେବ, ଯେଉଁଥିରେ ପୁଞ୍ଜିପତି ମାନଙ୍କୁ ମୁନାଫା କମାଇବା ସମ୍ଭବ ହୋଇପାରିବ ନାହିଁ। ସେହି କାରଣରୁ ସେମାନେ ପ୍ରକୃତି ଦତ୍ତ ଜିନିଷକୁ ନିଅଯର ଅକ୍ତିଆରରେ ରଖି ସେଥିରୁ ମନ ଇଚ୍ଛା ମୁନାଫା କାମଉଛନ୍ତି। ତେଣୁ ଏହି ସମାଜ ବ୍ୟବସ୍ଥା ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ, ଏହି ସମସ୍ୟା ଜାରି ରହିବ।

*ସୁଜନପୁର, ଯାଜପୁର*

*ଭ୍ରାମ୍ୟଭାଷ : ୯୩୪୮୭୬୮୮୧୨*

# ମନୁଷ୍ୟ ଜୀବନ ସହ ସାଙ୍ଘାତିକ ଖେଳ



ଆଶୁତୋଷ ନାୟକ

ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷିପ୍ର ବେଗରେ ବଢ଼ିଚାଲିଛି ତାର କଳ୍ପନା କରିବା ଅସମ୍ଭବ। ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ୍ୟ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି। ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ, କିଛି କଳକାରଖାନାର ମାଲିକଙ୍କ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି। ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି। ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ଼ ମିଶାଯାଏ। ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ଼ ବ୍ୟବହାର କରାଯାଏ। ଫର୍ମାଲ ଡିହାଇଡ଼ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ। କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ଼ ବ୍ୟବହାର ଦ୍ୱାରା ଅନେକ ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ।

ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ୱାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ। ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀକୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଦ୍ୱାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ। କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ତ୍ୱେ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି। ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି। ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ। ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି।

ବିଭିନ୍ନ ଜାତୀୟ ଓ ଆନ୍ତଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଗତ ପାଞ୍ଚ ବର୍ଷ (୨୦୧୯-୨୦୨୪) ମଧ୍ୟରେ ଭାରତରେ ପ୍ରସ୍ତୁତ ହୋଇ ବିଦେଶକୁ ଯାଉଥିବା ୪୦୦ପ୍ରକାରର ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ୟୁରୋପୀୟ ସଂଘ (ଇୟୁ)ନିଷିଦ୍ଧ କରିଛି। ଉକ୍ତ ଖାଦ୍ୟ ସାମଗ୍ରୀ ଗୁଡିକରେ କୀଟନାଶକ କବକ ଏବଂ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ମିଳିବା ପରେ ୟୁରୋପୀୟ ୟୁନିଅନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଇୟୁ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ରହିଛି ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚିବା ସହ ନଷ୍ଟ କରିଦେବ। ସେହିପରି ୨୧ଟି ସାମଗ୍ରୀରେ କ୍ୟାଡ଼ମିୟମ୍ ଭଳି ଭାରୀ ଧାତୁ ରହିଛି। ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଅତି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ୱାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି। ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି। ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅପିଙ୍ଗା ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ।

*ଗୋପାଳପୁର, ବାଲେଶ୍ୱର*

*ଭ୍ରାମ୍ୟଭାଷ : ୭୦୨୦୬୧୧୩୦୦*

## ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ

**ପୁଷ୍ପାରାଣୀ ପଟେଲ**



ଭାଗ-୧୭

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ ....!!*

***(ପୂର୍ବପ୍ରକାଶ ଉତ୍ତାରୁ)***

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୂଲ କହୁଛି, ପୂରବୀ?*

***(ପୂର୍ବପ୍ରକାଶ ଉତ୍ତାରୁ)***

ଅଭାବକୁ କ'ଣ ଏମିତି ମନ ଖୋଲି ଦେଖେଇ ହୁଏ। ଯିଏ ଭଲପାଏ ତମକୁ, ସେ ତ ତୁମର ଅଭାବକୁ ବୁଝିପାରେ। ତୁମ ସ୍ୱପ୍ନମାନଙ୍କୁ ସାକାର କରିବାକୁ ଲାଗିପଡେ।

ମୁହଁ ଖୋଲି କହିଲେ, ଆଉ ସେ କଥାର, ସମ୍ପର୍କର ମହତ୍ତ୍ୱ କ'ଣ ରହିଲା ଯେ! ଆହୁରି ନୂଆ ନୂଆ ବାହାଘର। ଏଭଳି ଅବାନ୍ତର ପ୍ରଶ୍ନ, ହୁଏତ ତାଙ୍କୁ ଆଘାତ ଦେଇପାରେ। ଆମ ସମ୍ପର୍କରେ ଆରମ୍ଭରୁ ଫାଟ ପଡିପାରେ।

ମୁଁ ଚୁପ୍ ରହେ। ନିଜ କାମରେ ମନ ଦିଏ। ଛୋଟବେଳୁ ଉପନ୍ୟାସ ପଢ଼ି ସ୍ୱପ୍ନପ୍ରବଣା ହେଇ ଉଠିଥିବା ମୋ' ମନକୁ ପ୍ରବୋଧନା ଦିଏ। - 'ସମୟ ସାଥିରେ ସବୁ ଠିକ୍ ହେଇଯିବ। ଏତେ ଚିନ୍ତା କାହିଁକି? ତରତର କାହିଁକି?'

ସମୟ ବଢୁଥିଲା। ସେମାନେ କେହି ବଦଳୁ ନଥିଲେ। ସେମାନଙ୍କର ନିଜ ଘର ହେଇଥିବା ଯୋଗୁଁ ତାଙ୍କର ବଦଳିବାର କୌଣସି ଆବଶ୍ୟକତା ମଧ ନଥିଲା। ମୁଁ ଚେଷ୍ଟା କରୁଥିଲି, ନିଜକୁ ସେମାନଙ୍କ ଇଚ୍ଛା ଅନୁସାରେ ବଦଳାଇ ନେବା ପାଇଁ। କେତେକାଂଶରେ ସଫଳ ହେଉଥିଲି ଭାବି ମନକୁ ମନ ଖୁସି ହେଉଥିଲି ସିନା ପର ମୁହୂର୍ତ୍ତରେ ଜାଣି ପାରୁଥିଲି ଯେ ମୁଁ କେତେ ଭୁଲ୍ ଥିଲି।

"ବୋହୂଟିଏ ସଦାବେଳେ ବୋହୂଟିଏ, ସେ ଯେତେ ଚେଷ୍ଟା କଲେ ବି ଝିଅ ହେଇପାରେନା!" - ସଙ୍କୁଚିତ ହେଇଯାଏ ମୁଁ, ନିଜ ପରିସୀମା ବିଷୟରେ ଅବଗତ ହେଲା ପରେ।

ଥରେ ଥରେ ମୁଁ ସ୍ୱପ୍ନରେ ଦେଖୁଥିଲି ସେଇ ପିଲାଟିକୁ। ସ୍ମାରକ ମିଶ୍ର। ଏଯାଏଁ ମୁଁ ତା'ର ନାଁ ବି ଭୁଲି ପାରିନଥିଲି। ତା' ସାଥିରେ ମୋ'ର ପ୍ରେମ ବିବାହ ହେଇଥିଲେ, କେମିତି ହୋଇଥାନ୍ତା ମୋ' ଜୀବନ - କ'ଣ ସେଇ ଗଳ୍ପ, ଉପନ୍ୟାସ ମାନଙ୍କ ପରି ସୁନ୍ଦର ଓ ଛଳ ଛଳ! ବୋଧହୁଏ!

ମୋ'ର ପ୍ରବଳ ରାଗ ହେଉଥିଲା। ମୋ' ଉପରେ। 'ଛି... ବାହାଘର ପରେ ମଧ ମୁଁ ଭୁଲି ପାରୁନି ସେ ପିଲାକୁ। ମୁଁ ହିଁ ଦୋଷୀ, ଅସତୀ... ଖରାପ। ବିବେକଙ୍କୁ ଦୋଷ ଦେଇ କିଛି କହିବା ପୂର୍ବରୁ, ମୁଁ ମନେ ପକେଇବା ଉଚିତ୍ ଯେ ପ୍ରକୃତରେ ମୁଁ କ'ଣ!!

ପୁରୁଷଙ୍କ ପାଇଁ ମନରେ ସଞ୍ଚିଥିବା ଘୃଣା ଯଦିଓ ବିବେକଙ୍କ ସାନ୍ନିଧ ପାଇ ବଦଳୁ ନଥିଲା ପ୍ରେମରେ, ତଥାପି ସେ ପାଖକୁ ଆସିଲେ ମୁଁ ଆପତ୍ତି କରୁନଥିଲି। ଯଦିଓ କୌଣସି ରୋମାଞ୍ଚ ନଥିଲା ସେ ଶାରୀରିକ ମିଳନରେ ତେବେ ବି ଆମ ସ୍ୱାମୀ-ସ୍ତ୍ରୀ ଥିଲୁ ଓ ଆମ କାନ୍ଧରେ ପରିବାର ପାଇଁ ଉତ୍ତରଦାୟାଦ ସୃଷ୍ଟି କରିବା ଭଳି ଏକ ଗୁରୁଦାୟିତ୍ୱ ନ୍ୟସ୍ତ ଥିଲା।

'ଆଃ ... କେତେ ମିଛ ଓ ପ୍ରତାରଣା ଭରା ଆମ ସମ୍ପର୍କ ସବୁ!'

ଦୁଇ ହଜାର ତିନି ମସିହା। ଜ୍ୟେଷ୍ଠ ମାସର ଦିନ।



ଯଦିଓ ପୂର୍ବରୁ ବର୍ଷ ବର୍ଷ ଧରି ମୁଁ ପଢୁଥିଲି ମୋ' ଜନ୍ମ ଜାତକ, ତଥାପି ଅପଢ଼ା ରହି ଯାଇଥିଲା ମୋ' ପାଖରେ ଯେ, କେତେ ଗୁରୁତ୍ୱପୂର୍ଣ୍ଣ ଏଇ ଦୁଇ ହଜାର ତିନି ମସିହାଟି ମୋ' ପାଇଁ।

କେଉଁ ଗ୍ରହଙ୍କର ସୁଦୃଷ୍ଟି ପଡିଲା ମୋ' ଭାଗ୍ୟ ଉପରେ, ସେକଥା ତ ଅଜଣା ରହିଲା ଏଯାଏଁ ... କିନ୍ତୁ ଖୁବ୍ ଭଲଭାବରେ ଏତିକି ବୁଝିପାରୁଥିଲି ଯେ, ରୂପାନ୍ତର ଘଟୁଥିଲା ମୋ'ର। କେବଳ ଶରୀରରୁ ନୁହେଁ, ମନ ଓ ଆତ୍ମାରୁ ଦୃଢ଼ ହେଉଥିଲି ମୁଁ।

'ସେ, ମୋ' ଭିତରେ ଗଢ଼ି ହେଉଥିଲା ଅବା ମୋ'ତେ ଗଢୁଥିଲା ସେ!' ଏକଥାର ଉତ୍ତର ଆଜି ବି ମୁଁ ଦେଇପାରିବି ନାହିଁ। ମୋ' ଭିତରର ଭୟ ସବୁ କିନ୍ତୁ ମିଳାଇ ଯାଉଥିଲେ ତା' ଭଲପାଇବାର ମହକରେ।

'ମୋତେ ନିଜକୁ ଦୃଢ଼ କରିବାକୁ ପଡିବ। ମାଆ ଭାବରେ ତାକୁ ଏକ ସୁନ୍ଦର ଭବିଷ୍ୟତ ଦେବା ଦାୟିତ୍ୱ ମୋ'ର। ମୁଁ ଯେମିତି ବଢ଼ିଛି, ସେମିତି ନୁହେଁ... ମୁଁ ତା'କୁ ଦେବି ଏକ ସୁନ୍ଦର, ସ୍ୱାଧିନ, ମନଚାହାଁ ଜୀବନ। ଏ ସାରା ଆକାଶକୁ ମାପିବା ପାଇଁ ତା' ଦେହରେ ଖଞ୍ଜିଦେବି ଦୁଇଟି ରଙ୍ଗିନ ଡେଣା। ସେ ଉଡିଯିବ ଏ କାମାନ୍ଧ ପୁରୁଷ ମାନଙ୍କର, ଈର୍ଷାକୁ ସମାଜର ହାତ ପାଉନଥିବା ଏକ ଅପହଞ୍ଚ ସୁନୀଳ ଆକାଶକୁ। ନିଜ ଜୀବନରେ ରଙ୍ଗ ଭରିବ ନିଜ ଇପ୍ସିତ ରଙ୍ଗର!' - ମୁଁ ମୋ' ବଢ଼ି ଆସିଥିବା ପେଟକୁ ସ୍ନେହରେ ସାଉଁଳେଇ ନେଇ କହୁଥିଲି, 'ମୁଁ ଜାଣେ ତୁ ମୋ'ର ଝିଅଟିଏ! ହଁ, ଝିଅଟିଏ- ବାନ୍ଧବୀଟିଏ ତୁ ମୋ'ର!

ଶ୍ୱଶୁର ଘରେ ପ୍ରଥମଥର ପାଇଁ କିଛି ଦାବି ରଖିଲି। - "ମୁଁ ଆଗକୁ ପଢ଼ିବାକୁ ଚାହେଁ।"

କେହି କିଛି ଉତ୍ତର ରଖିବା ପୂର୍ବରୁ ଶ୍ୱଶୁର କହିଲେ - 'ହଁ'!

ଆଜି ତାଙ୍କ ଅବର୍ତ୍ତମାନରେ ମଧ ମୋ' ମୁଣ୍ଡ ନଇଁଯାଏ ତାଙ୍କ ପାଖରେ କୃତଜ୍ଞତା ଭାରରେ।

ସେ ବୁଝିଥିଲେ ଶିକ୍ଷାର ମହତ୍ତ୍ୱ। ଜାଣିଥିଲେ, ଯେହେତୁ ଶିକ୍ଷକ ଥିଲେ ନିଜେ। ସେ ପ୍ରଥମରୁ ମୋ'ର ଇଚ୍ଛାକୁ ସମ୍ମାନ ଜରାଇବାର ଅନେକ କାରଣ ଥାଇପାରେ, ଯେପରିକି- ସେ ବୋଧହୁଏ ଅନୁମାନ କରି ନେଇଥିଲେ ଯେ ତାଙ୍କ ପୁଅ ଆମକୁ ଆଗକୁ ଆର୍ଥିକ ସ୍ୱଚ୍ଛଳତା ଦେଇ ପାରିବେ ନାହିଁ।

କେବେ ଛୋଟ ବେଳେ ମୋ'ର ଶିକ୍ଷକ ଥିବା ହେତୁ, ଜାଣି ପାରିଥିଲେ ଯେ ମୁଁ ତାଙ୍କୁ ତାଙ୍କ ଉଦାରତାର ଫଳ ନିଶ୍ଚୟ ଫେରେଇବି। ତାଙ୍କୁ ମୋ' କ୍ଷେତ୍ରରେ ନିଜ ପୁଅମାନଙ୍କ ଭଳି ହତାଶ ହେବାକୁ ପଡିବନି।

ସେ ପୁଅ ହେଉ ଅବା ବୋହୂ ଯିଏ ବି ଚାକିରି କରୁ, ଉପାର୍ଜିତ ଅର୍ଥ ତ ତାଙ୍କରି ପରିବାରରେ ହିଁ ରହିବ।

ବୋହୂକୁ ପାଠ ପଢ଼ାଇବାରେ ସାହାଯ୍ୟ, ସହଯୋଗ କରିବା ଭଳି ଉଦାରତା ଦେଖାଇଲେ ଯେଉଁ ସମ୍ମାନ ଏ ସମାଜରୁ ମିଳିବ, ତାହା ନିଜ ପୁଅ/ଝିଅ ପାଇଁ କଲେ କଦାଚିତ୍ ମିଳିବ ନାହିଁ।


*(କ୍ରମଶଃ)*

## କିଶୋରୀ କବିତା



### ନିଃସ୍ୱ ମଣିଷ

**ସଦାଶିବ ବିଶ୍ୱାଳ**



ବିଷ ହଳାହଳ, ଚାହୁଁ ଚାହୁଁ ଜୀବନ ନିଏ
ଜାଣି, ନେବାକୁ ସମସ୍ତେ ପସନ୍ଦ କରନ୍ତି
ନୀଳକଣ୍ଠ ହେବାପାଇଁ ଚେଷ୍ଟିତ ସବୁ ଏ ଯୁଗରେ
ହଜମ କରି ନ ପାରି ନିସ୍ୱ ହୋଇଯାଉଛନ୍ତି।

ବିଦ୍ୱାନ ଚାଣକ୍ୟ ଆଗେ ବିଷ, ଯାହା
ଆବଶ୍ୟକତା ଠାରୁ ଅଧିକ ମିଳୁଥିବା ପ୍ରତ୍ୟେକ ଜିନିଷ
କିଛି ବି ହୋଇପାରେ ଯେମିତି କ୍ଷମତା, ସ୍ୱାଭିମାନ, ଧନ
କ୍ଷୁଧା, ଲୋଭ, ଘୃଣା ବା ଆଳସ୍ୟ।

ମହାନ ଦର୍ଶନିକ ପ୍ଲାଟୋଙ୍କ ମତରେ
ଅଳ୍ପେ ସନ୍ତୁଷ୍ଟ ରହିବା ହେଉଛି ଶ୍ରେଷ୍ଠ ସମ୍ପତ୍ତି
ଚରମ ଦୁର୍ଭାଗ୍ୟ ଏହି ଯେ ମଣିଷ ଚିରକାଳ
ବିଷ ସ୍ୱରୂପ ଲୋଭ ପଛରେ ଧାଉଁଛି।

ତଥାପି ମଣିଷ ଏବେ ବି ଭୁଲିଛି
ମୂଲ୍ୟବୋଧ, ମଣିଷପଣିଆ ଆଉ ନୀତି ନୈତିକତା
ସବୁ ଜଳାଞ୍ଜଳି ଦେଇ ଗୋଟେଇ ଚାଲିଛି
ସାରା ଜୀବନ ଧନସମ୍ପତ୍ତି ଦେଖାଇ ନିର୍ବୋଧତା।

ବଡ଼ ବିଚିତ୍ର ଏ ମଣିଷ ପ୍ରକୃତି
ଧନ ପଛେ ଧାଇଁ ଧାଇଁ
ହରାଏ ଅମୂଲ୍ୟ ସମ୍ପଦ, ସ୍ୱାସ୍ଥ୍ୟ
ଫେରି ପାଇବାକୁ ଭିକ ମାଗନ୍ତି।
ଡାକ୍ତର ଦୁଆରେ ଯାଇ

ନିର୍ବୋଧ ମଣିଷ! ଅସରନ୍ତି ଶୋଷ ପଛେ
ଧାଇଁ ଥାଏ ଯେ ଧାଇଁ ଥାଏ
ଏଠି ଆସେ ଯେତେ ଯାଏ ସେତେ
କେଉଁ ପ୍ରକାର ଗଣିତ ଇଏ?

ସମସ୍ତେ ବସ୍ତୁବାଦୀ, ରହିଛି ବସ୍ତୁପ୍ରୀତି
ରାତି ସରିଯାଏ ସିନା ସ୍ୱପ୍ନ ସରେନା
ସେ ଏକ ନିସ୍ୱ ମଣିଷ
ବାଟ ସରିଯାଏ ସିନା ହାଟ ସରେନା।

*କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ*
*ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ*
*ମୋହନଦାସ ଏନକ୍ଲେଭ, ଖଣ୍ଡଗିରି*
*ଭୁବନେଶ୍ୱର-୩୦*

### ପ୍ରାରବ୍ଧ

**ଡ. ମନୋରଞ୍ଜନ ବିଷୋୟୀ**



ମୋ ଚତୁର୍ଦ୍ଦିଗ ଅନ୍ଧକାର
ବନ୍ଦ ସବୁ ସଫଳତାର ଦ୍ୱାର।
ଲାଗୁଛି ଯେମିତି
ଗୋଟିଏ ବିନ୍ଦୁରେ ଅଟକି ଯାଇଛି
ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମୋର।
ସତେ ଯେପରି
ଏକ ଉପେକ୍ଷିତ ସମୟ
କମ୍ବଳ ହୋଇ ଘୋଡ଼ାଇ ଦେଇଛି
ସମସ୍ତ ସଫଳତାକୁ ମୋର।
ପୁଣିଥରେ ସଫଳତା
ଫେରି ପାଇବାର ଏ ଯୁଦ୍ଧ
ଝୁଣି ଖାଇଛି ସବୁ ମାଂସ
ଶୋଷି ନେଇଛି ସବୁରକ୍ତ
ଭାଙ୍ଗିଦେଇଛି ସବୁ ହାଡ଼
ଏପରିକି ଲୁଟି ନେଇଛି
ସବୁ ସଞ୍ଚୟକୁ ମୋର।
ଆଉ ଛଡ଼ାଇ ନେଇଛି
ସବୁ ସ୍ୱପ୍ନ ଓ ଆବେଗ
ଛାତିର ନିଃଶ୍ୱାସ
ଆଉ ମନର ବିଶ୍ୱାସକୁ ବି ମୋର।
ଏତେ ସବୁ ଲୁଟି ନେବାପରେ
ଦୁଃଖର ଏ ଯୁଦ୍ଧ ଭୂଇଁରେ
ଲୁହର ସମୁଦ୍ର ପହଁରିବାକୁ
କ'ଣ ଅଛି ଆଉ ସାମର୍ଥ୍ୟ ମୋର?
ଅସହାୟତାର ଖୋଳପା ଭିତରେ
କଇଁଚ ଭଳି
ଏସବୁ ବିପତ୍ତିକୁ
ସାମ୍ନା କଲାବେଳେ
ବାରମ୍ବାର ମନକୁ ପ୍ରଶ୍ନ ଆସେ
ଏସବୁ କ'ଣ
ପ୍ରାରବ୍ଧ ମୋର?

*ଦାମୋଦରପୁର, ଗଂଜାମ*
*ସଂପର୍କ: ୮୮୯୫୧୪୧୭୨୭*

### ରଜ, ପ୍ରିୟା ଓ ମୁଁ

**ନିରଞ୍ଜନ ସାହୁ**



ଜ୍ୟେଷ୍ଠ ଆସିଗଲା ରଜ ଆସିଯିବ
ଧରା ରଜସ୍ୱଳା ହେବ
ଋତୁମତୀ ପ୍ରିୟା ଫୁଲେଇ ହୋଇକି
ମୋ ମନ ଭୁଲାଇ ଦେବ।

ନୂତନ ପୋଷାକ ପରିଧାନ କରି
ସଜେଇ ହୋଇବ କେତେ
ଅଣ୍ଟା ଦୋହଲାଇ ଚାଲିବ ଦାଣ୍ଡରେ
ମୁହଁ ମୋଡୁଥିବ ଯେତେ
ଗେହ୍ଲେଇ ହୋଇକି ମଲେଇ ଖାଇକି
ଦୋଳି ଟିକେ ଖେଳି ନେବ।

ଦୋଳି ଗୀତ ଗାଇ ପିଠାପଣା ଖାଇ
କଟାଇବ ତିନିଦିନ
ମୋ ପ୍ରିୟା ପାଖରେ ନିଜକୁ ମଣେ ମୁଁ
ଅତି ନୀଚ ଅତି ହୀନ
ସାଙ୍ଗ କହେ ପ୍ରିୟା ଲଭିବାକୁ ହେଲେ
ଶିବଙ୍କ ଚରଣ ସେବ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩*

### ଆଉ ଡେରି କାହିଁକି ?

**ନିତ୍ୟାନନ୍ଦ ପାଣିଗ୍ରାହୀ**




କେମିତି କହିବି ଜୀବନର ଯେତେ
ଘଟିବା ଘଟଣା ହିସାବ ରଖି
ପଡିଉଠି କେତେ ବାଟ ଚାଲୁଚାଲୁ
ପହଞ୍ଚିବା ଆଗୁ ପଡିଛି ଥକି
ପ୍ରଭୁ ପହଞ୍ଚିବା ଆଗୁ ପଡିଛି ଥକି।
ବଳିୟାର ହୋଇ ଆଗେ ବଢ଼ିଯାଏ
ଅହଂପଣେଭାବେ ମୋ ସରିକିଏ
ଲେଖା ହୀତବାଣୀ ପୁରାଣର ପଦ
ମୋ ପାଇଁ କିବା ଗପ ପରିକି
ପ୍ରଭୁ ମୋ ପାଇଁ କିବା ଗପପରିକି।
କାମିନୀର କାୟା ମୋ ବିତ୍ତ କୁଟୀର
ଅର୍ଥ ଲାଳସାରେ ହୁଏ ମୁଁ ବିଭୋର
ଅସୀମ ଧରାକୁ ସରସମମଣି
ରେରେକାର କରେ ଡାକି ହାକିକି
ପ୍ରଭୁ ରେରେ କାରକରେ ଡାକିହାକିକି।
ସମୟ ସୁଅରେ ସବୁ ଭାସିଲାଣି
ଝଲସା ଦେହଟା ଦେରୂପ ହେଲାଣି
କୁହାକୁହି କଥା ମୃତ୍ୟୁ ସତସିଦ୍ଧ
ଯଦି ହଁ ତେବେ ଡେରି କାହିଁକି
ପ୍ରଭୁ ଯଦି ହଁ ତେବେ ଡେରି କାହିଁକି।

*ଇଶ୍ୱରପୁର, ସୋର*
*ଦୂରଭାଷ : ୯୪୩୭୮୧୪୦୨୦*

## ଓଢଣା ତଳ ବଧୂ

**ସୁନନ୍ଦା ମହାନ୍ତି**





ସମସ୍ତଙ୍କ ସବୁ ଆଶା ପୁରଣ ହୁଏନି। ମିତା ମାଆ ହେବା ପରେ ପରେ ସଂସାରରୁ ବିଦାୟ ନେଇଗଲା। ଛୁଆ ପାଳିବାକୁ ଶାଶୁ ବଞ୍ଚିନଥିଲେ କି ଛୁଆର ସଠିକ ଦାଇତ୍ୱ ନେବାକୁ ପିଇସୀ ରୁପଲିତା ବାହା ହୋଇସାରିଥିଲା। ସେଦିନ ରୁପେଶ ପହଞ୍ଚିଥିଲେ ଶଶୁର ଘର ଅର୍ଥାତ ରୀତା ଘରେ। ଏ ଭିତରେ ରୁପଲିତା ଶାଶୁଙ୍କର ସମସ୍ତ ସେବା ଯତ୍ନ ସୁଚାରୁ ରୂପେ କରିବା ସହ ରୀତାର ଉପଯୁକ୍ତ ବାନ୍ଧବୀ ସାଜିଥିଲା। ତା ପାଠପଢ଼ାରେ ଯେମିତି କୌଣସି ବ୍ୟାଘାତ ନହୁଏ ସେଥିପ୍ରତି ଯତ୍ନବାନ ଥିଲା। ସେଥିରେ ପୁଣି ସେ ଥିଲା ଆସନ୍ନ ପ୍ରସବା ତଥାପି ଭାଇର ଛୁଆକୁ ସମ୍ଭାଳିବାକୁ ରାଜି ହେଉଥିବା ଦେଖି ମାଆ ଭାଇ ମୂକ ପାଲଟି ଯାଇଥିଲେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟା ବଢିଯାଇଥିଲା। ବଡ଼ ଝିଅ ମିତାର ମୃତ୍ୟୁରେ ଭାଙ୍ଗିପଡି ସେ ଅଚଳ ହୋଇ ଯାଇଥିଲେ। ସବୁ ଲକ୍ଷ୍ୟ କରୁଥିଲା ସାନଭଉଣୀ ରୀତା। ହଠାତ ଆସି ଅପା ପୁଅକୁ କୋଳକୁ ନେଇ ରୁପେଶ ସହ ତାଙ୍କ ଘରକୁ ଯିବାକୁ ବାହାରିଥିଲା ତ ସମସ୍ତେ ଆଶ୍ଚର୍ଯ୍ୟ। ସମସ୍ତଙ୍କୁ ଆହୁରି ଆଶ୍ଚର୍ଯ୍ୟ ଚକିତ କରି ରୀତା ରୁପେଶଙ୍କୁ ଠାକୁର ଘରେ ବରଣମାଳା ଦେଇ ତାଙ୍କ ହାତରେ ସିନ୍ଦୁର ପିନ୍ଧି, ଓଢଣା ଟାଣି ପୁଅକୁ ଧରି ଆଗେଇ ଗଲା ବେଳେ ମାଆ ଭାଇ କହୁଥିଲେକି ତୋ ସ୍ୱପ୍ନ! ଭାଉଜ କିନ୍ତୁ ରୀତାକୁ ଜାବୁଡି ଧରି କହୁଥିଲେ କି ତୁମେ ସବୁଦିନ ପାଇଁ ମୋର ଖାଲି ନଣନ୍ଦ ନୁହେଁ କି ଭାଉଜ ନୁହେଁ ବରଂ ପ୍ରକୃତ ବାନ୍ଧବୀ ହୋଇ ରହିଗଲ ରୀତା।

ରୀତାଙ୍କ ସ୍ୱପ୍ନ ପୂରଣ ପାଇଁ ସ୍ୱାମୀ ରୁପେଶ ଯତ୍ନବାନ ଥିଲେ କିନ୍ତୁ ପୁଅ ବଡ଼ ନହେବା ପର୍ଯ୍ୟନ୍ତ ରୀତା ସିଟି ବା ବିଇଡି ଟ୍ରେନିଂ କରିବାକୁ ପୁଅକୁ ଛାଡ଼ି ଯାଇପାରିବେ ନାହିଁ କହି ମନା କରିଥିଲେ ଏବଂ କହିଥିଲେ ଅପା ପୁଅକୁ ମଣିଷ କରିବା ପାଇଁ ସୁକୁମାରୀ ପରି ତ୍ୟାଗ କରିବେ ରୀତା। ସିଏ ଯେପରି ତା ପ୍ରେମକୁ ବଳି ଦେଇଥିଲା ସେମିତି ମୁଁ ମୋ ସ୍ୱପ୍ନକୁ ବଳି ଦେଇ ପୁଅକୁ ମଣିଷ ପରି ମଣିଷ କରିବି। ସାବତ ମାଆ ନୁହେଁ ବରଂ ନିଜ ପୁଅ ସେ ମୋର। କଥାରେ ଅଛି ପରା ମାଆ ନଥିଲେ ମାଉସୀ ଅଛି। ହେଲେ ଏ ସୁକୁମାରୀ କିଏ? ତାକୁ ତୁମ ଆଦର୍ଶ ରୂପେ ମାନିନେବାର କାରଣ କଣ? ରୀତା କହିଥିଲେ ସୁକୁମାରୀ ଗୋଟେ ଆଦିବାସୀ ଝିଅ। ଶବର ରାଜା ବିଶ୍ୱାବସୁଙ୍କ ରାଣୀ ପଦ୍ମାବତୀ ଆସନ୍ନ ପ୍ରସବା ଥିଲାବେଳେ ସୁକୁମାରୀ ତାଙ୍କର ଦେଖାଶୁଣା କରିବାକୁ ଉପଚାରିକା ହିସାବରେ ଥାଏ। ରାଣୀ ପଦ୍ମାବତୀ ତାକୁ ନିଜ ବାନ୍ଧବୀ ଭଳି ଦେଖୁଥାନ୍ତି। ରାଣୀ ଏକଥା ମଧ ଜାଣିଥାଆନ୍ତି ଯେ ସୁକୁମାରୀ ଥିଲା ଚିନ୍ତାମଣିର ପ୍ରେମିକା ତଥା ବାଗଦତ୍ତା। ଖାଲି ସେତିକି ନୁହେଁ ଚିନ୍ତାମଣି ତା ପ୍ରେମକୁ ପାଇବାକୁ ସୁକୁମାରୀକୁ ଶୀଘ୍ର ବିବାହ କରିବାକୁ ଚାହୁଁଥିଲା। ରାଣୀ ଆଶଙ୍କାଗ୍ରସ୍ତ ଥିଲେ କି ପ୍ରସବ ସମୟରେ ଯଦି ତାଙ୍କର ମୃତ୍ୟୁ ହୁଏ ତେବେ ତାଙ୍କ ସନ୍ତାନର ଲାଳନ ପାଳନ କିଏ କରିବ? ବାନ୍ଧବୀ ଦୃଷ୍ଟିରେ ରାଣୀଙ୍କୁ ଦେଖୁଥିବା ସୁକୁମାରୀ ରାଣୀଙ୍କୁ ଅଭୟ ଦେଇଥିଲେ କି ମୁଁ କଥାଦେଉଛି ଯେମିତି ହେଲେ ବି ଯୋଉ ପରିସ୍ଥିତିରେ ଥିଲେ ମଧ ସେ ତାଙ୍କ ସନ୍ତାନର ଦାଇତ୍ୱ ନେବେ। ବିଧିର ନିର୍ଦ୍ଦେଶ କେ କରିବ ଆନ। ସତକୁ ସତ ରାଣୀ ପଦ୍ମାବତୀ କନ୍ୟା ସନ୍ତାନଟିଏ ଜନ୍ମ ଦେଇ ସଂସାର ଛାଡ଼ି ଚାଲିଗଲା ପରେ ସୁକୁମାରୀ ନିଜ ପ୍ରେମିକ ଚିନ୍ତାମଣିଙ୍କୁ ସତ୍ୟ କରାଇ ପାହାଡ଼ ଉପରେ ଫୁଟିଥିବା ସବୁଠୁ ସୁନ୍ଦର ଫୁଲଟିକୁ ଆଣିବାକୁ ଦେଶାନ୍ତର ପଠାଇ ପଦ୍ମାବତୀଙ୍କ ଝିଅ ଲଳିତାର ମାଆ ବନିଗଲେ।

କଥାଟି କହିସାରି ରୀତା କହିଥିଲେ ସୁକୁମାରୀ ମୋ ଜୀବନରେ ଯେପରି ଦୃଷ୍ଟାନ୍ତ ମୋ ଅପା ମଧ ସେମିତି ମୋ ଜୀବନର ଶ୍ରେଷ୍ଠ ବାନ୍ଧବୀ। ବାପା ଚାଲିଗଲା ପରେ ମାଆକୁ ସାହାଯ୍ୟ କରି ଘରକାମ କରୁଥିବା ବେଳେ କେବେ ମୋ ପ୍ରତି ବାଦ, ଅହଂକାର, ଇର୍ଷା କରିନି ବୋଲି ମୁଁ ପାଠ ପଢୁଥିଲି ବିନଦାସ ଆଉ ମସ୍ତି କରୁଥିଲି ଏଯାବତ। କିନ୍ତୁ ଭାଇର ବାହାଘର ପରେ, ଅପା ଏଘରକୁ ବୋହୁ ହେବା ଓ ଏଘର ଝିଅ ଆମ ଘରକୁ ବୋହୁ ବା ମୋ ଭାଉଜ ରୂପଲିତାକୁ ମଧ ମୁଁ କଥା ଦେଇଛି ବାନ୍ଧବୀ ହିସାବରେ ଯେ ଝିଅ ଜନ୍ମ ଦୁଇକୂଳକୁ ହିତାର ମହତ୍ତ୍ୱ ରଖିବି। ଲଳିତା ଆଜି ନୀଳମାଧବଙ୍କୁ ଜଗନ୍ନାଥ ରୂପେ ରୂପ ଦେବାକୁ ବିଦ୍ୟାପତିଙ୍କୁ ସାହାଯ୍ୟ କରି, ପ୍ରେମିକାରୁ ପତ୍ନୀ ବନି ଇତିହାସ ବା କିମ୍ବଦନ୍ତୀ ପାଲଟିଛନ୍ତି। ମୋ ପୁଅକୁ ବୈଜ୍ଞାନିକ କରି ମୁଁ ମଧ ପ୍ରମାଣିତ କରିଦେଇ ପାରେ ଇଶ୍ୱର ବିଶ୍ୱର ବୈଜ୍ଞାନିକ ସତ ହେଲେ ମଣିଷ ଭିତରେ ବୈଜ୍ଞାନିକ ମନୋଭାବ ଦେଇ ନିଜ ବିଜ୍ଞାନକୁ ଫଳବତୀ କରନ୍ତି ମାତ୍ର। ଏ ଭିତରେ ଟ୍ରେନିଂ ନେଇସାରି ଗ୍ରାମ ସ୍କୁଲରେ ଶିକ୍ଷୟିତ୍ରୀ ହୋଇ ପୁଅର ପାଠ ଶାଠ ଓ ଶରୀର ତଥା ମସ୍ତିଷ୍କକୁ ସୁସ୍ଥ ରଖି ତାକୁ କାହାଣୀ କହନ୍ତି ରୀତା। ଜେଜେ କି ଜେଜେମା ନଥିବା ପୁଅର ନିଜେ ମାଆ, ଜେଜେମା ଓ ଜେଜେ ପାଲଟି ଭାରତୀୟ ସଂସ୍କୃତି ଓ ଭାରତର ବିଜ୍ଞାନୀ ଆର୍ଯ୍ୟଭଟ୍ଟ, ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ସହ ଅବଦୁଲ କାଲାମଙ୍କ କଥା କହିବା ସହ ନିଜ ମାଆ, ଭାଇ ଓ ଭାଉଜ ଯିଏକି ଅଦଳ ବଦଳ କନିଆଁ ହିସାବରେ ଏଇ ଘରୁ ତାଙ୍କ ଘରକୁ ବୋହୁ ହୋଇ ଯାଇଛନ୍ତି, ସେମାନଙ୍କ ସହ ମଧୁର ସମ୍ପର୍କ ରଖିବା ସହ ଭାଉଜଙ୍କ ଝିଅକୁ ଆଣି ପାଖରେ ରଖି ପାଠ ପଢ଼ାଉଥାଆନ୍ତି ରୀତା। ଆଜି ପୁଅ ବୈଜ୍ଞାନିକ। ତା ପସନ୍ଦର ଝିଅ ସହିତ ବାହା ଦେଇ ଅବସର ପରେ ତୀର୍ଥ କରିବାକୁ ବାହାରିଛନ୍ତି ରୀତା। ସାଙ୍ଗରେ ଯିବାକୁ ସ୍ୱାମୀ ପ୍ରସ୍ତୁତ ଥିଲା ବେଳେ ଭାଇ ସୁମନ ଓ ଭାଉଜ ରୁପଲିତା ମଧ ପିତା ମାତାଙ୍କ ଅସ୍ଥି ବିସର୍ଜନ ସହ ତୀର୍ଥ କରିବାକୁ ରୀତାଙ୍କ ସଙ୍ଗେ ସାଙ୍ଗ ହୋଇଛନ୍ତି। ତୀର୍ଥ ଭ୍ରମଣ ସମୟରେ କଣ ଖାଇବା ଉଚିତ ଓ ଅନୁଚିତ ତାର ଏକ ତାଲିକା ପ୍ରସ୍ତୁତି କରି ବୈଜ୍ଞାନିକ ପୁଅ ମାଆ ରୀତାଙ୍କ ହାତକୁ ବଢ଼େଇଲା ବେଳେ ସଂସ୍କୃତି ସମ୍ପନ୍ନା ଝିଅଟି ବୋହୁ ହୋଇ ସମସ୍ତଙ୍କୁ ହାତେ ଓଢଣା ଦେଇ ପ୍ରଣାମ କରୁଥିଲା ତ ରୀତା କହୁଥିଲେ କି ପ୍ରକୃତରେ ଓଢଣା ତଳେ ନାରୀର ସୌନ୍ଦର୍ଯ୍ୟ ଅବର୍ଣ୍ଣନନୀୟ।

*ସାକ୍ଷୀଗୋପାଳ, ପୁରୀ*
*ଭ୍ରାମ୍ୟଭାଷ : ୯୦୪୦୯୭୭୩୨୭*




# ବିଜେଡି ଗଡ଼ରେ ଫୁଟିଲା ପଦ୍ମ

## ବିଜେଡିର ହେଭିୱେଟ ରମେଶଙ୍କୁ ଧୂଳି ଚଟାଇଲେ ନବାଗତ ନରସିଂହ ଭତରା

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ଝରୀଗାଁ ନିର୍ବାଚନ ମଣ୍ଡଳୀ ହେଉଛି ବିଜେଡିର ହେଭିୱେଟ ନେତା ରମେଶ ଚନ୍ଦ୍ର ମାଝୀଙ୍କ ଗଡ। ଏଥର ଏହି ବିଜେଡି ଗଡ଼ରେ ପଦ୍ମ ଫୁଟିଛି। ୩ଥର ବିଧାୟକ ଓ ୧ଥର ସାଂସଦ ହୋଇଥିବା ରମେଶଙ୍କୁ ପ୍ରଥମ ଥର ପାଇଁ ପରାଜୟର ସ୍ୱାଦ ଚାଖିବାକୁ ପଡିଛି। ତାହା ପୁଣି ନବାଗତ ବିଜେପି ପ୍ରାର୍ଥୀ ନରସିଂହ ଭତରାଙ୍କ ପାଖରୁ। ଝରୀଗାଁ ନିର୍ବାଚନ ମଣ୍ଡଳୀବାସୀ ପ୍ରଥମ ଥର ପାଇଁ ସେମାନଙ୍କ ମତ ବଦଳାଇ ଇତିହାସ ରଚିଛନ୍ତି। ବିଜେପିର ନରସିଂହ ତାଙ୍କ ନିକଟତମ ବିଜେଡି ପ୍ରାର୍ଥୀ ତଥା ସାଂସଦ ରମେଶ ମାଝୀଙ୍କ ଠାରୁ ୩୪୩୮ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି।



ନରସିଂହ ପାଇଛନ୍ତି ସର୍ବାଧିକ ୭୬, ୫୬୭ଖଣ୍ଡ ଭୋଟ। ବିଜେଡିର ରମେଶଙ୍କୁ ମିଳିଛି ୭୩, ୧୨୯ଖଣ୍ଡ ଭୋଟ। ବିଜୟୀ ହେବାପରେ ନରସିଂହ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ହେଭିୱେଟ ରମେଶଙ୍କୁ ସେ ହରାଇ ନାହାନ୍ତି, ବରଂ ଝରୀଗାଁ ନିର୍ବାଚନ ମଣ୍ଡଳୀର ଜନସାଧାରଣ ହରାଇଛନ୍ତି। ଏଥିପାଇଁ ସେ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୨୫ବର୍ଷ ବିଜେଡି ଶାସନରେ ଝରୀଗାଁ ନିର୍ବାଚନ ମଣ୍ଡଳୀବାସୀ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଛନ୍ତି। ବର୍ଷାଦିନରେ ଗର୍ଭବତୀଙ୍କୁ ଖଟିଆରେ ବୁହା ହେଉଛି। ସରକାରୀ କଲେଜ ନାହିଁ। ସେଭଳି ଧୋଡ୍ରାବାସୀ ବ୍ଲକ ପାଇଁ ଦାବୀ କରିଥିଲେ। ବିଜେଡି ସରକାର ତାହା ବି କରିପାରିନଥିଲା। ଝରୀଗାଁ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟାର ସମାଧାନକୁ ସେ ପ୍ରାଥମିକତା ଦେବେ। ନିର୍ବାଚନ ସମୟରେ ତାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା। ଏଥିଲାଗି ଝରୀଗାଁବାସୀ ରମେଶଙ୍କୁ ଉଚିତ ଜବାବ ଦେଇଛନ୍ତି। ସୂଚନା ଥାଉ କି, ନରସିଂହ ଶିକ୍ଷକତା ଛାଡି ରାଜନୀତିରେ ପ୍ରବେଶ କରିଥିଲେ। ଗତ ପଞ୍ଚାୟତ ସ୍ତରୀୟ ନିର୍ବାଚନରେ ଜିଲ୍ଲା ପରିଷଦ ସଭ୍ୟ ପଦରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ୨୦୧୯ରେ ଝରୀଗାଁ ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ପାଇଁ ଦାବିଦାର ଥିଲେ। କିନ୍ତୁ ପୂର୍ବତନ ସାଂସଦ ପର୍ଶୁରାମ ମାଝୀଙ୍କୁ ବିଜେପି ପ୍ରାର୍ଥୀ କରିଥିଲା। ଏଥର ନରସିଂହ ଟିକଟ ପାଇ କେବଳ ବାଜି ମାରିନାହାନ୍ତି ବରଂ ଅଭିଜ୍ଞ ରାଜନେତାଙ୍କ ଗଡ଼ ଦଖଲ କରି ରେକର୍ଡ ସୃଷ୍ଟି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାମଲାର ...

ଖୋଲି ପରଦା ପଛର ଚୋରଙ୍କୁ ଜେଲ୍‌ରେ ପୂରାଇବା ସହ ଗରିବ ଲୋକଙ୍କ ଟଙ୍କା ଫେରାଇବାକୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟ ବିଜେପି ସରକାର ନିଶ୍ଚେ ପାଳନ କରିବ ବୋଲି ଆଶା ରଖିଛି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀ ମିଳିତ ମଞ୍ଚ। ଓଡ଼ିଶାରେ ନୂଆ ବିଜେପି ସରକାରଠୁ ନ୍ୟାୟ ମିଳିବାର ଆଶା ଏଇଠି ସରିନି। ୨୦୦୮ ଅଗଷ୍ଟ ୨୩ ଜନ୍ମାଷ୍ଟମୀ ତିଥିରେ କନ୍ଧମାଳରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହ ତାଙ୍କର ୪ ଶିଷ୍ୟଙ୍କୁ ନିର୍ମମ ହତ୍ୟାର ତଦନ୍ତ ଫାଇଲ୍ ବି ଖୋଲିବା ନେଇ ବଢ଼ିଛି ଆଶା। ସ୍ୱାମୀଜୀଙ୍କ ଅନୁଗାମୀ ମାନେ କହିଛନ୍ତି- ଉକ୍ତ ଘଟଣାରେ ତିନି ତିନିଟି କମିଶନ ଯଥାକ୍ରମେ ପାଣିଗ୍ରାହୀ କମିଶନ, ମହାପାତ୍ର କମିଶନ ଓ ନାଇଡୁ କମିଶନଙ୍କ ରିପୋର୍ଟକୁ ବିଜେଡି ସରକାର ଚାପି ରଖିଲେ। ଦୋଷୀ ଖୋଲାଖୋଲି ବୁଲିଲେ। ନୂଆ ସରକାର ଏହାର ସିବିଆଇ ତଦନ୍ତ କରାଇଲେ ସତ ପଦାକୁ ଆସିବ। ସେମିତି ଗତବର୍ଷ ଜାନୁଆରୀ ୨୯ରେ ଅତ୍ୟନ୍ତ ସ୍ପର୍ଶକାତର ଘଟଣା ଭାବେ ମନ୍ତ୍ରୀ ନବ ଦାସଙ୍କୁ ବିଚ୍ ରାସ୍ତାରେ ଗୁଳିକରି ହତ୍ୟା କରିବା ପଛର ଅସଲ ଭିଲେନ୍ କିଏ? ସେ ଫାଇଲ୍ ବି ଖୋଲାଯିବା ଦରକାର ବୋଲି ଉଠିଲାଣି ଦାବି। ଏହାଛଡ଼ା ନୟାଗଡ଼ର ବହୁଚର୍ଚ୍ଚିତ ପରୀ ଦୁଷ୍କର୍ମ ଓ ହତ୍ୟା ମାମାଲା, ପିହୁ ନିଖୋଜ ମାମଲା, କଳାହାଣ୍ଡିର ଶିକ୍ଷୟିତ୍ରୀ ମମିତା ମେହେର ମର୍ଡର, ବ୍ରହ୍ମଗିରିର ଆୟୁଷ ଡାକ୍ତରାଣୀ ମାଧବୀଲତା ହତ୍ୟା ମାମଲା ହେଉ କି ମାହାଙ୍ଗା ଡବଲ ମର୍ଡର ଘଟଣା, ସବୁ ପଛରେ ବିଜେଡି ସରକାରର ଜଣେ ଜଣେ ପୂର୍ବତନ ଟାଣୁଆ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ଥିଲେ ବି ତଦନ୍ତର ଦିଗକୁ ମୋଡ଼ି ମକଚି ଦିଆଯାଇଥିବା ଅଭିଯୋଗ ହୋଇଛି। ଏସବୁ ମାମଲାରେ ପୀଡ଼ିତଙ୍କ ପରିବାର ଲୋକଙ୍କ ପକ୍ଷରୁ ନୂଆ ସରକାରଠାରୁ ନ୍ୟାୟ ମିଳିବା ଆଶାରେ ଆଜି ଶ୍ରୀମନ୍ଦିର ଆଗରେ ଦୀପଦାନ କରାଯାଇଛି। ରାଜ୍ୟ ବିଜେପି ନେତାଙ୍କ ପ୍ରତିକ୍ରିୟା ଲୋକଙ୍କ ଆଶ ବଢାଇଛି ସେମାନେ ଖୋଲା ଖୋଲି କହୁଛନ୍ତି, ରାଜ୍ୟରେ ଯେ କୌଣସି ବଡ଼ ଦୁର୍ନୀତି ହେଉ କି ହତ୍ୟା ମାମଲା, ସବୁର ତଦନ୍ତ ହେବ। ଯେତେବଡ଼ ନେତା ହୋଇଥାନ୍ତୁ ନା କାହିଁକି ସେମାନଙ୍କୁ ଜେଲ୍ ପଠାଯିବ। ମୋଦିଙ୍କ ଗ୍ୟାରେଣ୍ଟି ନିଶ୍ଚେ ପାଳନ ହେବ।

### ବିଜେଡିର ...

ବାରମ୍ବାର ସର୍ଭେ କରାଯାଇଥିଲା। ଓଡ଼ିଶାର ୧୪୭ ବିଧାନସଭା କ୍ଷେତ୍ର ଓ ୨୧ ଲୋକସଭା କ୍ଷେତ୍ରରେ ସର୍ଭେ କରାଯାଇଥିଲା। ଏକାଧିକ ଜାତୀୟ ସର୍ଭେ ଏଜେନ୍ସି ଏବଂ ଏକାଧିକ ପ୍ରଫେସନାଲ ଏଜେନ୍ସି ଏହି ସର୍ଭେ କରିଥିଲେ ଏବଂ ପ୍ରତ୍ୟେକ ଥର ଏହାର ରିପୋର୍ଟ ଶୀର୍ଷ ନେତୃତ୍ୱଙ୍କ ପାଖକୁ ଆସୁଥିଲା। ଅର୍ଥାତ ଭିକେ ପାଣ୍ଡିଆନଙ୍କ ନିକଟକୁ ଏହି ରିପୋର୍ଟ ଆସୁଥିଲା। ଆଉ ଏହି ରିପୋର୍ଟ ଆଧାରରେ ଭିକେ ପାଣ୍ଡିଆନ କହୁଥିଲେ ଯେ, ବିଜେଡି ସହଜରେ ସରକାର ଗଠନ କରିବାକୁ ଯାଉଛି। ଏପରିକି ତୃତୀୟ ପର୍ଯ୍ୟାୟ ଭୋଟ ପରେ ବିଜେଡି ପକ୍ଷରୁ କୁହାଯାଇଥିଲା ଯେ, ବିଜେଡି ୮୦ ରୁ ୮୫ ସିଟ୍ ପାଇ ସାରିଛି ଏବଂ ଚତୁର୍ଥ ପର୍ଯ୍ୟାୟ ପରେ ଏହି ସଂଖ୍ୟା ୧୦୦ ରୁ ୧୧୦ ମଧ୍ୟରେ ରହିବ। ଇଂରାଜୀରେ ଏକ ଫ୍ରେଜ ରହିଛି ତାକୁ କୁହାଯାଏ କନଫରମେଶନ ବାଏସ। ଏହାର ଅର୍ଥ ହେଉଛି, ଯିଏ ଯେଉଁ ପ୍ରକାର ରିପୋର୍ଟ ଚାହୁଁଥିବ ସେହି ପ୍ରକାର ରିପୋର୍ଟକୁ ସେ ଗ୍ରହଣ କରିଥାଏ, ଅର୍ଥାତ୍ ନିଜେ ଚାହୁଁଥିବା ରିପୋର୍ଟ ଆସିଲେ ସିଏ ବିଶ୍ୱାସ କରିପାରେ। ପ୍ରଶ୍ନ ଉଠୁଛି ବିଜେଡି କ୍ଷେତ୍ରରେ ମଧ୍ୟ ସେପରି ଘଟିଥିଲା କି? ଆଶ୍ଚର୍ଯ୍ୟର କଥା ହେଉଛି ଯେତେବେଳେ ଲୋକ ଭାବୁଥିଲେ ଯେ ବିଜେପି ସମର୍ଥନରେ ଏକ ଅଣ୍ଡର କରେଣ୍ଟ ଅଛି ସେତେବେଳେ ବିଜେଡିର ସର୍ଭେ ରିପୋର୍ଟ ସମ୍ପୂର୍ଣ୍ଣ ଭାବରେ ଓଲଟା ଦେଖାଉଥିଲା। ଏହା କେମିତି ହେଉଥିଲା ତାହା କେହି କିଛି ବୁଝି ପାରିଲେନି।

### ଦାଗୀ ...

ଅର୍ଥାତ୍ ଏବେ ୧୦୦ ଜଣରୁ ୭୩ଜଣ ବିଧାୟକ ହେଲେ କୋଟିପତି। ଏହାସତ୍ତ୍ୱେ ଏଥର ନିର୍ବାଚନରେ ସବୁଠାରୁ କମ୍ ସମ୍ପତ୍ତି ଥିବା ସଂଜଳି ମୁର୍ମୁ ବି ବିଧାୟିକା ଭାବେ ଜିତିଛନ୍ତି। ସଂଜଳି ମୁର୍ମୁ ହେଉଛନ୍ତି ମୟୁରଭଞ୍ଜ ବାଙ୍ଗିରିପୋଷିର ବିଜେପି ପ୍ରାର୍ଥୀ। ତାଙ୍କ ପାଖରେ ମାତ୍ର ୩୫ ହଜାର ଟଙ୍କାର ସମ୍ପତ୍ତି ଥିବା ସେ ଦର୍ଶାଇଛନ୍ତି। ସେହିଭଳି ମାଲକାନଗିରି ଚିତ୍ରକୋଣ୍ଡାରୁ କଂଗ୍ରେସ ପ୍ରାର୍ଥୀ ମଙ୍ଗୁ ଖିଲଙ୍କ ପାଖରେ ମାତ୍ର ୧ ଲକ୍ଷ ଟଙ୍କା ସମ୍ପତ୍ତି ଥିବାବେଳେ କୋରାପୁଟ ଲକ୍ଷ୍ମୀପୁରର କଂଗ୍ରେସ ପ୍ରାର୍ଥୀ ପବିତ୍ର ସାଉନ୍ତଙ୍କ ପାଖରେ ମାତ୍ର ୨ ଲକ୍ଷ ଟଙ୍କା ସମ୍ପତ୍ତି ରହିଛି। ସବୁଠାରୁ ଅଧିକ ସମ୍ପତ୍ତି ଥିବା ପ୍ରାର୍ଥୀ ଭାବରେ ବିଜୟୀ ହୋଇଛନ୍ତି- କେନ୍ଦୁଝର ଜିଲ୍ଲା ଚମ୍ପୁଆରୁ ବିଜେଡିର ସନାତନ ମହାକୁଡ। ତାଙ୍କ ପାଖରେ ୨୨୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦ୍ୱିତୀୟ ସର୍ବାଧିକ ଧନୀ ପ୍ରାର୍ଥୀ ହେଲେ ବାଲେଶ୍ୱର ବସ୍ତାର ବିଜେଡି ପ୍ରାର୍ଥୀ ସୁବାସିନୀ ଜେନା। ତାଙ୍କ ପାଖରେ ୧୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ତୃତୀୟ ସ୍ଥାନରେ ଅଛନ୍ତି ବଲାଙ୍ଗୀରର ବିଜେଡି ପ୍ରାର୍ଥୀ କଳିକେଶ ସିଂହଦେଓ। ତାଙ୍କ ପାଖରେ ୭୩ କୋଟିର ସମ୍ପତ୍ତି ରହିଛି। ଏଥର ବିଧାନସଭାକୁ ମହିଳା ବିଧାୟକଙ୍କ ଆସିବା ସଂଖ୍ୟା କମିଯାଇଛି। ୨୦୧୯ ନିର୍ବାଚନରେ ଓଡ଼ିଶା ବିଧାନସଭାକୁ ୧୩ଜଣ ମହିଳା ବିଧାୟକ ଆସିଥିବାବେଳେ ଏଥିର ୧୧ ଜଣ ମହିଳା ବିଧାୟକ ଆସିଛନ୍ତି। ସବୁଠାରୁ କମ ବୟସରେ ଅର୍ଥାତ୍ ମାତ୍ର ୨୬ ବର୍ଷ ବୟସରେ ଉପାସନା ମହାପାତ୍ର ପୁରୀ ବ୍ରହ୍ମଗିରିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବାବେଳେ ସବୁଠାରୁ ଅଧିକ ୮୦ ବର୍ଷରେ କେନ୍ଦୁଝର ଘଷିପୁରାରୁ ବଦ୍ରି ପାତ୍ର ପୁଣି ଥରେ ନିର୍ବାଚିତ ହୋଇଛନ୍ତି।

### ବଢ଼ିବ ...

ଜଙ୍ଗଲ ହେବ ଜଳମଗ୍ନ, ବିସ୍ଥାପିତ ହେବେ ହଜାର ହଜାର ଆଦିବାସୀ। ପଛୁଆ ପାଣିରେ ବି ଅନେକ ଅଞ୍ଚଳ ବୁଡ଼ି ଯିବ। ତେଣୁ ଆଗରୁ ବି ଓଡ଼ିଶା ଏହାକୁ ବିରୋଧ କରିଆସିଛି। କିନ୍ତୁ ବର୍ତ୍ତମାନର ଜାତୀୟ ସମୀକରଣକୁ ଦେଖିଲେ, ପୋଲାଭରମ ପ୍ରକଳ୍ପ ପାଇଁ ଓଡ଼ିଶା ବହୁତ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ପୋଲାଭରମ ପ୍ରକଳ୍ପ ସପକ୍ଷରେ ଆନ୍ଧ୍ର କଂଗ୍ରେସ ବାହାରିଥିବା ବେଳେ ଓଡ଼ିଶା କଂଗ୍ରେସ ରାଜ୍ୟର ସ୍ୱାର୍ଥ ସପକ୍ଷରେ। ପୋଲାଭରମ ପ୍ରକଳ୍ପ ଦ୍ୱାରା ଓଡ଼ିଶା କ୍ଷତିଗ୍ରସ୍ତ ହେଉ ଥିବାରୁ ମିଳିତ ଭାବେ ଏହାର ଦୃଢ଼ ବିରୋଧ କରିବାକୁ ଆହ୍ୱାନ ଦେଇଛି ରାଜ୍ୟ କଂଗ୍ରେସ। ସେପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ପୋଲାଭରମ କାମ। ଡିସେମ୍ବର ୨୦୨୫ ସୁଦ୍ଧା ନିର୍ମାଣ ଶେଷ କରିବାକୁ ଆନ୍ଧ୍ର ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାର ମଧ୍ୟ ଏହାକୁ ଜାତୀୟ ପ୍ରକଳ୍ପର ମାନ୍ୟତା ଦେଇଛନ୍ତି। ରାଜ୍ୟରେ ବିଜେଡି ସରକାର ଥିବା ବେଳେ ପୋଲାଭରମକୁ ଜୋରଦାର ବିରୋଧ କରିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଏହା କେଉଁ ମୋଡ଼ ନେବ, ତାକୁ ନେଇ ଚିନ୍ତାରେ ପ୍ରଭାବିତ ଅଞ୍ଚଳର ଲୋକେ।

### ନିର୍ବାଚନ ...

ଏସବୁକୁ ଆଖି ବୁଜି ଦେଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଦର ଦୁଇ ୩ ବର୍ଷ ହେଲାଣି ବଢୁଛି। ଏଥିପ୍ରତି କେହି ବି ଧ୍ୟାନ ଦେଉନାହାନ୍ତି। ନିର୍ବାଚନ ଥିବାରୁ ପେଟ୍ରୋଲ ଓ ଡିଜେଲ ଦାମରେ ୧ ଟଙ୍କାରୁ ୨ ଟଙ୍କା ହ୍ରାସ କରାଗଲା। କିନ୍ତୁ ଏସବୁ ସମୁଦ୍ରକୁ ଶଙ୍ଖେ ଭଳି। ଦରଦାମ ବୃଦ୍ଧି ଯେପରି କେନ୍ଦ୍ର ସରକାରଙ୍କ ପ୍ରସଙ୍ଗ ନୁହେଁ। ଏବର କେନ୍ଦ୍ର ସରକାର ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଯେପରି ଜଗି ବସିଛନ୍ତି ତାହା ଏଥିରୁ ସ୍ପଷ୍ଟ ଅନୁମାନ ହେଉଛି। ରିଜର୍ଭ ବ୍ୟାଙ୍କ ବି ରେପୋ ରେଟ୍‌କୁ ସାଢ଼େ ୬ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ତଥାପି ବଜାର ଦର କମୁନି। ବାସ୍ତବରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଉଭୟ କେନ୍ଦ୍ର ସରକାରଙ୍କ ନୈତିକ ଦାୟିତ୍ୱ ନା ନାହିଁ ତାକୁ ନେଇ ଏବେ ସବୁଠୁ ବଡ଼ ପ୍ରଶ୍ନ ବୋଲି ବିରୋଧୀ କହିଛନ୍ତି। ମୌସୁମୀ ପୂର୍ବରୁ ବେଲଗାମ ହେଲାଣି ଦରଦାମ। ସ୍ଥିତି ଏମିତି ହେବାକୁ ବସିଲାଣି ଖାଦ୍ୟ ସାମଗ୍ରୀ ଦର ଚଢ଼ା ରହିବାରୁ ଅନ୍ୟ ସାମଗ୍ରୀ କିଣିବାକୁ ଖାଉଟିଙ୍କ ପାଖରେ ଅର୍ଥ ଅଣ୍ଟୁନି। ଆଗକୁ କ'ଣ ଯେ ସ୍ଥିତି ହେବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଇଛି।

### ସଶକ୍ତ ...

୨୪ ବର୍ଷର ସୁଶାସନ ଓ ବିକାଶ କାର୍ଯ୍ୟ ପାଇଁ ବିଜେଡି ସାରା ଦେଶରେ ନାଁ କରିଛି। ବିରୋଧୀ ଦଳ ଭାବେ ମଧ୍ୟ ଲୋକଙ୍କ ସହ ସବୁବେଳେ ଯୋଡ଼ି ହୋଇ ରହିବ। ଜନସେବା ଜାରି ରଖିବାକୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ବିଜେଡିର ନବନିର୍ବାଚିତ ୫୧ ଜଣ ବିଧାୟକ ଓ ସମସ୍ତ ନେତା ଏହାକୁ ଅକ୍ଷରେ ଅକ୍ଷରେ ପାଳନ କରିବେ ବୋଲି କହିଛନ୍ତି। ୨୦୧୯ ଅପେକ୍ଷା ୨୦୨୪ରେ ଓଡ଼ିଶାରେ କଂଗ୍ରେସର ବଳ ବୃଦ୍ଧି ପାଇଛି। କଂଗ୍ରେସର ୧୪ ଜଣ ବିଧାୟକ ନିର୍ବାଚିତ ହୋଇଛନ୍ତି। ଏଥିରେ ଉତ୍ସାହିତ ଥିବା କଂଗ୍ରେସ ଲୋକଙ୍କ ସ୍ୱରକୁ ଶାଣିତ କରିବା ସହ ଲଢ଼େଇ ଜୋରଦାର କରିବାକୁ ଅଣ୍ଟା ଭିଡ଼ିଛି। ତାରାପ୍ରସାଦ ବାହିନୀପତିଙ୍କୁ କଂଗ୍ରେସ ବିଧାୟକ ଦଳ ନେତା କରିବା ପାଇଁ ଦଳର ବହୁ ବିଧାୟକ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଆଜି ବିଧାୟକ ତାରାପ୍ରସାଦ ବାହିନୀପତି, ରମେଶ ଜେନା, ରାଜନ ଏକ୍କା ପ୍ରମୁଖ ଦିଲ୍ଲୀ ଗସ୍ତ କରିଛନ୍ତି। ଦଳ ଯେଉଁ ଦାୟିତ୍ୱ ଦେବ, ତାହା ସଠିକ ଭାବେ ତୁଲାଇବେ ବୋଲି ତାରା କହିଛନ୍ତି। ଅନ୍ୟପଟେ ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବେ, ତାହା ସାମ୍ନା କରିବାକୁ ପ୍ରସ୍ତୁତ ଥିବା ବିଜେପି କହିଛି।

### ବିଜେଡିର ...

ପଡ଼ିଯିବ ଭାବି ସାମାଜିକ ଗଣମାଧ୍ୟମକୁ ମଧ୍ୟ ପୋଲିସ ବାବୁ ପଣ୍ଡିଆନଙ୍କ ପାଖକୁ ଛାଡୁ ନଥିଲେ। ସରକାରୀ କର୍ମଚାରୀଙ୍କ ପାଇଁ ଓଡ଼ିଶାରେ ଏକବାର ହିଟଲର ଶାସନ ଚାଲିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନି। କିନ୍ତୁ ହିଟଲର ଭଳି ବିଜେଡ଼ି ଦଳକୁ ତାର ପରିଣାମ ୨୦୨୪ ନିର୍ବାଚନରେ ଭୋଗିବାକୁ ପଡ଼ିଲା। ବିଜେଡ଼ି ଦଳ ଆଜି ତଳି ତଳାନ୍ତ ହୋଇଛି କେବଳ ଭି.କେ ପଣ୍ଡିଆନ ପାଇଁ ବୋଲି କଥା ଦାଣ୍ଡରେ ପଡ଼ି ଏବେ ହାଟରେ ଗଡୁଛି। ପାଣ୍ଡିଆନ ଆସିବା ପରେ ବିଜେଡିର କୌଣସି ନେତା-ମନ୍ତ୍ରୀଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଏକୁଟିଆ ଭେଟିବାର ସୁଯୋଗ ମିଳିଲା ନାହିଁ। ୨୦୧୪ ଓ ୨୦୧୯ରେ ସମଗ୍ର ଦେଶରେ ନରେନ୍ଦ୍ର ମୋଦିଙ୍କ ଲହରକୁ ପ୍ରତ୍ୟାଖାନ କରି ପାଣ୍ଡିଆନଙ୍କ ବୁଧିରେ ଏକଚାଟିଆ ଭାବେ ନିଜ ଜିଦ୍‌ରେ ଅଟଳ ରହିବା। ଚଳିତ ନିର୍ବାଚନରେ ଆଖି ବୁଜି ବିଜେଡି ପ୍ରାର୍ଥୀ ଚୟନ। ବିଜେଡିରେ ପୁରୁଖା ନେତାମାନଙ୍କୁ ଗୁରୁତ୍ୱ ନଦେବା। ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଛତ୍ରଛାୟାରେ ରହିଥିବା ଅଫିସର ଓ କିଛି ନେତାଙ୍କ ବିରୁଦ୍ଧରେ ବହୁ ଦୁର୍ନୀତି ଅଭିଯୋଗ ଆସୁଥିଲେ ମଧ୍ୟ ନବୀନ ବାବୁ ଚୁପ୍ ରହିବା। ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପ ନାଁରେ କୋଟିକୋଟି ଟଙ୍କା ଲୁଟ୍, ମହାପ୍ରଭୁଙ୍କ ନାଁରେ ଚାଉଳ ସଂଗ୍ରହ କରି ତାକୁ ନଷ୍ଟ କରିବା ଓ ବାହାର ରାଜ୍ୟର ଠିକାଦାର ମାନଙ୍କୁ ଅଧିକ ଗୁରୁତ୍ୱ ଦେବା ସହ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କଠୁ ନିଜକୁ ବଡ ଭାବିବା ବୋଧେ ଉପର ବାଲା ଉଚିତ୍ ଭାବି ନାହାନ୍ତି। ନିର୍ବାଚନ ସମୟରେ ଯୋଗ୍ୟକୁ କାଢି ଅଯୋଗ୍ୟ ମାନଙ୍କୁ ଟିକେଟ ଦେବା ଚଳିତ ନିର୍ବାଚନରେ ଦଳ ପାଇଁ କଷ୍ଟ ସାବ୍ୟସ୍ତ ହୋଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ଭାବେ ଦଳ ଓ ସରକାରଠୁ ଦୂରେଇ ରହିଥିବା ବେଳେ ଭି.କେ ପାଣ୍ଡିଆନ ତାଙ୍କର ପ୍ରତିନିଧି ଭାବେ ଏହାର ଫାଇଦା ନେଇ ନିଜେ ମଲାମାଲ୍ ହେଇ ଚାଲିଲେ। ଯାହା ଆଜି ଓଡ଼ିଶାର ଏକ ପୁରୁଖା ଦଳକୁ ତଳି ତଳାନ୍ତ କରିବାକୁ ପଛାଇ ନାହିଁ। ତେଣୁ କଥାରେ ଅଛି ନିଜ ବୁଦ୍ଧିରେ ଭାଲୁ ଧରିବ କିନ୍ତୁ ପର ବୁଦ୍ଧିରେ ଘୋଡ଼ା ଚଢ଼ିବ ନାହିଁ। ଯାହା ଆଜି ଓଡିଶା ରାଜନୀତିରେ ସତ ସାବ୍ୟସ୍ତ ହୋଇଛି।

### ଟିଡିପିର ...

ସମ୍ପତ୍ତି ସହ ଟିଡିପି (ତେଲୁଗୁ ଦେଶମ ପାର୍ଟି)ର ଚନ୍ଦ୍ରଶେଖର ପେମାସାନି ସବୁଠୁ ଧନୀ ସାଂସଦର ମାନ୍ୟତାଲାଭ କରିଥିବାବେଳେ ତାଙ୍କ ପଛକୁ ବିଜେପିର କେ.ବିଶ୍ୱେଶ୍ୱର ରେଡ୍ଡି ( (୪୫୬୮ କୋଟି) ଓ ନବୀନ ଜିନ୍ଦଲ (୧୨୪୧ କୋଟି) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ନବନିର୍ବାଚିତଙ୍କ ମଧ୍ୟରୁ ୪୬ ପ୍ରତିଶତ ସାଂସଦଙ୍କ ବିରୋଧରେ ଅପରାଧିକ ମାମଲା ବିଚାରାଧୀନ ରହିଛି। ଅର୍ଥାତ ୫୪୩ ମଧ୍ୟରୁ ୨୫୧ ସାଂସଦଙ୍କ ବିରୋଧରେ ଏଭଳି ମାମଲା ରହିଥିବା ପ୍ରକାଶ। ବିଜେପିର ୯୪ (୩୯ ପ୍ରତିଶତ)ସାଂସଦ ଏବଂ କଂଗ୍ରେସର ୪୯ (୫୦ ପ୍ରତିଶତ)ଙ୍କ ବିରୋଧରେ ଅପରାଧିକ ମାମଲା ରହିଛି। ୨୦୦୯ ପରଠାରୁ ଏଭଳି ସାଂସଦଙ୍କ ସଂଖ୍ୟାରେ ୫୫ ପ୍ରତିଶତ ବୃଦ୍ଧି ଘଟିଥିବା କୁହାଯାଇଛି। ୫୪୩ ମଧ୍ୟରୁ ୧୭୦ ସାଂସଦଙ୍କ ବିରୋଧରେ ହତ୍ୟା, ଅପହରଣ, ବଳାତ୍କାର, ମହିଳାଙ୍କୁ ନିର୍ଯାତନା ଭଳି ଗୁରୁତର ଅପରାଧିକ ମାମଲା ବିଚାରାଧୀନ ରହିଥିବା ଜଣାପଡିଛି। ବିଜେପିର ୬୩, କଂଗ୍ରେସର ୩୨ ଏବଂ ଆରଜେଡି (ରାଷ୍ଟ୍ରୀୟ ଜନତା ଦଳ)ର ୪ ସାଂସଦଙ୍କ ବିରୋଧରେ ଗୁରୁତର ଅପରାଧିକ ମାମଲା ରହିଛି ବୋଲି ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି।

### କଣ୍ଟାବାଞ୍ଜିରେ ...

ବିଜେଡିରୁ ଖୋଦ୍ ନବୀନ ପଟ୍ଟନାୟକ ସେଠାରୁ ପ୍ରାର୍ଥୀ ହେବା ସତ୍ତ୍ୱେ ଲକ୍ଷ୍ମଣଙ୍କ ମନୋବଳ ଦୃଢ଼ ରହିଥିଲା। ତାଙ୍କ ମନୋବଳକୁ ଦୃଢ଼ ରଖିଥିଲେ ଦଳୀୟ ନେତା, କର୍ମୀ ଓ ସମର୍ଥକ। ବଲାଙ୍ଗିର ଲୋକସଭା ଆସନ ପ୍ରାର୍ଥୀ ସଙ୍ଗୀତା ସିଂହଦେଓ ଏବଂ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ତାଙ୍କ ମନୋବଳ ବଢ଼ାଇଥିଲେ। ବଲାଙ୍ଗିରରେ ନିର୍ବାଚନ ପ୍ରଚାର ସମୟରେ ଲକ୍ଷ୍ମଣ ବାଗଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଶେର' ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ- 'ୟେ ହମାରା ଶେର ହୈ'। ଏହା ସହିତ ଲକ୍ଷ୍ମଣ ବାଗଙ୍କୁ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ହରାନ୍ତୁ ବୋଲି ଲୋକଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି ସଂଗୀତା ସିଂହଦେଓଙ୍କ ଏକ ଡାଏଲଗ ବେଶ୍ ଲୋକପ୍ରିୟ ହୋଇଥିଲା। ସେ କହିଥିଲେ- କସମ ରାମ କୀ ଖାଏଙ୍ଗେ... ମୁଖ୍ୟମନ୍ତ୍ରୀଙ୍କୁ ହରାଏଙ୍ଗେ। ଏହା ମଧ୍ୟ ଲକ୍ଷ୍ମଣ ବାଗଙ୍କ ମନୋବଳକୁ ବଢ଼ାଇଥିଲା। ଏହା ବ୍ୟତୀତ ତାଙ୍କ ପାଇଁ ଦଳର ଅନେକ କେନ୍ଦ୍ରୀୟ ନେତା ପ୍ରଚାର କରିଥିଲେ। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ଓ ଅନ୍ୟପଟେ କଂଗ୍ରେସର ସନ୍ତୋଷ ସିଂହ ସାଲୁଜା ଥିଲେ ହେଁ ସଠିକ ରଣନୀତି ଓ ଲକ୍ଷ୍ମଣ ଘନ ଘନ ଏବଂ ଘରକୁ ଘର ପ୍ରଚାର ଯୋଗୁ ତାଙ୍କର ଜିତାପଟ ହୋଇଥିଲା। ଲକ୍ଷ୍ମଣ ବାଗ ୧୬ ହଜାର ୩୪୪ ଖଣ୍ଡ ଭୋଟ୍ରେ ନବୀନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ। ଲକ୍ଷ୍ମଣଙ୍କୁ ୯୦ ହଜାର ୮୭୬ ଖଣ୍ଡ ଭୋଟ୍ ମିଳିଥିବା ବେଳେ ନବୀନଙ୍କୁ ୭୪ ହଜାର ୫୩୨ ଖଣ୍ଡ ଭୋଟ୍ ମିଳିଥିଲା। ଦାଦନଗଡ଼ ଭାବରେ ପରିଚିତ କଣ୍ଟାବାଞ୍ଜିର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟାଖ୍ୟାନ କରି ଲକ୍ଷ୍ମଣ ବାଗଙ୍କୁ ବିଜୟୀ କରିଥିବା ବେଳେ ସେ କହିଛନ୍ତି- ଏବେ କଣ୍ଟାବାଞ୍ଜିର ବିକାଶ କରାଯିବ।

# ବିଲୁପ୍ତ ହେବାରେ ଲାଗିଛି ପରବ ରାଣୀ ରଜର ପରମ୍ପରା

**କୋଣାର୍କ :** ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ରଜପର୍ବ ଅନ୍ୟତମ। ଆମେ ପାଳନ କରୁଥିବା ସମସ୍ତ ପର୍ବ ପର୍ବାଣୀଗୁଡିକରେ ଦେବାଦେବୀମାନଙ୍କୁ ପୂଜା କରୁଥିବାବେଳେ ରଜପର୍ବ ଏହାର ଏକ ବ୍ୟତିକ୍ରମ। ଏହି ପର୍ବକୁ ମାଟିମାର ବିଶ୍ରାମ ପର୍ବ ବୋଲି ଆମେ ମାନିଥାଉ। ଏହି ପର୍ବ ଝିଅ ବୋହୁମାନଙ୍କର ଏକ ମୁଖ୍ୟ ପର୍ବ ହୋଇଥାଏ। ପୂର୍ବେ ରଜ ଉତ୍ସବ ସମୟରେ ଗାଁ ଦାଣ୍ଡରେ ପୁଅ ପିଲାମାନେ କବାଡି. ତାସ, ପଶା ଓ ଲୁଡୁ ଖେଳରେ ମଜିରହୁଥିବା ବେଳେ ଏହି ସମୟରେ ଝିଅ ବୋହୁମାନେ ନୂତନ ବସ୍ତ୍ର ପରିଧାନ କରି ତାସ, ଲୁଡୁ, ପୁଚି ଇତ୍ୟାଦି ଖେଳିବା ସହ ଗାଁ ମଧ୍ୟରେ ଥିବା ବଡ ବଡ ବୃକ୍ଷମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜଗୀତ 'ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ.........." ଇତ୍ୟାଦି ବିଭିନ୍ନ ରକମର ପଲ୍ଲୀଗୀତ ବୋଲି ଥାନ୍ତି। ଓଡିଆମାନଙ୍କର ସଂସ୍କୃତି ଓ ପରମ୍ପରାର ଏକ ନିଛକ ପ୍ରତିଛବି ହେଉଛି ଏହି ରଜ ପର୍ବ। ଆଧୁନିକତାର ଛାପରେ ଧିରେ ଧିରେ ରଜ ପର୍ବର ପୂର୍ବ ପରମ୍ପରା ହଜିବାରେ ଲାଗିଛି। ଉଗ୍ର ଆଧୁନିକତାରକୁ ପ୍ରଭାବରେ ଓଡିଆମାନଙ୍କର ପୁରାତନ ପରମ୍ପରା ଓ ସଂସ୍କୃତି ଜନମାନସରୁ ବିଲୁପ୍ତ ହେବାରେ ଲାଗିଛି। ଆଜିର ମାନବ ଆଧୁନିକ ସଂସ୍କୃତିକୁ ଆପଣେଇ ନେଉଥିବାରୁ ଉତ୍କଳବାସୀଙ୍କ ୧୨ମାସରେ ହେଉଥିବା ୧୩ ପର୍ବର ପୂର୍ବ ଉତ୍ସାହ ଆଉ ଦେଖିବାକୁ ମିଳୁ ନାହିଁ। ଓଡିଆ ମାନଙ୍କର ମୁଖ୍ୟ ଆକର୍ଷଣର ପର୍ବ, ପରବରାଣୀ ରଜ ଉତ୍ସବର ପୂର୍ବ ମହକ ଆଉ ନଥିବା ପରି ମନେହେଉଛି। ଓଡିଆମାନେ ଏହି ପର୍ବକୁ ଉତ୍ସାହ ଉଦିପନାର ସରହ ୪ଦିନ ଧରୀ ପାଳନ କରିଥାନ୍ତି। ଆଷାଢ ମାସର ସଂକ୍ରାନ୍ତି ଆଗ ଦିନଠାରୁ ରଜପର୍ବ ପାଳନ



କରାଯାଇଥାଏ। ପ୍ରଥମ ଦିବସକୁ ପହିଲିରଜ, ଦ୍ୱିତୀୟ ଦିବସକୁ ରଜସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମୀଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ ଦିବସ ଭାବରେ ପାଳନ କରାଯାଇଥାଏ। ଏହି ସମୟରେ ଘରେ ଘରେ ବିଭିନ୍ନ ପ୍ରକାର ପୋଡପିଠା ଓ ସୁଶ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହେବାସହ ଖେଳକୁଦରେ ପୁରପଲ୍ଲୀରେ ଆନନ୍ଦର ଲହରୀ ଖେଳି ଉଠୁଥିଲା। ୨୦୦୦ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୨ ବର୍ଷ ଧରୀ ନିରବଛିନ୍ନ ଭାବେ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଜୁନ ମାସ ୧୪ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଧୁମ ଧାମରେ ଆୟୋଜକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ପାଳିତ ହୋଇ ଆସୁଛି ରଜଉତ୍ସବ। ଏହି ସମୟରେ ଆବାଳ ବୃଦ୍ଧବନୀତା ଯୋଗ ଦେଇ ରଜ ଉତ୍ସବର ମଜା ଉଠାଇ ଥାନ୍ତି। ଚଳିତ ବର୍ଷ ୨୫ ତମ ରଜ ଉତ୍ସବ ପୂର୍ବ ବର୍ଷ ମାନଙ୍କ ପରି ଧୁମଧାମରେ ପାଳିତ ହେବ ବୋଲି ଅର୍କଶ୍ରୀର ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି।

# କାକଟପୁରରୁ ତୁଷାରକାନ୍ତିଙ୍କ ବିଜୟ

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳର ପ୍ରାର୍ଥୀ ମନ୍ତ୍ରୀ ତୁଷାର କାନ୍ତି ବେହେରା ବିଜୟୀ ହୋଇଛନ୍ତି। ଶ୍ରୀ ବେହେରା ୮୩,୭୩୮ ଖଣ୍ଡ ଭୋଟ ପାଇଥିବାବେଳେ, ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ, ବିଜେପି ଦଳର ପ୍ରାର୍ଥୀ ବାଇଧର ମଳିକ ୬୦,୬୫୯ ଭୋଟ ପାଇଛନ୍ତି। ସେହିପରି କଂଗ୍ରେସ ଦଳର ପ୍ରାର୍ଥୀ ବିଶ୍ୱ ଭୂଷଣ ଦାସ ୩୧,୨୩୨ ଖଣ୍ଡ ଭୋଟ ପାଇଛନ୍ତି। ଯାହାକି,ତୁଷାରକାନ୍ତି ବାଇଧର ବାବୁଙ୍କ ଠାରୁ ୨୩,୦୭୯ ଖଣ୍ଡ ଭୋଟ ଅଧିକା ପାଇଥିବା ବେଳେ, ବିଶ୍ୱ ଭୂଷଣ ଦାସଙ୍କ ଠାରୁ ୫୨,୫୦୬ ଖଣ୍ଡ ଭୋଟ ଅଧିକ ପାଇ ବିପୁଳ ଭୋଟ



ବ୍ୟବଧାନରେ ବିଜୟୀ ହୋଇଛନ୍ତି। ତୁଷାରକାନ୍ତି ବେହେରାଙ୍କୁ ପୁରୀ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ସଭାପତି ଶରତ ପରିଡ଼ା ଉତ୍ତରୋତ୍ତର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସାବିତ୍ରୀ ବ୍ରତ କରି ସ୍ୱାମୀଙ୍କ ଆୟୁଷ କାମନା

**ନବରଙ୍ଗପୁର :** ସାରା ଓଡ଼ିଶାରେ ସାବିତ୍ରୀ ବ୍ରତରେ ବ୍ରତୀ ହୋଇଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ଅନୁରୂପ କାର୍ଯ୍ୟ ସୀମନ୍ତିନୀ ମା ମାନେ ସାବିତ୍ରୀ ବ୍ରତ ମହା ଆନନ୍ଦରେ ପାଳନ କରିଛନ୍ତି। ସେହିପରି ଡାବୁଗାଁ ବ୍ଲକ ସଦର ମହକୁମାରେ ପ୍ରତ୍ୟେକ ସାହିରେ ମା ମାନେ ବ୍ରାହ୍ମଣ ଦ୍ୱାରା ପୂଜା କାର୍ଯ୍ୟ କରାଇବା ସହ ସାବିତ୍ରୀ ବ୍ରତ କଥା ବହି ପାଠ କରାଯାଇଥିଲା କ୍ଷଜୟନ୍ତୀ ନଗରରେ ପୂଜକ ସୁଶାନ୍ତ କୁମାର ପଣ୍ଡାଙ୍କ ଘରେ ମା ମାନେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ଫଳ, ନଡ଼ିଆ, ଚୁଡ଼ି, ସିନ୍ଦୁର, ନୂତନ ବସ୍ତ୍ର ସହ ପୂଜା ସମାଗ୍ରୀ ନେଇ ଏକଜୁଟ ହେବା ପରେ ଶିଳରେ ହଳଦୀ ଦ୍ୱାରା ମା ସାବିତ୍ରୀ ଓ ଶିଳ ପୁଆରେ ସତ୍ୟବାନଙ୍କ ମୂର୍ତ୍ତୀ ତିଆରି କରି ପୂଜକ ସୁଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ କରିବା ସହିତ ସାବିତ୍ରୀ ବ୍ରତ ବହି ପାଠ କରି ପୂଜାର୍ଚ୍ଚନା କରିଥିଲେ।



ପୂଜା ସାରି ସୀମନ୍ତିନୀ ମାନେ ଘରକୁ ଆସି ନୂଆ ବସ୍ତ୍ର ପରିଧାନ କରି ସ୍ୱାମୀଙ୍କ ପାଦୋଦକ ପାଇବା ପରେ ସ୍ୱାମୀକୁ ପ୍ରଣାମ ନିବେଦନ କରି ଆଶିର୍ବାଦ ନେଇଥିଲେ। ପୂଜା ହୋଇଥିବା ଫଳ ମୂଳ ଖାଇ ଦହି ପଣା ପିଇ ଦିନଟିକୁ କଟାଇ ଥିଲେ। ରାତ୍ରିରେ ଫଳ ମୂଳ ଖାଇ ଏଇ ବ୍ରତ ପାଳନ କରି ଦିନଟିକୁ ନିଷ୍ଠାରସହ ପାଳନ କରିଥିଲେ।

# ମା' ଭଗବତୀଙ୍କ ପୀଠରେ କିନ୍ନର ପାଳିଲେ ସାବିତ୍ରୀ ବ୍ରତ

**କୋଣାର୍କ :** କୋଣାର୍କ କିନ୍ନର ସଙ୍ଘ ପକ୍ଷରୁ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ସବିତ୍ରୀ ବ୍ରତ ପାଳନ କରାଯାଇଛି। ଏହି ପବିତ୍ର ଦିନରେ କିନ୍ନରମାନେ ନିଜ ଗୁରୁଙ୍କ ଆୟୁଷ ବୃଦ୍ଧି ଓ ନିରୋଗ କାମନା କରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ବ୍ରତ ଧାରଣ କରିଥିଲେ। କୋଣାର୍କ କିନ୍ନର ସଙ୍ଘ ପକ୍ଷରୁ ସାବିତ୍ରୀ ବ୍ରତକୁ ଭକ୍ତିମୟ ପରିବେସ ମଧ୍ୟରେ ପାଳନ କରାଯାଇଥିଲା। ହିନ୍ଦୁ ଧର୍ମର ସଧବା ସ୍ତ୍ରୀ ମାନେ ନିଜ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିବା ସହ ପରିବାରର ମଙ୍ଗଳକାମନା ପାଇଁ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି। ସେହିପରି କିନ୍ନର ମାନେ ନିଜ ଗୁରୁଙ୍କ ଦୀର୍ଘଜୀବନ କାମନା କରି ଏହି ପର୍ବକୁ ପାଳନ କରିଥାନ୍ତ। ଯେତେବେଳେ କିନ୍ନରମାନେ ନିଜ ପରିବାର ଓ ସମାଜରୁ ଅବହେଳିତ ହୋଇ ଥାନ୍ତି ସେତେବେଳେ ଏହି କିନ୍ନର ସମାଜର କେହିନା କହି ଆପଣାର କରି ନେଇଥାନ୍ତି। ଆପଣାର କରିଥିବା ସେହି କିନ୍ନର ହିଁ ସେମାନଙ୍କର ଗୁରୁ ଅଟନ୍ତି। ନିଜ ଗୁରୁଙ୍କ ଦୀର୍ଘ ଜୀବନ ସହ



ମଙ୍ଗଳକାମନା କରି କିନ୍ନର ମାନେ ସାବିତ୍ରୀ ବ୍ରତକୁ ଧୁମଧାମରେ ପାଳନ କରିଥାନ୍ତି। ସଧବା ସ୍ତ୍ରୀ ମାନଙ୍କ ପରି କିନ୍ନରମାନେ ଫଳମୁଳ ସହିତ ସିନ୍ଦୁର, ଚୁଡ଼ି ଓ ବ୍ରତ ନେଇ ମା'ଙ୍କ ପାଖରେ ସମର୍ପଣ କରିବା ସହ ନୂତନ ବସ୍ତ୍ର ପରିଧାନ କରି ଉପବାସ ବ୍ରତ ପାଳନ କରିଥାନ୍ତି। ଗୁରୁଙ୍କ ମଙ୍ଗଳ କାମନା କରିବା ସହ ନିଜେ ପାଇଥିବା ଜନ୍ମରୁ ମୁକ୍ତି ପାଇବାପାଇଁ ଗୁହାରୀ ମଧ୍ୟ କରିଥାନ୍ତି। ସାବିତ୍ରୀବ୍ରତ ପାଳନ ଅବସରରେ କୋଣାର୍କ କିନ୍ନର ସଙ୍ଘର ସଭାନତ୍ରୀ ଦୀପା କିନ୍ନରଙ୍କ ନେତୃତ୍ୱରେ କୋଣାର୍କ କିନ୍ନର ସଂଘର କିନ୍ନରମାନେ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ବ୍ରତ ପାଳନ କରିଥିଲେ।





# ମାସ ଶ୍ରେଷ୍ଠ; ଜ୍ୟେଷ୍ଠ

ପ୍ରେମାନନ୍ଦ ପାଣିଗ୍ରାହୀ

ଗ୍ରୀଷ୍ମ ଋତୁର ଶେଷ ମାସ ଜ୍ୟେଷ୍ଠ । ହିନ୍ଦୁ ପଞ୍ଜାଙ୍ଗ ଅନୁସାରେ ଚୈତ୍ର ମାସ ବର୍ଷର ଆଦ୍ୟ ମାସ ହେଲେ, ବୈଶାଖ ମାସ ପରେ ଜ୍ୟେଷ୍ଠ ମାସର ସ୍ଥାନ ତୃତୀୟ । ଜ୍ୟେଷ୍ଠ ମାସ ମାସ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ମହର୍ଷୀ ବ୍ୟାସଦେବ ଭବିଷ୍ୟ ପୁରାଣରେ ବର୍ଣ୍ଣନା କରିଛନ୍ତି । ହିନ୍ଦୁ ପରିବାରରେ ଜ୍ୟେଷ୍ଠ ସନ୍ତାନକୁ ସମ୍ମାନ ଦିଆ ଯାଉଥିବା ପରି ଜ୍ୟେଷ୍ଠ ମାସକୁ ଧାର୍ମିକ ଓ ସାମାଜିକ ପରମ୍ପରାରେ ଗୁରୁତ୍ୱ ଦିଆଯାଏ । କାରଣ ଏ ମାସ ଫଳ ପାଚିବାର ମାସ, ପର୍ବପର୍ବାଣୀର ମାସ ଏପରିକି ବଡ ଠାକୁରଙ୍କ ଜଳ କ୍ରୀଡାର ମାସ। ଛବିଳ ମଧୁ ବର୍ଣ୍ଣବୋଧର ଋତୁ ସୂଚନା କବିତା ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠ ମାସ, ପ୍ରଚଣ୍ଡ ରୌଦ୍ର ପରକାଶ ପଂକ୍ତିଟି ସୂଚାଇ ଦିଏ ଜ୍ୟେଷ୍ଠର ଝାଞ୍ଜି ଆଉ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ତୁହାକୁ ତୁହା ଝାଳ ଆଉ ଗରମ ପବନକୁ । ଆମ୍ବ, ପଣସ, ସପୁରୀ ପାଚିବାର ମାସ ଜ୍ୟେଷ୍ଠ। ଜ୍ୟେଷ୍ଠ ମାନେ ତ ଅସହ୍ୟ ଗୁଳୁଗୁଳି। ଦେହ ପୋଡିବା ପରି ତାତି ଆଉ ଗାଧୋଇବା ପରି ଝାଳ। କହିବାକୁ ଗଲେ ଜଳବିନା ମାଛ ଯେପରି ଛଟପଟ ହୁଏ, ସେହିପରି ଜ୍ୟେଷ୍ଠ ମାସରେ ସୂର୍ଯ୍ୟଙ୍କର ତତଲା ବାୟୁରେ ସନ୍ତୁଳିତ ହୁଏ ପ୍ରାଣୀଜଗତ । ତେବେ ଏତେସବୁ ଯନ୍ତ୍ରଣା ସତ୍ତ୍ୱେ  ମାସ ମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଶ୍ରେଷ୍ଠ କାହିଁକି ? ହଁ, ଜ୍ୟେଷ୍ଠ ମାସ ପ୍ରକୃତିକୁ ଉପଭୋଗ କରିବା ପାଇଁ ଯେମିତି ଏକ ପ୍ରକୃଷ୍ଟ ସମୟ। ଗୋଟିଏ ପଟେ ଯନ୍ତ୍ରଣା ଦେଉଥିବା ଏହି



ଜ୍ୟେଷ୍ଠ ମାସ ଅନ୍ୟ ପଟେ ଦେଇଥାଏ ଶୀତଳାତାର ସ୍ପର୍ଶ।  ଏଋତୁରେ ଆମ୍ବ ତୋଟା, ଚଉପାଢୀରେ ତାସ୍, ଲୁଡୁ, ପଶା ଖେଳର ମଜା ସାଙ୍ଗକୁ ନଦୀ, ପୋଖରୀରେ ମାଛ ଧରା, ପଖାଳ ପ୍ରତି ମୋହ, ପାଚିଲା ଫଳ ଓ କୋଳିର ସମ୍ଭାର ସବୁଥିରେ ଥାଏ ମାଦକତା। ନଡା ଛପର ଘରର ଗୋବର ଲିପା ପିଣ୍ଡା ଉପରେ ସପ ପକାଇ ବିଶ୍ରାମ ନେବାକୁ ମନ ଖୋଜେ। ଆଉ ଭଲ ଲାଗେ ମାଟିହାଣ୍ଡି, କଳସୀର ପାଣି ଆଉ ବେଣାଚେରର ପବନ। ଏସବୁ ଭିତରେ ଅପରାହ୍ନରେ କେତେବେଳେ ଆକାଶରେ ଘୋଟି ଆସୁଥିବା କଳାହାଣ୍ଡିଆ ମେଘରେ ଭିଜିବାକୁ ବି ମନ ବ୍ୟାକୁଳ ହୁଏ । ତେଣୁ ଜ୍ୟେଷ୍ଠ ମାସର ଏହି ଅନୁଭୂତି ଅନ୍ୟ ମାସମାନଙ୍କ  ଠାରୁ ଭିନ୍ନ। ନିଆରା ତାର ଅନୁଭବ। ଜ୍ୟେଷ୍ଠ ମାସ ଆଉ ଗୋଟିଏ ଦୃଷ୍ଟିରୁ ଭଲ ଲାଗେ। ଜ୍ୟେଷ୍ଠ ମାସର ପ୍ରବଳ ଗୁଳୁଗୁଳିରେ ଅସହ୍ୟ ହୋଇ ପଡିଥିବା ମଣିଷ ବାରମ୍ବାର ଗାଧୋଇବାକୁ ଭଲପାଏ । ଦିନ ଗାଧୁଆ ଅପେକ୍ଷା ଉପର ବେଳାର ଗାଧୁଆ ଖାଲି ଦେହକୁ ଭିଜାଏ ନାହିଁ, ମନକୁ ବି ଭିଜେଇ ଦିଏ।



**ଗାଧୁଆରେ ଶରୀର ଉପଚାର :** ଭାରତୀୟ ପରମ୍ପରାରେ ପ୍ରତ୍ୟହ ସ୍ନାନ କରିବା ପ୍ରମୁଖ ନିତ୍ୟକର୍ମ ଭାବରେ ଜଣାଶୁଣା। କାହିଁ କେଉଁକାଳରୁ ଲୋକେ ଦିନର ପ୍ରାରମ୍ଭରେ ସ୍ନାନ କରିବା ପରେ ପୂଜାପାଠ କରିଥାନ୍ତି। ସକାଳର ପ୍ରଥମ ପ୍ରହରରେ ସ୍ନାନ କଲେ ଆଳସ୍ୟ ଦୂର ହୋଇଥାଏ। ବିଭିନ୍ନ ପରୀକ୍ଷାରୁ ଜଣାପଡିଛି ଯେ ଭାରତୀୟମାନେ ସକାଳେ ସ୍ନାନ କରିବା କାରଣରୁ ଅବସାଦ ରୋଗ ସେମାନଙ୍କୁ ଆକ୍ରାନ୍ତ କରିନଥାଏ। ସୂର୍ଯ୍ୟ ଉଦୟ ହେବାର ନବେ ମିନିଟ୍ ପୂର୍ବର ସମୟକୁ ବ୍ରାହ୍ମ ମୂହୁର୍ତ୍ତ କୁହାଯାଏ। ଏହି ବ୍ରାହ୍ ମୂହୁର୍ତ୍ତରେ ସାଧୁ, ସନ୍ନ୍ୟାସୀମାନେ ସ୍ନାନ କରିଥାନ୍ତି। ସାଧୁସନ୍ଥମାନଙ୍କର ସ୍ନାନକୁ ପବିତ୍ର ସ୍ନାନ କୁହାଯାଉଥିବା ବେଳେ ସାଧାରଣ ଲୋକମାନଙ୍କର ସ୍ନାନକୁ ଗାଧୁଆ କୁହାଯାଏ। ସକାଳର ଏକ ଶୁଦ୍ଧସ୍ନାନ ସାରାଦିନର ପବିତ୍ରତା ଆଣି ଦେଉଥିବାବେଳେ ସନ୍ଧ୍ୟାବେଳର ସ୍ନାନ ମନରେ ତୃପ୍ତି ଆଣି ଦେଇଥାଏ । ସ୍ନାନ କେବଳ ଶରୀର ନୁହେଁ ମନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ। ବିଶେଷ କରି ନିବୁଜ କୋଠରୀ ଅପେକ୍ଷା ନଦୀ, ପୋଖରୀ, ଝରଣା ଆଦି ଜଳାଶୟରେ ସ୍ନାନ ସ୍ୱାସ୍ଥ୍ୟ ସଂରକ୍ଷଣ ଓ ସ୍ୱାସ୍ଥ୍ୟ ସମ୍ବର୍ଦ୍ଧନ କରିଥାଏ । ସ୍ନାନ ଶରୀରରୁ ଅର୍ନ୍ତଦେଶ ଓ ବର୍ହିଦେଶର ଅପବିତ୍ରତାକୁ ନଷ୍ଟ କରିବା ସହ ବ୍ୟକ୍ତିକୁ ଆଧ୍ୟାତ୍ମିକତା ଦିଗରେ ଅଗ୍ରସର କରାଏ। ପ୍ରତ୍ୟେକ ଋତୁରେ ଥଣ୍ଡା ପାଣିରେ ସ୍ନାନ କଲେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ । ନଖ ଉଷୁମ ପାଣିରେ ସ୍ନାନ କଲେ ଶରୀରର ଜୀବାଣୁମାନେ ନଷ୍ଟ ହୋଇଥାନ୍ତି।

**ସଞ୍ଜ ଗାଧୂଆର ମଜା :** ଜ୍ୟେଷ୍ଠ ମାସରେ ଯେମିତି ବାତାବରଣର ତାପମାନ ଆସ୍ତେଆସ୍ତେ ବଢେ, ସେହିପରି ଆମ ଶରୀର ତଥା ରକ୍ତର ତାପ ବି କ୍ରମଶଃ ବଢେ। ପ୍ରବଳ ଗରମ ଓଗୁଳୁଗୁଳିରେ ଆମ ଶରୀରର ସ୍ୱେଦଗ୍ରନ୍ଥିରୁ ଝାଳ ବାହାରିବା ସହିତ ସେଥିରେ ଲବଣାମ୍ଳ, ପ୍ରୋଟିନ, ୟୁରିଆ ଓ ତୈଳଯୁକ୍ତ ସ୍ୱେଦ ନିର୍ଗତ ହୋଇଥାଏ। ତ୍ୱଚାରୁ ଯେଉଁ ଝାଳ ବାହାରେ ଥଣ୍ଡା ପବନ ବାଜି ତାହା ଶୁଖିଯାଏ ଓ ଶରୀର ଶୀତଳତା ଅନୁଭବ କରେ; କିନ୍ତୁ ଝାଳରେ ଧୂଳିକଣା ମିଶି ଶରୀର ଦୁର୍ଗନ୍ଧ ହୁଏ। ଲୋମକୂପରେ ମଳି ଜମି ତାହା ବୁଜି ହୋଇଯାଏ ଓ ଘିମିରି, ବଥ ସୃଷ୍ଟି ହୋଇ ଶରୀରକୁ ପୀଡା ଦିଏ। ଦୁର୍ଗନ୍ଧଯୁକ୍ତ ଝାଳର ସମାଧାନ ହେଲା ଶରୀରକୁ ପରିଷ୍କାର ରଖିବା। ତେଣୁ ଏ ମାସରେ ଦିନକୁ ଦୁଇ ଥର ସ୍ନାନ କରିବା ଦ୍ୱାରା ଲୋମ ଛିଦ୍ର ଖୋଲା ରହେ ଓ ତ୍ୱଚା ସୁସ୍ଥ ବାୟୁ ସଂସ୍ପର୍ଶରେ ଆସେ । ଜଳରେ ଚନ୍ଦନ ଓ ଗୋଲାପ ଜଳ ପକାଇ ସ୍ନାନ କଲେ ଶରୀର ସୁବାସିତ ହୁଏ ।



**ପିଲା ନିଅନ୍ତି ଗାଧୁଆର ମଜା :** ଜ୍ୟେଷ୍ଠ ମାସ ବେଳକୁ ସ୍କୁଲଗୁଡିକରେ ଗ୍ରୀଷ୍ମକାଳୀନ ଅବକାଶ ଚାଲିଥଏ । ପରୀକ୍ଷା ଶେଷ ହୋଇ ଫଳ ମଧ୍ୟ ବାହାରି ସାରିଥାଏ । ଏ ମାସରେ ନା ଅଛି ପରୀକ୍ଷାର ବୋଝ ନା ପାଠପଢା ପାଇଁ ବାପା, ମାଆଙ୍କ ତାଗିଦ୍। ପରିବାର ସହ ସହରରେ ରହୁଥିବା ପିଲାମାନଙ୍କ ମଧ୍ୟରୁ କେତେକ ଖରାଛୁଟି କାଟିବାକୁ ଗାଁକୁ ଆସନ୍ତି । ଗାଁରେ ଆମ୍ବ-ପଣସର ତୋଟା,ନଦୀକୂଳ,ବଣକୁ ଆଦରି ନିଅନ୍ତି ସେମାନେ। ଗାଁରେ ସବୁଜିମାରେ ବାଟବଣା ହୋଇଯାଏ ସେମାନଙ୍କ ମନ । ଜ୍ୟେଷ୍ଠ ମାସରେ ପ୍ରଚଣ୍ଡ ରୌଦ୍ରତାପ। ଏ ମାସରେ ପୋଖରୀ,ନାଳରେ କମ୍ ପାଣିଥାଏ । ଖରା ବଢିବା ସାଙ୍ଗକୁ ଏସବୁ ଜଳାଶୟରେ ପିଲାମାନଙ୍କର ଭିଡ ଜମେ। କେତେକ ବି ରବରଟ୍ୟୁବ୍ ନେଇ ପୋଖରୀରେ ପହଁରାର ମଜା ନିଅନ୍ତି। ଜଣେ ପରେ ଜଣେ ପୋଖରୀ ହୁଡାରୁ ପାଣିକୁ କୁଦା ମାରନ୍ତି। ପାଣିରେ ବୁଡିବୁଡି ଆଖି ଲାଲ ନ ହେବା ଯାଏ ସେମାନେ ପୋଖରୀ ବା ନାଳରୁ ଉଠନ୍ତିନି। ପ୍ରକୃତରେ ପାଣିର ଶୀତଳତାକୁ ପିଲାମାନେ ହିଁ ଉପଭୋଗ କରନ୍ତି। ଆଉ ଯେଉଁମାନେ ଖରା ଛୁଟିରେ ସହରରେ ରହନ୍ତି, ସେମାନେ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ସମର କ୍ୟାମ୍ପରେ ଯୋଗ ଦିଅନ୍ତି।  ଖେଳ, କସରତ, କଳା, କୌଶଳ ପହଁରା ଆଦି ବିଭିନ୍ନ ଭୌତିକ ଜ୍ଞାନ ଆହରଣ କରନ୍ତି।

**ବଡ ଠାକୁର ନିଅନ୍ତି ଗାଧୁଆର ମଜା :** ଅକ୍ଷୟ ତୃତୀୟା ଠାରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏକୋଇଶ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ ହୁଏ। ଜ୍ୟେଷ୍ଠ ମାସରେ ସୂର୍ଯ୍ୟଙ୍କର ପ୍ରଖର  ଉତ୍ତାପ ଯୋଗୁଁ  ବ୍ୟତିବ୍ୟସ୍ତ ହୋଇପଡୁଥିବା ଭକ୍ତଙ୍କୁ ଶାନ୍ତି ଓ ଶୀତଳତା ଦେବା ପାଇଁ ନରେନ୍ଦ୍ର ପୋଖରୀରେ ଥିବା ଚନ୍ଦନ ମଣ୍ଡପରେ ବିଜେ ହୁଅନ୍ତି ସେମାନେ। ଦିନେ ନୁହେଁ କି ଦୁଇଦିନ ନୁହେଁ ତିନି ସପ୍ତାହ ବା ଏକୋଇଶ ଦିନପର୍ଯ୍ୟନ୍ତ  ହୁଏ ଏହି ଚନ୍ଦନ ଯାତ୍ରା। ଚନ୍ଦନ ଯାତ୍ରାରୁ ଆରମ୍ଭ ହୁଏ ଚନ୍ଦନ ଗାଧୁଆ। ଉପରବେଳା ଶୁଦ୍ଧ ଜଳରେ ସ୍ନାନ କରି ପ୍ରଭୁ ଶୁଭ ବସ୍ତ୍ର ପରିଧାନ କରିଥାନ୍ତି। କୁହାଯାଏ ନଗର ଯାକରେ ଦିଲ୍ଲୀ,କୁସୁମ ଜାକରେ ମଲ୍ଲୀ। ମନ ମୁଗଧକର ବାସ୍ନା ଓ ତୋଫା ଧଳା ରଙ୍ଗ ଯୋଗୁଁ ଜନମନ ହରଣ କରିଥାଏ ଏହି ମଲ୍ଲୀ ଫୁଲ। ଜ୍ୟେଷ୍ଠ ମାସରେ ବେଶି ଫୁଟୁଥିବା ଫୁଲ ହେଉଛି ମଲ୍ଲୀ। ପୁରୀ ସହରରେ ଫୁଲ ଦୋକାନ ଗୁଡିକରେ ଜ୍ୟେଷ୍ଠ ମାସରେ ମଲ୍ଲୀ ଫୁଲ  ଗଜରା ବେଶି ବିକ୍ରି ହୋଇଥାଏ। ଉପର ବେଳା ଗାଧୁଆପାଧୁଆ ସାରି ସେ ଫୁଲ ଗଜରାକୁ କିଏ ହାତରେ କିଏ ଗଳାରେ ବାନ୍ଧି ଚନ୍ଦନ ଯାତ୍ରାରେ ବାହାରନ୍ତି। ଏ ପ୍ରଥା  କାହିଁ କେତେ କାଳରୁ ଚଳି ଆସୁଛି। କେବଳ ପୁରୀ ନୁହେଁ, ସାରା ରାଜ୍ୟବାସୀ ଚନ୍ଦନଯାତ୍ରାରୁ ଉପରବେଳା ଗାଧୁଆର ମଜା ନିଅନ୍ତି। ଉତ୍ତପ୍ତ ନିଦାଘରେ ଜର୍ଜରିତ ମଣଷ ଯେପରି ଜ୍ୟେଷ୍ଠ ମାସରେ ଗାଧୁଆର ମଜା ନିଅନ୍ତି, ସେହିପରି ମାନବଧର୍ମୀ ଚତୁର୍ଦ୍ଧା ମୂର୍ତ୍ତୀ ଦେବସ୍ନାନ ପୂର୍ଣ୍ଣମାଦିନ ଶୀତଳତା ଅନୁଭବ କରନ୍ତି। ଜଗନ୍ନାଥଙ୍କର ଅନ୍ୟ ଯାତ୍ରାଗୁଡିକରେ ଚଳନ୍ତି ବିଗ୍ରହ ମଦନମୋହନ ବିଜେ  କରି ପାଲିଙ୍କିରେ ଯାଉଥିବା ବେଳେ ସ୍ନାନପୂର୍ଣ୍ଣିମା ଓ ଶ୍ରୀଗୁଣ୍ଡିଚାରେ ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ଧାଡି ପହଣ୍ଡିରେ ସ୍ନାନ ମଣ୍ଡପରେ ବିଜେ କରି ଦର୍ଶନ ଦିଅନ୍ତି। ଅନ୍ୟ ଦିନରେ ଦେବତାଙ୍କୁ ମନ୍ତ୍ରସ୍ନାନ କରାଉଥିବା ବେଳେ ଦେବସ୍ନାନ ପୂର୍ଣ୍ଣମା ଦିନ ସୁନାକୂଅର ୧୦୮ କଳସ ଜଳରେ ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ କରନ୍ତି। ସ୍ନାନ ମଣ୍ଡପରେ ସ୍ନାନାଦି ସମାପନ ପରେ ଶ୍ରୀଜୀଉ  ଗଜାନନ ବେଶ ଧାରଣ କରନ୍ତି । ମହାପ୍ରଭୁ ଯୁଗେଯୁଗେ ମାନବ ଅବତାରରେ ପଦାର୍ପଣ କରିଥାନ୍ତି। ଚତୁର୍ଦ୍ଧା ମୂର୍ତ୍ତି ସ୍ନାନ କରିବାର ଯଥାର୍ଥତା ହେଉଛି ସେମାନେ ମାନବୀୟ ଲୀଳାଖେଳା କରନ୍ତି। ଜ୍ୟେଷ୍ଠ ମାସର ପ୍ରଚଣ୍ଡ ଗୁଳୁଗୁଳିରେ ମନ୍ଦିର ଭିତରେ ପ୍ରବଳ ଗରମ ହୋଇଥାଏ। ତେଣୁ ବାହାରକୁ ଆସି  ଭକ୍ତଙ୍କ ମେଳରେ ମହାପ୍ରଭୁ ସ୍ନାନ କରନ୍ତି।

*ଭୁଷଳ,ଭୁବନ,ଢେଙ୍କାନାଳ*
*ଦୂରଭାଷ :୯୪୩୭୭୨୯୩୮୪*





# ନୂଆ ସରକାର ନେବ କି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ?

**ଭୁବନେଶ୍ୱର :** କ୍ଷମତା ଥିଲା ବେଳେ ନବୀନଙ୍କ ସାଙ୍ଗରେ ଛାଇ ଭଳି ରହୁଥିବା ପାଣ୍ଡିଆନ୍ ଏବେ ଗଲେ କୁଆଡେ। ଯେତେବେଳେ ଦରକାର ନଥିଲା ନବୀନଙ୍କ ମୁହଁ ଆଗରେ ମାଇକ୍ ଲଗେଇ ଛିଡ଼ାହେଉଥିଲେ। ଏବେ କାହିଁକି ନବୀନଙ୍କୁ ନିଜେ ମାଇକ୍ ଧରି କହିବାକୁ ପଡୁଛି ? କେଉଁଠି ଲୁଚିଛନ୍ତି ଭୈରବ କାର୍ତ୍ତିକେୟନ୍ ? ବୁଧବାର ନବୀନ ନିବାସରେ ଥିଲା ବିଜେଡି ବିଧାୟକ ଦଳ ବୈଠକ। ଗଣମାଧ୍ୟମ ଅପେକ୍ଷା କରିଥିଲେ କେତେବେଳେ ବାହାରକୁ ଆସିବେ ପାଣ୍ଡିଆନ। କିନ୍ତୁ ତାମିଲ ବାବୁ ଅନ୍ଧାର କରି କ୍ୟାମେରା ସାମ୍ନାରୁ ଖସି ପଳାଇଲେ। ନିର୍ବାଚନ ବେଳେ ଯାହାଙ୍କ ଉପରୁ କ୍ୟାମେରା ଆଦୌ ହଟୁ ନଥିଲା ଏବେ ତାଙ୍କର କ୍ୟାମେରାକୁ ଏତେ ଡର କାହିଁକି ? କାହିଁକି ମିଡିଆକୁ ଲୁଚିଛପି ଯାଉଛନ୍ତି ନବୀନ ନିବାସ ? ଯେଉଁ କଥା ଆଶଙ୍କା କରାଯାଉଥିଲା ସେୟା ହିଁ ଘଟିଛି। ବିଜେଡି ଭିତରୁ ପାଣ୍ଡିଆନଙ୍କୁ ବିରୋଧ ଆରମ୍ଭ ହୋଇସାରିଛି ସେଥିପାଇଁ ଡରରେ ଚୋର ଭଳି ମୁହଁ ଲୁଚାଇ ବୁଲୁଛନ୍ତି କି ? କୁହାଯାଏ ତାମିଲ ପାଣ୍ଡିଆନଙ୍କ ଗୁରୁ ହେଉଛନ୍ତି ଓଡ଼ିଶାରେ ଆଉଜଣେ ଚର୍ଚ୍ଚିତ ପୂର୍ବତନ ତାମିଲ ବ୍ୟୁରୋକ୍ରାଟ୍ ଆର. ବାଲକ୍ରିଷ୍ଣନ୍। ଯାହାଙ୍କୁ ପାଣ୍ଡିଆନ ବାଲା ସାର୍ ବୋଲି କରିଥାନ୍ତି ସମ୍ବୋଧନ। ଶିଷ୍ୟ କ୍ୟାମେରାକୁ ଲୁଚି ଅନ୍ଧାରରେ ଫେରାର ତ ଗୁରୁ ବିଜେଡି ହାରିବା ପରେ ସିଏମଓ ମୁଖ୍ୟ ପରାମର୍ଶଦାତା ପଦରୁ ପଦରୁ ଇସ୍ତଫା ଦେଇ ପାର। ଅବସରପ୍ରାପ୍ତ ଆଇଏଏସ ଆର ବାଲକ୍ରିଷ୍ଣନ ତଥା ପାଣ୍ଡିଆନଙ୍କ ଗୁରୁ ବାଲା ସାରଙ୍କୁ କାହିଁକି ଘାରିଛି ଡର। ଚର୍ଚ୍ଚା ହୋଇଥିଲା ବିଜେଡି ଶାସନକୁ କବଜା କରିଥିଲେ ୫ ତାମିଲ। ସେଥିମଧ୍ୟରୁ ପାଣ୍ଡିଆନଙ୍କ ଛଡ଼ା ଅନ୍ୟ ଜଣେ ଥିଲେ ଆର. ବାଲକ୍ରିଷ୍ଣନ୍। ଓଡ଼ିଶାରେ ବିଜେପି ସରକାର ଆସିଲେ ନବୀନଙ୍କ ଛତ୍ରଛାୟାରେ ରହି ଓଡ଼ିଶାକୁ ଲୁଟ୍ କରୁଥିବା ମାଫିଆଙ୍କ ଅଣ୍ଟା ଭାଙ୍ଗିଦିଆଯିବ ବୋଲି ଚେତାବନୀ ଦେଇଥିଲେ ପ୍ରଧାନମନ୍ତ୍ରୀ ମୋଦି। ଅଣ୍ଟା ଭାଙ୍ଗିବା ଭୟରେ ଇସ୍ତଫା ଦେଇ ଖସି ପଳାଇଗଲେ କି ବାଲା ସାର। ସେପଟେ ଏବେ ଚର୍ଚ୍ଚାରେ ଏକ୍ସରେ ବାଲକ୍ରିଷ୍ଣନଙ୍କ ଏକ ତାମିଲ ପୋଷ୍ଟ। ଯେଉଁଥିରେ ସେ ମେନଷ୍ଟ୍ରିମ୍ ମିଡିଆକୁ ଭର୍ତ୍ସନା କରିବା ସହ ଏକ ୟୁଟ୍ୟୁବ୍ ଚ୍ୟାନେଲକୁ କରିଛନ୍ତି ପ୍ରଶଂସା। ଏହି ଚ୍ୟାନେଲ ମୋଦି ସରକାରଙ୍କର ବଡ଼ ସମାଲୋଚକ ଭାବେ ଜଣାଶୁଣା। ସେହି ଚ୍ୟାନେଲକୁ ଗଣତନ୍ତ୍ରର ରକ୍ଷକ ବୋଲି ଆଖ୍ୟା ଦେଇ ପରୋକ୍ଷରେ ବିଜେପିକୁ ସମାଲୋଚନା କରିବାକୁ ଉଦ୍ୟମ କରିଛନ୍ତି କି ଆର. ବାଲକ୍ରିଷ୍ଣନ୍। ଅର୍ଥାତ୍ ଯେଉଁ ଅଭିଯୋଗ ହେଉଥିଲା ଓଡ଼ିଶାର ଅମଲାତନ୍ତ୍ରର ସଂପୂର୍ଣ୍ଣ ରୂପେ ବିଜେଡି ପ୍ରତି ଥିଲା ଆନୁଗତ୍ୟ। ସେମାନେ ଜନସେବାର ଭାବନା ନୁହେଁ ଦଳୀୟ ଭାବନା ନେଇ କାମ କରୁଥିଲେ ଏବେ ସେମାନଙ୍କ ରଙ୍ଗ ଧୀରେ ଧୀରେ ପଦାକୁ ଆସୁଛି। ବାଲକ୍ରିଷ୍ଣଙ୍କ ଏହି ପୋଷ୍ଟ ତାର ବଡ଼ ଉଦାହରଣ। ସେହିପରି ବିଜେଡିର ମାଫିଆ ସାଜି ଡି.ଏସ୍ କୁଟ୍ଟେ ଓ ଆଶିଷ ସିଂହଙ୍କ ପରି ଆଇପିଏସ୍ ଥାନା ଅଧିକାରୀ ଓ ଏସପି ମାନଙ୍କୁ ଶାସକ ଦଳର କାମରେ ଲଗାଉଥିବା ନେଇ ହୋଇଥିଲା ଅଭିଯୋଗ। ଯେଉଁ ଆଧାରରେ ନିର୍ବାଚନ କମିଶନ ଏହି ଦୁଇ ଆଇପିଏସଙ୍କ ବିରୋଧରେ ନେଇଥିଲେ ଆକ୍ସନ। ସବୁ ମାଫିଆଙ୍କର ଅସଲ ଚେହେରା ଧରାପଡ଼ିସାରିଥିବା ବେଳେ ଏବେ ଏବେ ପ୍ରଶ୍ନ ଓଡ଼ିଶାରେ ବିଜେପି ସରକାର ଆସିଲେ ଭାଙ୍ଗିବ କି ଏହି ମାଫିଆମାନଙ୍କ ଅଣ୍ଟା ?


ଫଟୋ : ସଞ୍ଜୀବ

**ନେତାଜୀଙ୍କୁ ଏ କି ସମ୍ମାନ !**
ଭୁବନେଶ୍ୱର : ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି

# ବିଜେପି ସରକାରରେ ମିଳିବ ଉନ୍ନତମାନର ସ୍ୱାସ୍ଥ୍ୟ ସେବା

**ଭୁବନେଶ୍ୱର :** ଉନ୍ନତ ସ୍ୱାସ୍ଥ୍ୟ ସେବା ଭାରତୀୟ ଜନତା ପାର୍ଟି (ବିଜେପି) ସରକାରର ସଂକଳ୍ପ। ଉପକୂଳଠାରୁ ଆରମ୍ଭ କରି ଉପାନ୍ତ ପର୍ଯ୍ୟନ୍ତ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ବିଜେପି ସରକାର ପ୍ରତିଶ୍ରୁତି ବଦ୍ଧ। ବିଜେଡି ସରକାର ଦ୍ୱାରା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ଘାଣ୍ଟି ହେଉଥିବା ଲୋକଙ୍କୁ ସଞ୍ଜୀବନି ଯୋଗାଇବ ବିଜେପି ସରକାର। ପୂର୍ବ ବ୍ୟବସ୍ଥାକୁ ପରିବର୍ତ୍ତନ କରି ଦୁର୍ବଳ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଦୂର କରିବା ଲାଗି ମିଶନ ସ୍ୱାସ୍ଥ୍ୟ ଓଡିଶା ଜରିଆରେ ପ୍ରତି ଜିଲ୍ଲାରେ ନର୍ସିଂ କଲେଜ,ମେଡିକାଲ କଲେଜ ଓ ସୁପର ସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା କରିବେ ସରକାର। ରାଜ୍ୟରେ ଥିବା ୬୬୮୮ଟି ଉପକେନ୍ଦ୍ର ଏବଂ ୧୨୨୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆରୋଗ୍ୟ



ମନ୍ଦିର ଭାବେ ଉନ୍ନତି କରାଯିବ। ସମସ୍ତ ଆରୋଗ୍ୟ ମନ୍ଦିରରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଖୋଲିବେ ସରକାର। ପୃଷ୍ଟି ସୁରକ୍ଷା ପାଇଁ ମାତୃତ୍ୱ ସୁରକ୍ଷା ଯୋଜନା ଶୁଭାରମ୍ଭ କରିବା ସହ ପ୍ରତ୍ୟକ ଗର୍ଭବତୀ ମହିଳାଙ୍କୁ ୨୧ ହଜାର ଟଙ୍କା ଯୋଗାଇ ଓ ୬ ଟି ପୁଷ୍ଟିକର କିଟ୍ ଯୋଗାଇଦେବେ। ଏହାସହ ଡାକ୍ତର ଅଭାବ ପୂରଣ କରିବା ପାଇଁ ୩ ହଜାର ନୂଆ ଡାକ୍ତର ପଦବୀ ସୃଷ୍ଟି କରାଯିବ। ସେପଟେ ବିଏସକେଓ୍ୱାଇ ଦ୍ୱନ୍ଦକୁ ଦୂର କରିବା ପାଇଁ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ଗ୍ୟାରେଣ୍ଟି ଦେଇଛି ବିଜେପି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ ଏ ନେଇ ଦ୍ୱନ୍ଦ ଦୂର କରିଥିବା ବେଳେ ବର୍ତ୍ତମାନ ରାଜ୍ୟ ମୁଖ୍ୟ ଶାସନ ସଚିବ ବି ଦ୍ୱନ୍ଦ ନ ରଖିବା ପାଇଁ ଲୋକଙ୍କୁ ଅପିଲ କରିଛନ୍ତି। ଏଥିସହ ଯଦି କୌଣସି ମେଡିକାଲ ରୋଗୀଙ୍କୁ ହଇରାଣ କରେ ତେବେ ୧୦୪କୁ ଫୋନ୍ କରିବା ପାଇଁ କୁହାଯାଇଛି। ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବାର ଗ୍ୟାରେଣ୍ଟି ବିଜେପି ସରକାରର ସଂକଳ୍ପ।

# ବିଜେଡି ଭିତରୁ ପାଣ୍ଡିଆନଙ୍କୁ ବିରୋଧ

**ଭୁବନେଶ୍ୱର :** ୨୪ ମହାଲଢ଼େଇରେ ମାଟି କାମୁଡ଼ିଲା ୨୪ ବର୍ଷ ହେଲା ଓଡ଼ିଶାର ଶାସନ ଗାଦି ମାଡ଼ି ବସିଥିବା ବିଜୁ ଜନତା ଦଳ। ବିଜେଡିର ପରାଜୟ ପରେ ସବୁଠୁ ବେଶୀ ବିବାଦୀୟ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ୍। ପାଞ୍ଚ ପାଞ୍ଚ ପାଳିର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନପ୍ରିୟତା ଓ ପ୍ରତିଷ୍ଠାରେ ଗ୍ରହଣ ଲାଗିବାରୁ ତାଙ୍କ ବିରୋଧରେ ଖଡ଼ଗହସ୍ତ ବିଜେଡି ନେତା। କେତେକ ତ ସାମ୍ନାକୁ ଆସି ଖୁଲମଖୁଲା ପାଣ୍ଡିଆନଙ୍କୁ ଗାଳି ଦେଉଛନ୍ତି। ବିଜେଡିରୁ ତଡ଼ିବାକୁ ନିଜ ଦଳର ନେତାଙ୍କୁ ଦେଉଛନ୍ତି ଆହ୍ୱାନ। ବଡ଼ ହୋର୍ଡିଂରେ ପାଣ୍ଡିଆନଙ୍କୁ କରାଯାଉଛି କଟାକ୍ଷ। ସୋସିଆଲ୍ ମିଡିଆ ପୋଷ୍ଟରେ ପାଣ୍ଡିଆନ ଗୋ ବ୍ୟାକ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ କରାଉଛନ୍ତି ବିଜେଡି ନେତା। ଗୋଟିଏ ପଟେ ପାଣ୍ଡିଆନଙ୍କ ବିରୋଧରେ



ବିଜେଡି ନେତାଙ୍କ ବିଷୋଦଗାର, ଅନ୍ୟପଟେ ପରାଜୟ ପରେ ମୁହଁ ଲୁଚାଉଛନ୍ତି ପାଣ୍ଡିଆନ। ଲୁଚି ଛପି ନବୀନ ନିବାସ ଯାଉଛନ୍ତି। ଚର୍ଚ୍ଚା ହେଉଛି ଏପରି ଶୋଚନୀୟ ପରାଜୟ ପାଇଁ ଅନେକ ତୁଙ୍ଗ ନେତା ସିଧାସଳଖ ପାଣ୍ଡିଆନଙ୍କୁ ଦାୟୀ କରୁଛନ୍ତି, ଆଉ କିଛି ନେତା ପାଣ୍ଡିଆନଙ୍କ ପ୍ରଶ୍ନକୁ ଆଡ଼େଇ ଯାଉଛନ୍ତି। ଆଉ ଏ ସବୁ ଭିତରେ ଦଳଠୁ ଦୁରେଇ ରହିବାକୁ ଚେଷ୍ଟା କରୁଛନ୍ତି ଭି.କେ ପାଣ୍ଡିଆନ। ସବୁଠୁ ବଡ଼ କଥା ହେଉଛି ବିଜେଡି କାହିଁକି ହାରିଲା ? କ'ଣ ପାଇଁ ଏତେ ବଡ଼ ବିପର୍ଯ୍ୟୟ ଭୋଗିଲା ଦଳ ? କେଉଁଠି ରହିଗଲା ତ୍ରୁଟି ? କେଉଁ କାରଣରୁ ପରାଜୟର ବାଟ ଦେଖାଇଲେ ଜନତା ? ନବୀନଙ୍କ ଚେହେରାରେ ବିଜେଡି ୫ ଥର ୫ ଥର ବିଜୟୀ ହୋଇଥିଲା। କିନ୍ତୁ ଷଷ୍ଠ ପାଳି ବେଳକୁ ନବୀନ ନୁହେଁ ବରଂ ପାଣ୍ଡିଆନ ପାଲଟିଗଲେ ବିଜେଡିର ପ୍ରମୁଖ ଚେହେରା। ପୁରା ନିର୍ବାଚନ ପ୍ରଚାରରେ ନବୀନ କାଁ ଭାଁ ଦେଖାଯାଇଥିବାବେଳେ ସବୁଠି ଛାଇ ରହିଲେ ପାଣ୍ଡିଆନ। କୁହାଯାଉଛି ପାଣ୍ଡିଆନଙ୍କ ପ୍ରତି ଦୁର୍ବଳତା ନବୀନଙ୍କ ଷଷ୍ଠ ପାଳି ଆଶାକୁ କରିଦେଲା ଚୁନା।

# ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ପ୍ରସ୍ତୁତି ବୈଠକ

**ନୂଆଦିଲ୍ଲୀ,(ପିଆଇବି) :** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଆୟୁଷ ମନ୍ତ୍ରଣାଳୟ ଆନ୍ତର୍ଜାତିକ ଯୋଗ ଦିବସ (ଆଇଡିଓ୍ୱାଇ) ୨୦୨୪ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ (ଆଇ ଆଣ୍ଡ ବି) ସଚିବ ସଞ୍ଜୟ ଜାଜୁ ଏବଂ ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା ଜୁନ୍ ୨୧ ତାରିଖରେ ପାଳନ କରାଯାଉଥିବା ଆଗାମୀ ଆଇଡିଓ୍ୱାଇ ୨୦୨୪ ପାଇଁ ଗଣମାଧ୍ୟମ ଏବଂ ପ୍ରସାରଣ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ମିଡିଆ ୟୁନିଟ୍ ଗୁଡ଼ିକ ଯୋଗ ଅଭ୍ୟାସର ଉପକାରିତା ବିଷୟରେ ସଚେତନତା ସହିତ ସାଧାରଣ ଯୋଗ ପ୍ରୋଟୋକଲ୍ (ସିଓ୍ୱାଇପି) ବିଷୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ପତ୍ର ସୂଚନା କାର୍ଯ୍ୟାଳୟ, ପ୍ରସାର ଭାରତୀ, ନ୍ୟୁ ମିଡିଆ ୱିଙ୍ଗ୍ ସମେତ ବିଭିନ୍ନ ଗଣମାଧ୍ୟମ ୟୁନିଟ୍ ଗୁଡିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଯୋଜନା କରୁଛନ୍ତି। ସାର୍ବଜନିନ ପ୍ରସାରକ , ପ୍ରସାର ଭାରତୀ ଦୂରଦର୍ଶନ (ଡିଡି) / ଅଲ ଇଣ୍ଡିଆ ରେଡିଓ (ଏଆଇଆର) ନେଟଓ୍ୱାର୍କ ମାଧ୍ୟମରେ ବିଭିନ୍ନ



କାର୍ଯ୍ୟକ୍ରମର ପ୍ରସାରଣ କରିବ।ଦୂରଦର୍ଶନ ଯୋଗ ବିଶେଷଜ୍ଞଙ୍କ ସହ କାର୍ଯ୍ୟକ୍ରମ/ ସାକ୍ଷାତକାର ପ୍ରସାରଣ କରିବା ସହିତ ସ୍ୱତନ୍ତ୍ର ସକାଳ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରିବ। ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱୟଂଶାସିତ ଅନୁଷ୍ଠାନ 'ମୋରାରଜୀ ଦେଶାଇ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଯୋଗ'ର ସହଯୋଗରେ ଆକାଶବାଣୀ ଯୋଗକୁ ଜୀବନଶୈଳୀ ଭାବରେ ପ୍ରୋତ୍ସାହିତ କରିବା ଏବଂ ଲୋକଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ପ୍ରସାରଣ କରିବ। ଆୟୁଷ ମନ୍ତ୍ରଣାଳୟ ଏକ 'ଯୋଗ ଗୀତ' ପ୍ରସ୍ତୁତ କରିଛି, ଯାହାକୁ ସମସ୍ତ ଗଣମାଧ୍ୟମ ପ୍ଲାଟଫର୍ମରେ ପ୍ରସାରଣ କରାଯିବ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଗଣମାଧ୍ୟମ ସମ୍ମାନ (ଏଓ୍ୱାଇଡିଏମ୍ଏସ୍) ମାଧ୍ୟମରେ ଘରୋଇ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବାର ପ୍ରୟାସ ଜାରି ରଖିବ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଯୋଗର ବାର୍ତ୍ତା ପ୍ରଚାର ପ୍ରସାରରେ ଛାପା ଗଣମାଧ୍ୟମ, ଟିଭି ଏବଂ ରେଡିଓ ଗଣମାଧ୍ୟମ ସଂସ୍ଥା / କମ୍ପାନୀର ଅବଦାନକୁ ସ୍ୱୀକୃତି ଦେବା ପାଇଁ ୨୦୨୩ ଜୁନ୍ ୯ ତାରିଖରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ମିଡିଆ ସମ୍ମାନ (ଏଓ୍ୱାଇଡିଏମଏସ) ପ୍ରତିଷ୍ଠା କରିଥିଲା । ବିଭିନ୍ନ ବର୍ଗରେ, ଯଥା :'ସମ୍ବାଦପତ୍ରରେ ଯୋଗରେ ଶ୍ରେଷ୍ଠ ଗଣମାଧ୍ୟମ ପ୍ରକାଶନ', 'ବୈଦ୍ୟୁତିକ ଗଣମାଧ୍ୟମ (ଟିଭି) ରେ ଯୋଗରେ ଶ୍ରେଷ୍ଠ ଗଣମାଧ୍ୟମ ପ୍ରସାରଣ, ବୈଦ୍ୟୁତିକ ଗଣମାଧ୍ୟମ (ରେଡିଓ)' ରେ ଯୋଗରେ ଶ୍ରେଷ୍ଠ ଗଣମାଧ୍ୟମ ପ୍ରସାରଣ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଚଳିତ ବର୍ଷର ଉତ୍ସବ ଶେଷ ହେବା ପରେ ପରବର୍ତ୍ତୀ ସମୟରେ ଗତବର୍ଷର ପୁରସ୍କାର ସହ ଚଳିତ ବର୍ଷର ପୁରସ୍କାର ପ୍ରଦାନ କରାଯିବ। ନ୍ୟୁ ମିଡିଆ ୱିଙ୍ଗ୍ (ଏନ୍ଏମ୍ଡବ୍ଲ୍ୟୁ) ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସୋସିଆଲ ମିଡିଆ ଆକାଉଣ୍ଟ୍ ଜରିଆରେ 'ପରିବାର ସହିତ ଯୋଗ' ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରିବ, ଯେଉଁଥିରେ ପରିବାରଗୁଡ଼ିକ ପାଇଁ ଏକାଠି ଯୋଗ କରିବା ଏବଂ ଯୋଗ ଗୀତ ବ୍ୟବହାର କରି ରିଲ୍ ଅପଲୋଡ୍ କରିବା ପାଇଁ ଚ୍ୟାଲେଞ୍ଜ ରହିବ। ଏକ 'ଯୋଗ କୁଇଜ୍ - ଗେସ୍ ଦି ଆସନ' (ଆସନକୁ ଚିହ୍ନଟ କର) ମଧ ଆୟୋଜନ କରାଯିବ। ଆଇଡିଓ୍ୱାଇ ୨୦୨୪ ପଦ୍ମାଷ୍ଟ ମୁକ୍ତିଲାଭ କରିବ। ଏହାବ୍ୟତୀତ, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ମିଡିଆ ୟୁନିଟ୍ ଏବଂ ସଂଗଠନ ଆଇଡିଓ୍ୱାଇର ଅଗ୍ରଣୀ ଭାବରେ ଯୋଗ ଉପରେ ଅଧିବେଶନ / କର୍ମଶାଳା ଆୟୋଜନ କରିବେ। କର୍ମଚାରୀଙ୍କ ମଧ୍ୟରେ ଯୋଗ ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ଚଳିତ ବର୍ଷ ଯୋଗ ଶିବିର, ସେମିନାର ଇତ୍ୟାଦି ଆୟୋଜନ କରାଯିବ।

# ୬ ମାସ ଛୁଟିରେ ଗଲେ ସୁଜାତା କାର୍ତ୍ତିକେୟନ୍

**ଭୁବନେଶ୍ୱର :** ଝିଅର ଦଶମ ଶ୍ରେଣୀ ପରୀକ୍ଷା ପ୍ରସ୍ତୁତି ପାଇଁ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁଜାତା ଆର୍ କାର୍ତ୍ତିକେୟନ୍ ୬ ମାସ ପାଇଁ ଛୁଟିରେ ଯାଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୦୦ ବ୍ୟାଚ୍ ଆଇଏଏସ୍ ଗତ ୩୧ ତାରିଖ ଠାରୁ ଛୁଟିରେ ଅଛନ୍ତି। ଝିଅର ଦଶମ ଶ୍ରେଣୀ ପରୀକ୍ଷା ଥିବାରୁ ତା'ର ପ୍ରସ୍ତୁତି ପାଇଁ ସେ ଆସନ୍ତା ନଭେମ୍ବର ୩୧ ତାରିଖ ଯାଏଁ ଛୁଟିରେ ରହିବେ। ସୂଚନାଯୋଗ୍ୟ, ଚଳିତ ସାଧାରଣ ନିର୍ବାଚନ-୨୦୨୪ରେ ବିଜୁ ଜନତା ଦଳ (ବିଜେଡି) ପାଇଁ ସୁଜାତା କାର୍ତ୍ତିକେୟନ୍ ଏଜେଣ୍ଟ ଭଳି କାମ କରୁଛନ୍ତି ବୋଲି ଭାରତୀୟ ଜନତା ପାର୍ଟି (ବିଜେପି) ଭାରତୀୟ ନିର୍ବାଚନ କମିସନ୍ଙ୍କ



ନିକଟରେ ଗତମାସ ଅଭିଯୋଗ ଆଣିଥିଲା। ଏହା ପରେ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ମିଶନ ଶକ୍ତି ବିଭାଗରୁ ଅର୍ଥ ବିଭାଗକୁ ବଦଳି ହୋଇଥିଲା।





# ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର :** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ଠାରେ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠ ଖଇରାର ବରିଷ୍ଠ ଶିକ୍ଷକ ଡ. ନାରାୟଣ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ହୁଲେଶ୍ୱର ହଂସ, କୋଷାଧ୍ୟକ୍ଷ ଦୀପକ କୁମାର ଯାଦବ, ସଦସ୍ୟ ସୁଶାନ୍ତ ବେହେରା, ରାଧେଶ୍ୟାମ ମେହେର, ଦୀପକ ପାଣିଗ୍ରାହୀ, ରାମଚନ୍ଦ୍ର ରଣା, ଆଇନଜୀବୀ ସନ୍ତୋଷ କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ରହି ଉପଢୌକନ, ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଆଦର୍ଶ ଶିକ୍ଷକ ଭାବରେ ରାଜ୍ୟପାଳ



ପୁରସ୍କାର ଗ୍ରହଣ କରିଥିଲେ। ଛାତ୍ର ବତ୍ସଳତା, ସମାଜ ସୁଧାରକ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ମତ ପ୍ରକାଶ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି। ଶ୍ରୀ ମିଶ୍ର ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘର ଜଣେ ଶୁଭେଚ୍ଛୁ ଅଛନ୍ତି। ସବୁବେଳେ ସାମ୍ବାଦିକ ମାନଙ୍କୁ ଉତ୍ସାହିତ କରିଆସୁଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁତ ଲୋକ ଉପସ୍ଥିତ ଥିଲେ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**